

ନୀରଜଙ୍କୁ ମିଳିଲା ଭାରତୀୟ ସେନାରେ ବଡ଼ ପଦବୀ — ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 53 | ଭାଗ ୩୪ | ସଂଖ୍ୟା ୫୩ Bhubaneswar | Friday 16 May 2025 | Page 8 Rs. 4.00 ● ଭୁବନେଶ୍ୱର ଶୁକ୍ରବାର ୧୬ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଏନ୍‌କାଉଣ୍ଟର୍‌ରେ ୩ ଜୈଶ ଆତଙ୍କୀ ନିପାତ



**ଶ୍ରୀନଗର,୧୫।୫:** ସୁରକ୍ଷା ବାହିନୀ ଗୁଳିରେ ଟଳିଲେ ୩ ଜୈଶ-ଏ-ମହମ୍ମଦ (ଜେଇଏମ୍) ଆତଙ୍କୀ। ଜମ୍ମୁ-କାଶ୍ମୀରର ପୁଲୱାମା ଜିଲ୍ଲା ଅନ୍ତର୍ଗତ ଅବନ୍ତିପୋରାରେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ଏହି ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଜଣେ ପୁଲିସ ଅଧିକାରୀଙ୍କ କହିବାନୁସାରେ, ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ନିର୍ଦ୍ଦିଷ୍ଟ ସୂତ୍ରରୁ ସୂଚନା ମିଳିବା ପରେ ସୁରକ୍ଷା ବାହିନୀ ଦକ୍ଷିଣ କାଶ୍ମୀରର ଅବନ୍ତିପୋରାର ନାଦେର ତ୍ରାଲ୍ ଅଞ୍ଚଳରେ କର୍ଡନ୍ କରିବା ସହ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ପରେ ସୁରକ୍ଷାକର୍ମୀମାନେ ଉକ୍ତ ଆତଙ୍କୀମାନଙ୍କୁ ନିପାତ କରିବାରେ ସକ୍ଷମ ହୋଇଥିବା ଭାରତୀୟ ସେନାର ଚିନାର କର୍ପସ ଅଫିସିଆଲ୍ 'ଏକ୍ସ' ହ୍ୟାଣ୍ଡଲରେ ପୋଷ୍ଟ କରିଛନ୍ତି। ଏନକାଉଣ୍ଟର ଖବରର ପୁଷ୍ଟି କରି ➪ପୃଷ୍ଠା-୬

## ଅଦିନିଆ ବର୍ଷା ଏବେ ରାଜ୍ୟଭିତ୍ତିକ ବିପର୍ଯ୍ୟୟ

- ପୂର୍ବରୁ ୮ ବିପର୍ଯ୍ୟୟ ଏହି ତାଲିକାଭୁକ୍ତ ହୋଇଛି
- ମୁକାବିଲା ପାଣ୍ଠିରୁ ୧୦% ଅର୍ଥ ଖର୍ଚ୍ଚ ହେବ



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ଅଦିନିଆ ବର୍ଷାକୁ ରାଜ୍ୟ ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ (ଏସ୍‌ଏସ୍‌ଡି)) ଭାବେ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ଏଣିକି ରାଜ୍ୟର ଚାଷୀମାନେ ଅଦିନିଆ ବର୍ଷା ପାଇଁ କ୍ଷତିଗ୍ରସ୍ତ ହେଲେ ସେମାନଙ୍କୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରୁ ସହାୟତା ପ୍ରଦାନ କରାଯାଇପାରିବ। ଏସ୍‌ଡିଆର୍‌ଏଫ୍‌ର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦ ପ୍ରତିଶତ ଅର୍ଥ ଏଥିପାଇଁ ଖର୍ଚ୍ଚ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ➪ପୃଷ୍ଠା-୬

### ବୀର ଯବାନଙ୍କ ମନୋବଳ ବଢ଼ାଇଲେ ପ୍ରତିରକ୍ଷା ମନ୍ତ୍ରୀ

## ପାକ୍ ହାତରେ ଆଣବିକ ଅସ୍ତ୍ର ସୁରକ୍ଷିତ ତ!



**ଶ୍ରୀନଗର,୧୫।୫:** ଅପରେସନ ସିନ୍ଦୂରର ବଡ଼ ସଫଳତା ଏବଂ ଭାରତ-ପାକିସ୍ତାନ ଅସ୍ତ୍ରବିରତି ପରେ ଶ୍ରୀନଗର ଯାଇ ଯବାନଙ୍କୁ ଭେଟିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ବାଦାମୀବାଗ୍ କ୍ୟାଣ୍ଟନମେଣ୍ଟରେ ବୀର ଯବାନଙ୍କ ସାହସକୁ ସଲାମ୍ କରିବା ସହ ସେମାନଙ୍କ ମନୋବଳ ବଢ଼ାଇଛନ୍ତି। ଏଥିସହ ସେ ପାକିସ୍ତାନ ଉପରେ ବର୍ଷିଥିଲେ। ବିଶେଷକରି ପାକିସ୍ତାନ ହାତରେ ଆଣବିକ ଅସ୍ତ୍ର ଥିବା ବେଳେ ଏପରି ଏକ ଦାୟିତ୍ୱହୀନ ଓ ସମ୍ବେଦନହୀନ ରାଷ୍ଟ୍ର ହାତରେ ଏପରି ଏକ ଘାତକ ଅସ୍ତ୍ର ସୁରକ୍ଷିତ କି ବୋଲି ଅନ୍ତର୍ଜାତୀୟ ସମୁଦାୟକୁ ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି ଯେ ନିକଟରେ ଭାରତ ବିପକ୍ଷ ଯୁଦ୍ଧରେ ପାକିସ୍ତାନ ପରମାଣୁ ଆକ୍ରମଣ କରିବା ନେଇ ଧମକ ଦେଇଥିଲା। ଏହି ଦେଶ ସବୁବେଳେ ଆତଙ୍କବାଦକୁ ସମର୍ଥନ କରିଆସିବା ସହ ଭାରତର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଆସିଛି। କିନ୍ତୁ ଏହି ଦେଶ କଦାପି ଆଣବିକ ଅସ୍ତ୍ରର ଉପଯୁକ୍ତ ରକ୍ଷଣାବେକ୍ଷଣ କରିପାରିବ ନାହିଁ। ତେଣୁ ପାକିସ୍ତାନର ପରମାଣୁ ଅସ୍ତ୍ରଗୁଡ଼ିକୁ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ଆଇଏଇଏର ତତ୍ତ୍ୱାବଧାନରେ ଆଣିବା ଉଚିତ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଅତୀତରେ ସମଗ୍ର ବିଶ୍ୱ ଦେଖିଛି ଯେ ପାକିସ୍ତାନ କେତେଥର ଦାୟିତ୍ୱହୀନ ଭାବରେ ଭାରତକୁ ପରମାଣୁ ଧମକ ଦେଇଛି। ଆଜି ଶ୍ରୀନଗର ଭୂମିରୁ ମୁଁ ସମଗ୍ର ବିଶ୍ୱ ସମ୍ମୁଖରେ ଏହି ପ୍ରଶ୍ନ ଉଠାଇବାକୁ ଚାହୁଁଛି ଏପରି ଏକ ଦାୟିତ୍ୱହୀନ ଏବଂ ଦୁର୍ଜନ ରାଷ୍ଟ୍ର ହାତରେ ପରମାଣୁ ଅସ୍ତ୍ର ସୁରକ୍ଷିତ କି? ବୋଲି ଶ୍ରୀ ସିଂହ ପ୍ରଶ୍ନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଅପରେସନ ସିନ୍ଦୂରକୁ ଇତିହାସରେ ଆତଙ୍କବାଦ ବିରୁଦ୍ଧରେ ଭାରତ ଦ୍ୱାରା ନିଆଯାଇଥିବା ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଭାବରେ ବର୍ଣ୍ଣନା କରିଛନ୍ତି। ➪ପୃଷ୍ଠା-୬

### ସିଡିଓ ଓ ବିଡିଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁମନ୍ତ୍ର

## ଜନତାଙ୍କ ସେବକ ହୋଇ କାମ କର

- ଶେଷ ଧାଡ଼ିର ଲୋକଙ୍କୁ ସବୁ ସୁବିଧା ସରକାରଙ୍କ ଲକ୍ଷ୍ୟ
- ସରକାର ଓ ଲୋକଙ୍କ ଭିତରେ ଥିବା ସେତୁକୁ ପ୍ରଶସ୍ତ କରିବାକୁ ପରାମର୍ଶ
- ଦୁର୍ନୀତି କି ଅବହେଳାକୁ ବରଦାସ୍ତ କରାଯିବନି



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ବ୍ଲକଗୁଡ଼ିକ ହେଉଛି ଆମ ପ୍ରଶାସନିକ ସଫଳତାର ଦର୍ପଣ। ଯଦି ବ୍ଲକଗୁଡ଼ିକ ଦକ୍ଷତାର ସହ କାମ କରିବେ ଏବଂ ଲୋକମାନେ ସବୁ ଯୋଜନାର ସୁଫଳ ପାଇବେ, ତା'ହେଲେ ଏହା ସରକାରଙ୍କ ଦକ୍ଷତାର ପ୍ରମାଣ ହେବ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟି ଯେପରି ସବୁ ମୌଳିକ ସୁବିଧା ପାଇପାରିବ, ଏହା ହିଁ ସରକାରଙ୍କ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ସମ୍ମିଳନୀରେ ମତ ଦେଇଛନ୍ତି। ଏଥିସହ ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା ପ୍ରତିଟି ଅଧିକାରୀ ଜନତାଙ୍କ ସେବକ ଭାବେ କାମ କରିବା ସକାଶେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜିଲ୍ଲାରେ ସବୁ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ସରକାରଙ୍କ ସଫଳତା ନିର୍ଭରଶୀଳ। ବ୍ଲକ ସ୍ତରରେ ହିଁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ଜନସାଧାରଣଙ୍କ ପାଖରେ ପହଞ୍ଚିଥାଏ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କୁ ବାଦ୍ ଦେଇ ସିଡିଓ ଏବଂ ବ୍ଲକ୍ ସ୍ତରରେ ବିଡିଓଙ୍କ ଗୁରୁଦାୟିତ୍ୱ ରହିଛି। ଆପଣମାନେ କ୍ଷେତ୍ର ସ୍ତରରେ ଲୋକଙ୍କ ସହ ସିଧାସଳଖ ମିଶନ୍ତି। ସେମାନଙ୍କର ସୁବିଧା ଅସୁବିଧା ଜାଣନ୍ତି। ତେଣୁ ମୁଖ୍ୟ କଥା ହେଉଛି, ସରକାରଙ୍କ ସବୁ ଯୋଜନାକୁ ଆପଣମାନେ ଲୋକଙ୍କ ପାଖକୁ ଠିକ୍ ଭାବରେ ପହଞ୍ଚାନ୍ତୁ। ସେମାନଙ୍କୁ କୌଣସି ପରିସ୍ଥିତିରେ ଦୟାର ପାତ୍ର ବୋଲି ଭାବିବେ ନାହିଁ। ଯୋଜନାଗୁଡ଼ିକ କେବଳ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଏହା ସେମାନଙ୍କ ଅଧିକାର। ସରକାର ଓ ଲୋକଙ୍କ ଭିତରେ ଆପଣମାନେ ହେଉଛନ୍ତି ସେତୁ। ଉକ୍ତ ସେତୁ ସୁଦୃଢ଼ ଓ ପ୍ରଶସ୍ତ ହେଲେ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ହୁଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଣମାନେ ନିଜକୁ ଜନସେବକ ଭାବି କାମ କରନ୍ତୁ। ପ୍ରଧାନମନ୍ତ୍ରୀ ➪ପୃଷ୍ଠା-୬

### କେଭିର ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟିତ

## କୃଷି ଆଧାରିତ ଅଞ୍ଚଳ ହେବ ଆଠମଲ୍ଲିକ: ଧର୍ମେନ୍ଦ୍ର



୧୩୯ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ

**ଆଠମଲ୍ଲିକ,୧୫।୫(ସଂଚାର ବ୍ୟୁରୋ):** ଶିକ୍ଷା କ୍ଷେତ୍ରରେ ଆଠମଲ୍ଲିକ ହେଉଛି ଅଗ୍ରଣୀ ଅଞ୍ଚଳ। ସେହି ପରମ୍ପରାକୁ ଆଗକୁ ନେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଆଠମଲ୍ଲିକ ସବ୍‌ଡିଭିଜନରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାର ଜନଆକାଂକ୍ଷା ଆଜି ପୂରଣ ହୋଇଛି ବୋଲି ଏହାର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ଓ ସ୍ଥାୟୀ କ୍ୟାମ୍ପସର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକଠାରେ କେନ୍ଦ୍ରୀୟ ବିଦ୍ୟାଳୟ, ଆଠମଲ୍ଲିକର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ କରିବା ସହ ଟାଙ୍ଗିଆନିଶାଠାରେ ଏହାର ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଠମଲ୍ଲିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ପାଖାପାଖି ୧୦୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଉଦଘାଟିତ ହୋଇଛି। ଟାଙ୍ଗିଆନିଶାଠାରେ କେନ୍ଦ୍ରୀୟ ବିଦ୍ୟାଳୟ, ଆଠମଲ୍ଲିକ ➪ପୃଷ୍ଠା-୬

## ଆକ୍ରୋଶ ରାଜନୀତିକୁ ମୋହନଙ୍କ ନା'

- ଟେଲିଫୋନ୍ ଟ୍ୟାପିଂ ବଦଳରେ ବିକାଶକୁ ଗୁରୁତ୍ୱ
- ବିଜେଡି କରିଥିଲା ଟେଲିଫୋନ ଟ୍ୟାପିଂ



**ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶାର ଏଜେଣ୍ଡାକୁ ଧରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗକୁ ବଢୁଥିବା ବେଳେ ଆକ୍ରୋଶମୂଳକ ରାଜନୀତିକୁ ନା' କରିଛି ବିଜେପି। ବିଶେଷକରି ପ୍ରତିପକ୍ଷଙ୍କ ସ୍ୱରକୁ ଚାପିବା ପାଇଁ ପୂର୍ବତନ ବିଜେଡି ସରକାର ଯେଭଳି ଫୋନ୍ ଟ୍ୟାପିଂକୁ ଏକ ଅସ୍ତ୍ର କରିଥିଲା, ବିଜେପି ତା'ଠାରୁ ଢେର ଦୂରରେ ରହିଛି। ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ତଥ୍ୟରୁ ଜଣାଯାଇଛି ଯେ ପ୍ରତିପକ୍ଷଙ୍କୁ ଦମନ ପାଇଁ ବିଜେଡି ଫୋନ ଟ୍ୟାପିଂରେ ଲିପ୍ତ ଥିଲା । ନିର୍ବାଚନ ଯେତିକି ପାଖେଇ ଆସୁଥିଲା, ବିରୋଧୀଙ୍କ ଉପରେ ନଜର ରଖିବା ପାଇଁ ବିଜେଡି ଏହି କୌଶଳ ଆପଣେଇଥିବା ବେଳେ ବିଜେପି ସରକାର କିନ୍ତୁ ଏଭଳି ➪ପୃଷ୍ଠା-୬

### ସଂଖ୍ୟାଲଘୁ ସଂରକ୍ଷଣ ବିବାଦ

## ସୈତାନ ମୁହଁରେ ବେଦପାଠ

**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ରାଜ୍ୟ କ୍ୟାବିନେଟ ବୁଧବାର ଆର୍ଥିକ ଓ ସାମାଜିକ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷାରେ ନାମଲେଖା ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ କରିବା ପରେ ଏବେ ବିଜେଡି ନେତାମାନେ ସମାଲୋଚନା କରିବା ଆରମ୍ଭ କରିଦେଇଛନ୍ତି। ବିଜେଡି ବିଧାୟକ ଅରୁଣ ସାହୁ, ଯିଏ ଏବେ ଦଳର ପଛୁଆ ବର୍ଗ ସେଲର ଆବାହକ ଅଛନ୍ତି ସେ ଗଳା ଫଟେଇ କହୁଛନ୍ତି ଏହା ରାଜ୍ୟ ସରକାରଙ୍କ ପ୍ରହେଳିକା ବୋଲି। ଅରୁଣଙ୍କ ଏଭଳି ସମାଲୋଚନା ଏବେ ସମୀକ୍ଷକଙ୍କ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଅବଶ୍ୟ ଅରୁଣଙ୍କ ସମାଲୋଚନା ଛୁରୀର ଦୁଇ ପଟେ ଧାର ପରି। ସେ ବିଜେପି ସରକାରକୁ ଆକ୍ଷେପ କରି କହୁଥିବା ବେଳେ ନିଜ ଦଳ ଆଡ଼କୁ ମଧ ଇଙ୍ଗିତ କରୁଛନ୍ତି। ଗତ ୨୪ ବର୍ଷ ଧରି ବିଜେଡି ଶାସନରେ ଥିଲା। ସେ ସମୟରେ ମଧ ବାରମ୍ବାର ପଛୁଆ ବର୍ଗ ସଂରକ୍ଷଣ ଦାବି ଉଠୁଥିଲା। ନା ସରକାର ନା ଅରୁଣ କେହି ତ ସଂଖ୍ୟାଲଘୁଙ୍କୁ ନ୍ୟାୟ ଦେବାକୁ ଅଣ୍ଟା ଭିଡୁନଥିଲେ। ନା ଅରୁଣ ସେ ସମୟରେ ଜାଣିପାରୁନଥିଲେ ଯେ ସଂଖ୍ୟାଲଘୁଙ୍କ ପ୍ରତି ଅନ୍ୟାୟ ହେଉଛି ବୋଲି। ରାଜ୍ୟରେ ବିଜେଡି ସରକାରରେ ଥିବା ବେଳେ ମଧ ଜାତୀୟ ସ୍ତରରେ ପଛୁଆ ବର୍ଗକୁ ୨୭ ପ୍ରତିଶତ ସଂରକ୍ଷଣ ଦିଆଯାଉଥିଲା। କିନ୍ତୁ ଓଡିଶାରେ ଆଦୌ ସଂରକ୍ଷଣ ନଥିଲା।

ବୃତ୍ତିଗତ ଶିକ୍ଷାଠୁ ଆରମ୍ଭ କରି ଚାକିରି କ୍ଷେତ୍ରରେ ପଛୁଆ ବର୍ଗ ସେ ସମୟରେ ବି ଉପେକ୍ଷିତ ହେଉଥିଲେ। ଯେଉଁ ସାଧାରଣ ବର୍ଗକୁ ଏବେ ଅରୁଣ କଣଠେସା କରିବାକୁ ଚେଷ୍ଟା କରୁଛନ୍ତି ସେଇ ସାଧାରଣ ବର୍ଗ ହିଁ ଥିଲେ ଅରୁଣଙ୍କ ଗେହ୍ଲାପୁଅ। ଏବେ ଜନସଂଖ୍ୟା ଆଧାରରେ ସଂରକ୍ଷଣ ଦାବି କରୁଛନ୍ତି, ବିଜେଡି ନିରଙ୍କୁଶ ➪ପୃଷ୍ଠା-୬

## ତ୍ରିମୂର୍ତ୍ତୀ ମେଣ୍ଟକୁ ଛିନଛତ୍ର କରିଦେଲେ ନବୀନ







- କ୍ରୀତଦାସ ବନିଲେ ମୋହରା
- ଗୌଣ ହେଲେ କରିତକର୍ମା

**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ବିଜେଡି ଗଠନ ପରଠାରୁ ଦଳର ସବୁ ନିଷ୍ପତ୍ତି ଆଉ କିଏ ନିଏ, କିନ୍ତୁ ନବୀନ ପଟ୍ଟନାୟକ ସର୍ବେସର୍ବା ବୋଲି କୁହାଯାଏ। ତେଣୁ ପୂର୍ବରୁ ଯାହା ହେଉଥିଲା ଏବେ ମଧ ସେଇ ନ୍ୟାୟରେ ବିଜେଡିର ଯେଉଁ ନୂଆ ଟିମ ହୋଇଛି ତା'ର ରୂପରେଖ ଆଉ କିଏ ତିଆରି କରିଛି। ହେଲେ କୁହାଯାଉଛି ନବୀନଙ୍କ ଟିମ। ତେଣୁ ଆମେ ମଧ ସେଇ ନ୍ୟାୟରେ କହୁଛୁ ଯେ ବିଜେଡିର କରିତକର୍ମା ତ୍ରିମୂର୍ତ୍ତୀଙ୍କ ମେଣ୍ଟକୁ ନବୀନଙ୍କ ସଫଳତାର ସହ ଭାଙ୍ଗିଦେଇଛନ୍ତି।

୨୦୦୦ରୁ ବିଜେଡିରେ ଅତନୁ-ଅରୁଣ-ସଞ୍ଜୟ ତ୍ରିମୂର୍ତ୍ତୀ ମେଣ୍ଟର ଥିଲା ଅଖଣ୍ଡ ପ୍ରଭାବ। ଏମାନେ ଭିନ୍ନ ଭିନ୍ନ ସମୟରେ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ୩ ଜଣ ବହୁ ସମୟରେ ବିଜେଡି ପାଇଁ କ୍ରାଇସିସ୍ ମ୍ୟାନେଜର ମଧ ସାବ୍ୟସ୍ତ ହୋଇଛନ୍ତି। ଏହି ତିନି ଜଣ ଏକଦା ବେଶ ଘନିଷ୍ଠ ବନ୍ଧୁ ବି ଥିଲେ। ଅବଶ୍ୟ ୨୦୧୪ ପରେ ଅତନୁ-ଅରୁଣ-ସଞ୍ଜୟଙ୍କ ମଧରେ ମଝିରେ ମଝିରେ ମନୋମାଳିନ୍ୟ ହେଉଥିଲେ ବି ➪ପୃଷ୍ଠା-୬

### ମୁନ୍ନାଙ୍କ କାନ୍ଧରେ ଅସନ୍ତୁଷ୍ଟଙ୍କ ବନ୍ଧୁକ



ବିଜେଡି ସାଂସଦ ତଥା ସଂଖ୍ୟାଲଘୁ ପୋଷ୍ଟରବୟ ମୁନ୍ନା ଖାଁ ଏବେ ନବୀନ ପଟ୍ଟନାୟକଙ୍କ ତଣ୍ଟିରେ କଣ୍ଟା ହୋଇ ଲାଗିଛନ୍ତି। ନବୀନ ନା ତାଙ୍କୁ ଢୋକି ପାରୁଛନ୍ତି ନା ଥୁକିପାରୁଛନ୍ତି। ଆଉ ଏହାର ଫାଇଦା ନେଇ ମୁନ୍ନା ଖାଁ ବି ତୋଡ଼ ଦେଖାଇବା ଆରମ୍ଭ କରିଦେଇଛନ୍ତି। ଆଉ ଏହାର ସୁଯୋଗ ନେଇ ଦଳର ଅସନ୍ତୁଷ୍ଟମାନେ ତାଙ୍କ କାନ୍ଧରେ ବନ୍ଧୁକ ରଖି ଏବେ ନବୀନଙ୍କ ଗୋଷ୍ଠୀକୁ ନିଶାଣ କରୁଛନ୍ତି। ବିଜେଡିର ନୂଆ ଟିମ ଗଠନ ହେବାକୁ ଇତିମଧରେ ଦୁଇ ସପ୍ତାହ ବିତିଗଲାଣି। ଏତେଦିନ ପରେ ହଠାତ ମୁନ୍ନା ଖାଁ କାହିଁକି ନିଜ ପଦକୁ ➪ପୃଷ୍ଠା-୬

## କୃଷି ଓଭର୍‌ସିଅରଙ୍କ ମାସିକ ଗସ୍ତ ଭତ୍ତା ୧୫୦୦

### ଉପକୃତ ହେବେ ୧୨୫୭ ଅଧିକାରୀ

**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** କୃଷି ଓଭର୍‌ସିଅରମାନଙ୍କ ମାସିକ ଗସ୍ତ ଭତ୍ତା ୪୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିର ଫାଇଦା ୧୨୫୭ ଜଣ କୃଷି ଓଭରସିଅର୍‌ଙ୍କୁ ମିଳିବ। କୃଷି ଓଭର୍‌ସିଅରମାନଙ୍କୁ ଅତି କମରେ ୨୦ ଦିନ ଗସ୍ତ କରିବାକୁ ପଡ଼ିଥାଏ। ପୂର୍ବରୁ ସେମାନଙ୍କ ମାସିକ ଗସ୍ତଭତ୍ତା ୩୦୦ ଟଙ୍କା ଥିବା ବେଳେ ୨୦୨୩ରେ ଏହା ୪୫୦ ଟଙ୍କାକୁ ବଢ଼ିଥିଲା। ତେବେ ଏହାପରେ ସମାନ ସ୍ତରରେ ଥିବା ଅଧିକାଂଶ ପଦବୀଗୁଡ଼ିକର ମାସିକ ଗସ୍ତଭତ୍ତା ବୃଦ୍ଧି ପାଇଥିବା ବେଳେ କୃଷି ଓଭର୍‌ସିଅରମାନଙ୍କ ଭତ୍ତା ଅପରିବର୍ତ୍ତିତ ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ସଦ୍ୟ ଏହି ନିଷ୍ପତ୍ତି ଦ୍ୱାରା କୃଷି ଓଭର୍‌ସିଅରମାନେ ନିୟମିତ ଭାବେ ଗସ୍ତ କରିବା ପାଇଁ ପ୍ରୋତ୍ସାହିତ ହେବେ। ରାଜ୍ୟରେ ସମୁଦାୟ ୧୫୬୭ଟି କୃଷି ଓଭର୍‌ସିଅର ପଦବୀ ଥିବା ବେଳେ ବର୍ତ୍ତମାନ ୧୨୫୭ ଜଣ କାର୍ଯ୍ୟରତ ଅଛନ୍ତି।



### କାନ ଡେରିଥା

ମୁରୁଖକୁ ପରା ଯେତେ ବୁଝାଇଲେ
ସିଏ କି ପଣ୍ଡିତ ହୋଇବ
ଆତଙ୍କୀ ବୁଦ୍ଧିଟା କେବେବି ଯିବନି
କୁକୁର ପରିସ୍ରା ପିଇବ
ଇଏ ପରା ତାଙ୍କ ଭାବ...
ମଣିଷ ଜାତିଟା ଗୋଟିଏ ଧରମ
ସିଏ ବା କାହୁଁ ବୁଝିବ
ଖାଲି କହୁଛି ମାରିବ!

■ ଦେବାଶିଷ

## ଓପିଜିସି ପାଉଁଶ ପୋଖରୀ ଭାଙ୍ଗୁଛି କାହିଁକି?

### ହେଉନି କାର୍ଯ୍ୟାନୁଷ୍ଠାନ, ଖସୁଛନ୍ତି ଦୋଷୀ
### ମରାମତି ନାଁରେ ଚାଲିଛି ହାତ ଚିକ୍କଣ



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ଦେଢ ବର୍ଷ ଭିତରେ ପୁଣିଥରେ ଭାଙ୍ଗିଛି ଓପିଜିସିର ପାଉଁଶ ପୋଖରୀ। ଏଭଳି ଘଟଣାକୁ ଚାପିବା ପାଇଁ କର୍ତ୍ତୃପକ୍ଷ ଲାଗି ପଡ଼ିଥିବାବେଳେ ପାଉଁଶ ପୋଖରୀ କାହିଁକି ଭାଙ୍ଗୁଛି ଏବଂ ଏଭଳି ଘଟଣାରେ କେଉଁ କେଉଁମାନେ ହାତ ଚିକ୍କଣ କରୁଛନ୍ତି, ତାହାକୁ ନେଇ ଏବେ ଆଲୋଚନା ଜୋର ଧରିଛି ।

ରାଜ୍ୟର ଅନ୍ୟତମ ଲାଭଦାୟକ ରାଷ୍ଟ୍ରାୟତ୍ତ ସଂସ୍ଥା ଓପିଜିସିରେ ଦୁଇ ଦିନ ତଳେ ପାଉଁଶ ପୋଖରୀରେ ଘଳିଆ ସୃଷ୍ଟି ହୋଇ ପାଉଁଶମିଶା ବିଷାକ୍ତ ପାଣି ଆଖପାଖ ଅଞ୍ଚଳରେ ପ୍ରବେଶ କରିବା ସହ ସହ ମହାନଦୀରେ ବି ମିଶିଥିଲା। ଏହାକୁ ନେଇ ଲୋକେ ଆତଙ୍କିତ ହୋଇପଡିଥିଲେ। ସେମାନଙ୍କ ମନରେ ଦେଢ଼ବର୍ଷ ତଳର ପାଉଁଶ ପୋଖରୀ ଭାଙ୍ଗିବା ଛନକା ପଶିଥିଲା। ତେବେ କର୍ତ୍ତୃପକ୍ଷ କୌଣସି ପ୍ରକାରେ ଘଳିଆକୁ ବନ୍ଦ କରିଥିଲେ ମଧ ବିପଦ ଟଳିନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ ୨୦୨୩ ଡିସେମ୍ବର ୯ ତାରିଖରେ ଓପିଜିସିର ପାଉଁଶ ପୋଖରୀ ଭାଙ୍ଗିଥିଲା। ଏଥିପାଇଁ ମାସେରୁ ଅଧିକ ସମୟ ଧରି ଓପିଜିସି ବନ୍ଦ ରହିବା ଯୋଗୁଁ ମୋଟ୍ ୫୦୦ କୋଟି ଟଙ୍କାର କ୍ଷତି ହୋଇଥିଲା। ଏଥିରେ ଓପିଜିସିର ଭାଗ ପ୍ରାୟ ୩୦୦ କୋଟି ଥିବା ବେଳେ ରାଜ୍ୟ ସରକାର ଚଢ଼ା ଦରରେ ବିଜୁଳି କିଣି ୨୦୦ କୋଟି ଟଙ୍କାର କ୍ଷତି ସହିଥିଲେ। ପରେ ପାଉଁଶ ପୋଖରୀ ମରାମତି ପାଇଁ ଓପିଜିସି ବୋର୍ଡ ୮୦ କୋଟି ଟଙ୍କା ମଞ୍ଜୁର କରିଥିଲା। ତେବେ ଏଥିରୁ ସିଂହଭାଗ ଅର୍ଥ ଭାଗବଣ୍ଟାରେ ଚାଲିଯାଇଥିବା ନେଇ ସେତେବେଳେ ଚର୍ଚ୍ଚା ଜୋର୍ ଧରିଥିଲା । ➪ପୃଷ୍ଠା-୬

### ଭାରତ-ପାକ ଡିଜିଏମଓ ବୈଠକ

## ସୀମାରେ ଉତ୍ତେଜନା ହ୍ରାସ ଲାଗି ସହମତି

**ନୂଆଦିଲ୍ଲୀ, ୧୫।୫:** ଭାରତ ଓ ପାକିସ୍ତାନ ମେ ୧୦ ତାରିଖରେ ନେଇଥିବା ନିଷ୍ପତ୍ତି ଅନୁଯାୟୀ ସମସ୍ତ ସୀମାପାର ସାମରିକ କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖିବା ଅବଧି ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଉଭୟ ଦେଶର ସାମରିକ ଅଭିଯାନ ମହାନିର୍ଦ୍ଦେଶକ ଡିଜିଏମଓ ଆଜି ପରସ୍ପର ସହ କଥା ହୋଇଛନ୍ତି। ଉଭୟ ସୀମାରୁ ଉତ୍ତେଜନା ହ୍ରାସ କରିବା ଓ ବିଶ୍ୱାସ ସୃଷ୍ଟି ମୂଳକ ପଦକ୍ଷେପ ଜାରି ରଖିବାକୁ ନିଷ୍ପତ୍ତି ନେଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଗୁରୁବାର ସରକାରଙ୍କ ପକ୍ଷରୁ ବିବୃତ୍ତି ଜାରି କରାଯାଇଛି। ଯେଉଁଥିରେ କୁହାଯାଇଛି 'ମଇ ୧୦ରେ ଦୁଇ ଡିଜିଏମଓଙ୍କ ମଧରେ ହୋଇଥିବା ବୁଝାମଣାରେ ସତର୍କତା ସ୍ତରକୁ ହ୍ରାସ କରିବା ପାଇଁ ବିଶ୍ୱାସ ସୃଷ୍ଟିମୂଳକ ପଦକ୍ଷେପ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି।' ପାକିସ୍ତାନ ପକ୍ଷରୁ ➪ପୃଷ୍ଠା-୬

# ଦୃଢ଼ ଇଚ୍ଛାଶକ୍ତିରେ ସବୁ ସମ୍ଭବ: ବିଧାୟକ




**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୋଇପାରିଛି। ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରି ମୋହନ ସରକାର ଏକ ଐତିହାସିକ

- **ଉପକୃତ ହେବେ ୫୪ ପ୍ରତିଶତ ପଛୁଆବର୍ଗ**
- **ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରଖିଥିଲା ବିଜେଡି**
- **ପଞ୍ଚାୟତ ଓ ପୌର ନିର୍ବାଚନରେ ସଂରକ୍ଷଣ ମିଳୁନଥିଲା**

ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ଏହି ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ୫୪ ପ୍ରତିଶତ ପଛୁଆ ବର୍ଗର ଲୋକେ ଉପକୃତ ହେବେ। ୯୦ ଦଶକରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିଲେ ମଧ୍ୟ ପୂର୍ବରୁ କଂଗ୍ରେସ ଓ ବିଜେଡି ସରକାର ଏହାକୁ ଲାଗୁ ଉଦ୍ଦେଶ୍ୟମୂଳକ ଭାବେ ଲାଗୁ କରିନଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ସବ୍ କା ସାଥ ସବ୍ କା ବିକାଶ' ଉପରେ ଗୁରୁତ୍ୱ ଦେଉଥିବା ବେଳେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେବା ପରେ ପ୍ରଥମ ଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ସମାଜର ତଳ ପାହାଚରେ ରହୁଥିବା ବ୍ୟକ୍ତିଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କ ମନ୍ତ୍ରିମଣ୍ଡଳରେ ୨୭ ଜଣଙ୍କୁ କେନ୍ଦ୍ରମନ୍ତ୍ରୀ କରିଛନ୍ତି।

ମାତ୍ର ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ରହିବା ସତ୍ତ୍ୱେ ପଛୁଆବର୍ଗଙ୍କ ମୌଳିକ ଅଧିକାର ପାଇଁ ବିଜେଡି ଆଦୌ ଚିନ୍ତିତ ନଥିଲା। ଏଥିସକାଶେ ବିଜେପି ବାରମ୍ବାର ଦାବି କରିବା ସହ ବିଭିନ୍ନ ଫୋରମ୍‌ରେ ଆନ୍ଦୋଳନ କରିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏକାଧିକ ବାର ତତ୍କାଳୀନ ବିଜେଡି ସରକାରଙ୍କୁ ଚିଠି ଲେଖିଥିଲେ। କିନ୍ତୁ ଏଥିପ୍ରତି ସରକାର ଆଦୌ ଦୃଷ୍ଟି ଦେଇନଥିଲେ। ଫଳସ୍ୱରୂପ ପଞ୍ଚାୟତ ଓ ପୌର ନିର୍ବାଚନରେ ପଛୁଆବର୍ଗଙ୍କ ସକାଶେ ଉଦ୍ଦିଷ୍ଟ ୨୭ ପ୍ରତିଶତ ସଂରକ୍ଷଣରୁ ବଞ୍ଚିତ କରାଯାଉଥିଲା। ଏପରି ଏକ ନିଷ୍ପତ୍ତି ନେଇଥିବାରୁ ଶ୍ରୀ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କ୍ୟାବିନେଟ୍ ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ଓବିସି ମୋର୍ଚ୍ଚା ଉପସଭାପତି ତଥା ଯୁବ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ କହିଛନ୍ତି ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଯାହା ହୋଇନଥିଲା ତାହା ଦୃଢ଼ ଇଚ୍ଛାଶକ୍ତିସମ୍ପନ୍ନ ମୋହନ ସରକାର କରି ଦେଖାଇଛନ୍ତି। ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଆଗାମୀ ଦିନରେ ବିକଶିତ ରାଜ୍ୟ ଓ ରାଷ୍ଟ୍ର ଗଠନରେ ସହାୟକ ହେବ ବୋଲି ଶ୍ରୀ ନାୟକ ଆଶା ପୋଷଣ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ସାମାଜିକ ଗଣମାଧ୍ୟମ ସଂଯୋଜକ ଉମାକାନ୍ତ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।

### ଏସଇବିସିଙ୍କ ପାଇଁ ସଂରକ୍ଷଣ ପ୍ରସଙ୍ଗରେ ବିରୋଧୀଙ୍କୁ ଧର୍ମେନ୍ଦ୍ରଙ୍କ ଟାର୍ଗେଟ୍

# ୩୫ ବର୍ଷ ଧରି ଛଳନା କରୁଥିଲେ ବିଜେଡି ଓ କଂଗ୍ରେସ

**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ରାଜ୍ୟରେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ (ଏସ୍‌ଇବିସି) ବର୍ଗର ଛାତ୍ରଛାତ୍ରୀଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେବାରେ ପୂର୍ବର କ୍ଷମତାସୀନ ବିଜେଡି ଓ କଂଗ୍ରେସ ସରକାର କେବଳ ଛଳନା କରିଆସୁଥିଲେ। କୋର୍ଟ କଚେରୀ

- **୧୯୯୦ରୁ ଏସଇବିସି ବର୍ଗକୁ ସଂରକ୍ଷଣରୁ ବଞ୍ଚିତ କରାଯାଇଥିଲା**
- **ରାଜ୍ୟରେ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତି ପୂରଣ କରିଛି**



ବାହାନା ଦେଖାଇବା ସହ ଦୁଇ ଦଳ ଛଦ୍ମ ସର୍ଭେର ପ୍ରହସନ କରିଥିଲେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ପ୍ରସଙ୍ଗରେ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୯୯୦ରୁ ମଣ୍ଡଳ କମିଶନ ଲାଗୁ ହେବା ପରେ ବି ଏସଇବିସି ବର୍ଗକୁ ସଂରକ୍ଷଣରୁ ବଞ୍ଚିତ କରାଯାଇଥିଲା। ଦୀର୍ଘ ୩୫ ବର୍ଷ ଧରି ରାଜ୍ୟରେ କଂଗ୍ରେସ ଓ ବିଜେଡି ଶାସନ କରିଥିଲେ। ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ସ୍ୱରୂପ ପାଠପଢ଼ା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ କମିଶନ ପରାମର୍ଶ ଦେଇଥିଲେ। ଦେଶର ଏକମାତ୍ର ରାଜ୍ୟ ଭାବେ ଓଡ଼ିଶାରେ ଏସଇବିସି ତାଲିକାକୁ କୋର୍ଟ କଚେରୀ ବାହାନା ଦେଖାଇ ଗ୍ରହଣ କରାଯାଉନଥିଲା। ଓଡ଼ିଶା ଏକ ମାତ୍ର ରାଜ୍ୟ ଥିଲା, ଯେଉଁଠି ସାମାଜିକ ନ୍ୟାୟକୁ ଅଣଦେଖା କରାଯାଇଥିଲା। କିନ୍ତୁ ତେବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେବା ପରେ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପୂରଣ କରାଯାଇଛି ବୋଲି କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି।

ସେ କହିଛନ୍ତି ଯେ ବିଜେପି ସାମାଜିକ ନ୍ୟାୟ ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ। ତେବେ ଏକ ରାଜ୍ୟରେ ସଂରକ୍ଷଣ ହାର ୫୦ ପ୍ରତିଶତରୁ ଅଧିକ ନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିୟମ ପରିଧିରେ ଅଛି। ରାଜ୍ୟରେ ସବୁ ସଂରକ୍ଷଣ ଲାଗୁ ହେବା ପରେ ଆଉ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ବାକି ଥିଲା। ଗତକାଲି ଏସଇବିସି ବର୍ଗ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତର ଆସନ ସଂରକ୍ଷଣ ଦେବା ସକାଶେ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି, ଯାହା ଡବଲ ଇଞ୍ଜିନ ସରକାରର ସାମାଜିକ ନ୍ୟାୟ ପ୍ରତି ଥିବା ପ୍ରତିବଦ୍ଧତାର ଏକ ବଳିଷ୍ଠ ଉଦାହରଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପୂର୍ବରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଏହି ଆର୍ଥିକ ଅନଗ୍ରସର ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା, ବୈଷୟିକ ଶିକ୍ଷା ଓ ମେଡିକାଲ ଶିକ୍ଷାରେ ସଂରକ୍ଷଣ ଦେବାକୁ ନିବେଦନ କରିଥିଲେ। ଏବେ ଏହାକୁ ରାଜ୍ୟ ସରକାର ଅନୁମୋଦନ କରିଥିବାରୁ ଆଗାମୀ ଦିନରେ ବୈଷୟିକ ଶିକ୍ଷା ଓ ଡାକ୍ତରୀ ଶିକ୍ଷାରେ ମଧ୍ୟ ଏସଇବିସି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ଲାଗୁ କରାଯିବ। ସେହିପରି ରାଜ୍ୟରେ ଏସସି ଓ ଏସଟି ଛାତ୍ରଛାତ୍ରୀଙ୍କ ପାଇଁ ଚାକିରିରେ ଯେତିକି ସଂରକ୍ଷଣ ରହିଛି, ସେତେ ମାତ୍ରାରେ ଶିକ୍ଷା କ୍ଷେତ୍ରରେ ବ୍ୟବସ୍ଥା ନାହିଁ। ସର୍ବଭାରତୀୟ ସ୍ତରରେ ଯେଉଁ ଅନୁପାତ ରହିଛି, ସେହି ଅନୁପାତକୁ ଦେଖି ଏଠାରେ ଅନୁରୂପ ବ୍ୟବସ୍ଥା ହେବା ଦରକାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ତାଙ୍କ କହିବା କଥା, ଦେଶରେ ଉଚ୍ଚ ବର୍ଗର ଗରିବ ପିଲାଙ୍କୁ ମଧ୍ୟ ସାମାଜିକ ନ୍ୟାୟରୁ ବଞ୍ଚିତ ନ କରିବା ପାଇଁ ସେମାନଙ୍କୁ ପାଠପଢ଼ା ଓ ଚାକିରିରେ ସୁଯୋଗ ଦେବା ସକାଶେ ସଂରକ୍ଷଣ ତାଲିକାରେ ଇଡବ୍ଲ୍ୟୁଏସ ବର୍ଗକୁ ଏଥିରେ ଯୋଡ଼ାଯାଇଛି। ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ନ ଦେବା ପାଇଁ ଓଡ଼ିଶାରେ ଉଚ୍ଚ ବର୍ଗର ଗରିବ ପିଲାଙ୍କୁ ମଧ୍ୟ ପୂର୍ବ ସରକାର ଅମଳରେ ବଞ୍ଚିତ କରାଯାଇଥିଲା।

# ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ କୋଚ୍ ସଂଖ୍ୟା ବୃଦ୍ଧି

### ଆଜିଠାରୁ ୪ଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ



**ଭୁବନେଶ୍ୱର,୧୫।୫ (ସଂଚାର ବ୍ୟୁରୋ):** ଯାତ୍ରୀ ଓ ପର୍ଯ୍ୟଟକଙ୍କ ବର୍ଦ୍ଧିତ ଚାହିଦା ଓ ନିରନ୍ତର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୨୨୮୯୫/୨୨୮୯୬ ପୁରୀ-ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନରେ ୪ଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯାଇ ମୋଟ ୨୦ଟି କୋଚ୍ ସହ ଚଳାଚଳ ପାଇଁ ନିଷ୍ପତ୍ତି ନିଆଯାଇଛି।

ପୁରୀ-ହାଓ୍ୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ଅତିରିକ୍ତ କୋଚ୍ ସଂଯୋଗ ଦ୍ୱାରା ଏହାର ଗଠନରେ ବୃଦ୍ଧି ପରେ ଏହାର ରେକ୍ କମ୍ପୋଜିସନ୍‌ରେ ୧୬ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଓ 2ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ଉପଲବ୍ଧ ରହିବ। ପୁରୀ ଓ ହାଓଡ଼ା ମଧ୍ୟରେ ଚଳାଚଳ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ସେମି-ହାଇ-ସ୍ପିଡ୍ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀ ସଂଖ୍ୟା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଏହାର ଗଠନରେ ୪ଟି ଏସି ଚେୟାର କାର୍ କୋଚ୍ ଯୋଡ଼ାଯାଇଛି। ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଉଭୟ ଯାତ୍ରୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ସବୁଠାରୁ ଅଧିକ ପସନ୍ଦ କରାଯାଉଥିବା ଟ୍ରେନ୍ ମଧ୍ୟରେ ଅନ୍ୟତମ। ଏହି ବର୍ଦ୍ଧିତ କୋଚ କ୍ଷମତା ଯାତ୍ରା ସୁବିଧାରେ ଉନ୍ନତି ଆଣିବ ଏବଂ ଏହାଦ୍ୱାରା ପ୍ରତୀକ୍ଷା ତାଲିକା ହ୍ରାସ ପାଇବା ସହ ଏହି ପ୍ରିମିୟମ୍ ଟ୍ରେନ୍ ସେବା ଆହୁରି ଲୋକପ୍ରିୟ ହୋଇପାରିବ ବୋଲି ପୂର୍ବତଟ ରେଳବାଇ ଆଶା ପ୍ରକାଶ କରିଛି।

## ତାତିରୁ ମିଳିବ ତ୍ରାହି, ୨୪ ଘଣ୍ଟାରେ ବିଜୁଳି ଘଡ଼ଘଡ଼ି ବର୍ଷା

**ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ)** : ତାତିରୁ ମିଳିବ ଆଶ୍ୱସ୍ତି। ୨୪ ଘଣ୍ଟାରେ ବିଜୁଳି ଘଡ଼ଘଡ଼ି ସହ ହାଲକାରୁ ମଧ୍ୟମ ଧରଣର ବର୍ଷା ପାଇଁ ୧୧ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ନବରଙ୍ଗପୁର, କୋରାପୁଟ ,ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଏବଂ ବାଲେଶ୍ୱର ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ସେହିପରି ୧୪ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି। ଆସନ୍ତା କାଲି ପାଇଁ ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହି ସବୁ ଜିଲ୍ଲାରେ ବିଜୁଳି ଘଡ଼ ଘଡ଼ିସହ କିଛି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ ଏବଂ କିଛି ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ବହିବ।

# କ୍ରୀଡ଼ାବିତଙ୍କ ସ୍ୱର୍ଣ୍ଣିମ ଜୟଯାତ୍ରା ପାଇଁ ଆମେ ଗର୍ବିତ



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୫ରେ ଓଡ଼ିଶା ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ଓଡ଼ିଶା ପୁରୁଷ ହକି ଦଳ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୫ରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ପୁରୁଷ ଫୁଟବଲ୍ ଦଳ ରୌପ୍ୟ ପଦକ ହାସଲ କରିଛନ୍ତି।

ଆଜି କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶା ମହିଳା ହକି ଦଳ, ପୁରୁଷ ହକି ଦଳ ଏବଂ ଓଡ଼ିଶା ପୁରୁଷ ଫୁଟବଲ୍ ଦଳର କ୍ରୀଡ଼ାବିତମାନଙ୍କୁ ଭେଟି କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୫ରେ ଉଚ୍ଚକୋଟୀରର ପ୍ରଦର୍ଶନ ମାଧ୍ୟମରେ ଆମ କ୍ରୀଡ଼ାବିତମାନେ ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି। ଆମ କ୍ରୀଡ଼ାବିତମାନେ ହେଲେ ଆମ ଗର୍ବ ଓ ଗୌରବ। ଆଗକୁ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ଆମ କ୍ରୀଡ଼ାବିତମାନଙ୍କର ବିଜୟର ଯାତ୍ରା ଜାରି ରହୁ। ଏଥିସହ ମହିଳା ହକି ଦଳର ସ୍ୱର୍ଣ୍ଣିମ ବିଜୟ ପାଇଁ ଦଳର ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଉଛି। ଆଜି ମହିଳା ହକି ଦଳର ସ୍ୱର୍ଣ୍ଣ ପଦକ ଓଡ଼ିଶାର ସମସ୍ତ ମହିଳା କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହିତ କରିଛି ଏବଂ କ୍ରୀଡ଼ାକ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ମଧ୍ୟ ଯୋଗାଇଛି। ମହିଳା ହକି ଦଳର ସମସ୍ତ କ୍ରୀଡ଼ାବିତମାନଙ୍କର କଠିନ ପରିଶ୍ରମର ଫଳ ହେଉଛି ଏହି ସ୍ୱର୍ଣ୍ଣ ପଦକ। ରାଜ୍ୟରେ ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ଓ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ କ୍ରୀଡ଼ାର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

- ବେଦାନ୍ତ ଆଲୁମିନିୟମରେ ଅନ୍ତର୍ଜାତୀୟ ପରିବାର ଦିବସ

# କର୍ମଚାରୀଙ୍କ ପିତାମାତାଙ୍କୁ ସ୍ୱାଗତ

**ଝାରସୁଗୁଡା,୧୫।୫(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍, 'ଗର୍ବିତ ପିତାମାତା' (ପ୍ରାଉଡ୍ ପ୍ୟାରେଣ୍ଟସ୍) ଆୟୋଜନ କରି ଆନ୍ତର୍ଜାତୀୟ ପରିବାର ଦିବସ ପାଳନ କରିଛି, ଯାହା ଏହାର କର୍ମଚାରୀଙ୍କ ପିତାମାତାଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଆୟୋଜିତ ଏକ ବାର୍ଷିକ କାର୍ଯ୍ୟକ୍ରମ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ଝାରସୁଗୁଡ଼ାରେ ଏହାର ମେଗା ଆଲୁମିନିୟମ କାରଖାନାର ପ୍ରଥମ ଅଭିଜ୍ଞତା ପ୍ରଦାନ କରିବା ଏବଂ ଏହାର କର୍ମଚାରୀଙ୍କ ମଧ୍ୟରେ ଏକ ପରିବାର କୈନ୍ଦ୍ରିକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ଚଳିତ ବର୍ଷ ମିଳିତ ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ବିଷୟବସ୍ତୁ 'ସ୍ଥାୟୀ ବିକାଶ ପାଇଁ ପରିବାର-ଭିତ୍ତିକ ନୀତି'କୁ ଧ୍ୟାନରେ ରଖି କମ୍ପାନୀର ପରିବାର ଦିବସ ସମାରୋହ କେନ୍ଦ୍ରରେ 'ଗର୍ବିତ ପିତାମାତା'ର ସଦ୍ୟତମ ସଂସ୍କରଣ ଆୟୋଜିତ ହୋଇଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ବିଶ୍ୱର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନ କାର୍ଯ୍ୟ ମଧ୍ୟରୁ ଅନ୍ୟତମ ଏହି କାରଖାନାକୁ ଝାରସୁଗୁଡ଼ାରେ ଥିବା ବେଦାନ୍ତ କର୍ମଚାରୀଙ୍କ ପିତାମାତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେମାନଙ୍କୁ କାର୍ବନ, ପଟଲାଇନ, କାଷ୍ଟ ହାଉସ ଓ ପାୱାର ପ୍ଲାଣ୍ଟ ଅଞ୍ଚଳ ସମେତ କାରଖାନାରେ ଥିବା ପ୍ରମୁଖ ୟୁନିଟଗୁଡ଼ିକୁ ବୁଲି ଦେଖିବାର ସୁଯୋଗ ମିଳିଥିଲା।



ଏହାଛଡ଼ା ସେମାନେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଟାଉନସିପ୍ ମଧ୍ୟ ବୁଲି ଦେଖିଥିଲେ। ସେଠାରେ ମନୋରଞ୍ଜନ କ୍ଷେତ୍ର, ସୁଇମିଂ ପୁଲ୍, ଜିମ୍, ଷ୍ଟାଡିୟମ, ଅଡିଟୋରିୟମ୍, ଡେ କେୟାର ସୁବିଧା, ସୁପର ମାର୍କେଟ, ଡାକ୍ତରଖାନା ଓ ଅନ୍ୟାନ୍ୟ ସୁବିଧା ରହିଛି। ଆହୁରି ସେମାନଙ୍କୁ ଝାରସୁଗୁଡ଼ାରେ ବେଦାନ୍ତ ଦ୍ୱାରା ଚାଲିଥିବା ଗୋଷ୍ଠୀ ବିକାଶ ପ୍ରକଳ୍ପ ସହ ପରିଚିତ କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ ଯେ ବେଦାନ୍ତରେ ଏକ ସୁଦୃଢ଼ ସଙ୍ଗଠନ ସୁଦୃଢ଼ ପରିବାର ଏବଂ ସୁଦୃଢ଼ ଗୋଷ୍ଠୀ ଭାଗିଦାରୀର ମୂଳଦୁଆ ଉପରେ ନିର୍ମିତ ହୋଇଥାଏ। ତେଣୁ ଅନ୍ତର୍ଜାତୀୟ ପରିବାର ଦିବସରେ ଆମର ପଦକ୍ଷେପ ଏକ ଉତ୍ସବ ନୁହେଁ, ବରଂ ବେଦାନ୍ତ ଟିମ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ଦୃଶ୍ୟମାନ, ମୂଲ୍ୟବାନ ଓ ସଶକ୍ତ ଅନୁଭବ ଦେବା ପ୍ରତିବଦ୍ଧତାର ଏକ ଅଂଶ।

# କ୍ରୁଟ୍ ମୁଖ୍ୟ କାର୍ଯ୍ୟାଳୟରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କ୍ରୁଟ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରି ଏହାର କାର୍ଯ୍ୟକ୍ଷେତ୍ର, ଆଗାମୀ ଦିନରେ ଆରମ୍ଭ ହେବାକୁ ଥିବା ନୂତନ ସେବା ଓ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି। ଭିତ୍ତଭୂମି ବିକାଶ, ୮ଟି ନୂତନ ସହରକୁ 'ଆମ ବସ୍' ସେବାର ସମ୍ପ୍ରସାରଣ ଓ ଡିଜିଟାଲ ମାଧ୍ୟମରେ ଅଧିକ ଯାତ୍ରୀ ଟିକେଟ୍ ବୁକିଂ ଉପରେ ବ୍ୟାପକ ଆଲୋଚନା କରିଛନ୍ତି।

କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡା. ତିରୁମାଲା ନାୟକ କଟକର ନରାଜ, ଭୁବନେଶ୍ୱରର ପୋଖରୀପୁଟ, ରାଉରକେଲାର ଛେଣ୍ଡ, ବ୍ରହ୍ମପୁରର ହଳଦିଆପଦର ଏବଂ ସମ୍ବଲପୁରରେ ଇଲେକ୍ଟ୍ରିକ୍ ଡିପୋ ନିର୍ମାଣର ଅଗ୍ରଗତି ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, ବାରିପଦା, ଅନୁଗୁଳ ଓ ଝାରସୁଗୁଡ଼ାରେ 'ଆମ ବସ୍' ସେବା ପରିଚାଳନା ପାଇଁ ସମ୍ପ୍ରସାରଣ ଯୋଜନା ବିଷୟରେ ମଧ୍ୟ ସେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

ମନ୍ତ୍ରୀ ଡାକ୍ତର ମହାପାତ୍ର କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରି ସେଠାରେ ଓଡ଼ିଶା ଯାତ୍ରୀ ଏବଂ କ୍ରୁଟ୍ ପାଇଁ ରିଅଲ୍-ଟାଇମ୍ ବସ୍ ଟ୍ରାକିଂ, ଯାତ୍ରୀ ଅଭିଯୋଗ ସମାଧାନ ବ୍ୟବସ୍ଥା ଆଦିର ପର୍ଯ୍ୟବେକ୍ଷଣ କରିଥିଲେ। ସେ ସମନ୍ୱିତ ପ୍ରଯୁକ୍ତିବିଦ୍ୟା-ଆଧାରିତ କାର୍ଯ୍ୟଗୁଡ଼ିକୁ ପ୍ରଶଂସା କରିଥିଲେ।

ସେହିପରି 'ଆମ ବସ୍'ରେ ବିନା ଟିକେଟ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେବା ଯୋଗାଇବାରେ ଉନ୍ନତି ଓ କର୍ମଚାରୀଙ୍କ ପ୍ରେରଣା ବୃଦ୍ଧି ପାଇଁ ଯାତ୍ରୀମାନଙ୍କ ମତାମତ ଆଧାରରେ କି ପରଫର୍ମାନ୍ସ ଇଣ୍ଡିକେଟର (କେପିଆଇ) ପ୍ରୋତ୍ସାହନ ପ୍ରଚଳନ ପାଇଁ ମଧ୍ୟ ମନ୍ତ୍ରୀ ସୁପାରିସ୍ କରିଛନ୍ତି। ଏଥିସହ ସେ ରାଜ୍ୟର ୪ଟି ସରକାରୀ ଭାରୀଯାନ ଚାଳନା ତାଲିମ ପ୍ରତିଷ୍ଠାନରେ ସମସ୍ତ ଡ୍ରାଇଭରଙ୍କ ପାଇଁ ବାଧ୍ୟତାମୂଳକ ରିଫ୍ରେସର ତାଲିମ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ମନ୍ତ୍ରୀ ଡିଜିଟାଲାଇଜେସନ୍ ପଦକ୍ଷେପଗୁଡ଼ିକର ସମୀକ୍ଷା କରିବା ସହ ଚଳିତ ବର୍ଷ ଶେଷ ସୁଦ୍ଧା ଅନ୍‌ଲାଇନ୍ ଟିକେଟ୍ ବୁକିଂରେ ସମୁଦାୟ ଯାତ୍ରୀଙ୍କର ୫୦ ପ୍ରତିଶତ ପର୍ଯ୍ୟନ୍ତ ଲକ୍ଷ୍ୟ ରଖି ଡିଜିଟାଲ୍ କାରବାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଛଡ଼ା ସମସ୍ତ ସହରରେ ଡିଜିଟାଲ୍ ଆମ ବସ୍ ପାସ୍ ସୁବିଧା, ନ୍ୟାସ୍‌ନାଲ୍ କମନ୍ ମୁବିଲିଟି (ଏନ୍‌ସିଏମ୍‌ସି) କାର୍ଡ ପ୍ରଚଳନ, ହ୍ୱାଟ୍ସଆପ୍ ଟିକେଟିଂ ସୁବିଧା ପ୍ରଚଳନ, ଆଡଭାନ୍ସଡ଼ ଡ୍ରାଇଭର୍ ଆସିଷ୍ଟାଣ୍ଟ ସିଷ୍ଟମ୍‌ର ବ୍ୟବହାର, ଗ୍ରୀଡ୍‌କୋ ଏବଂ ଏନ୍‌ଟିପିସି ସହଯୋଗରେ ୩ଟି ହାଇଡ୍ରୋଜେନ୍‌ଚାଳିତ ବସ୍ ଚଳାଚଳ ଆଦି ପ୍ରସଙ୍ଗ ଉପରେ ମଧ୍ୟ ମନ୍ତ୍ରୀ ଆଲୋଚନା କରିଥିଲେ।

ସମ୍ପ୍ରତି କ୍ରୁଟ୍ ପକ୍ଷରୁ କଟକ, ପୁରୀ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ୧୦୬ଟି ରୁଟରେ ୫୬୦ଟି ଆମ ବସ୍ (୩୮୦ଟି ଡିଜେଲ୍ ଏବଂ ୧୮୦ଟି ଇଲେକ୍ଟ୍ରିକ୍ ବସ୍) ଚଳାଚଳ କରୁଛି, ଯାହା ଦୈନିକ ଲକ୍ଷାଧିକ ଯାତ୍ରୀଙ୍କୁ ସୁଲଭ ଓ ନିର୍ଭରଯୋଗ୍ୟ ସେବା ଯୋଗାଇଦେଉଛି। ବୈଠକରେ କ୍ରୁଟ୍ ମହା ପ୍ରବନ୍ଧକ (ଓଆଣ୍ଡଏମ୍) ସଞ୍ଜୟ ବିଶ୍ୱାଳ ଏବଂ ମହାପ୍ରବନ୍ଧକ (ପିଆଣ୍ଡଏ) ସହଦେବ ସମଧିଆଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସିବିଏସ୍‌ଇ ପରୀକ୍ଷାରେ ରୋଶନୀଙ୍କ ସଫଳତା



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ନିକଟରେ ପ୍ରକାଶ ପାଇଥିବା ସିବିଏସ୍‌ଇ ଦଶମ ପରୀକ୍ଷାରେ କେନ୍ଦ୍ରାପଡ଼ାର ପିଏମ୍ ଶ୍ରୀ କେଭି ଗୁଆଲ୍‌ସିଂହ ବିଦ୍ୟାଳୟର ରୋଶନୀ ରାଉତ ଚମତ୍କାର ପ୍ରଦର୍ଶନ ପୂର୍ବକ ଏ୧ ଗ୍ରେଡ୍ ହାସଲ କରିଛନ୍ତି। ଏଥିସହ ସେ ଭୁବନେଶ୍ୱର ୟୁନିଟ-୮ ଡିଏଭି ସ୍କୁଲରେ ବାଣିଜ୍ୟ ବିଭାଗରେ ନାମ ଲେଖାଇବା ପାଇଁ ମନୋନୀତ ହୋଇଛନ୍ତି। ରୋଶନୀ ଗତ ଦଶମ ପରୀକ୍ଷାରେ ୬ଟି ବିଷୟରୁ ୫ଟି ଏ୧ ଗ୍ରେଡ୍ ରଖିଥିବା ବେଳେ ଭବିଷ୍ୟତରେ ଜଣେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ୍ ହେବା ସକାଶେ ଲକ୍ଷ୍ୟ ରଖିଥିବା କହିଛନ୍ତି। ରୋଶନୀ ପୂର୍ବତନ ବିଧାୟକ ସ୍ୱର୍ଗତଃ ଇନ୍ଦ୍ରମଣୀ କାଉଚଙ୍କ କନିଷ୍ଠ ପୁତ୍ର ତଥା କଂଗ୍ରେସ ନେତା ସଞ୍ଜୟ ରାଉତଙ୍କ କନିଷ୍ଠା କନ୍ୟା। ମା' ସସ୍ମିତା ସୁବୁଦ୍ଧିରାୟ ଜଣେ ସ୍କୁଲ ଶିକ୍ଷୟିତ୍ରୀ। ରୋଶନୀ ତାଙ୍କ ସଫଳତାର ଶ୍ରେୟ ପିତାମାତାଙ୍କ ଆଶୀର୍ବାଦ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗକୁ ଦେଇଛନ୍ତି।

## ଥଣ୍ଡା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ

**ପାଲଲହଡ଼ା, ୧୫।୫ (ସଂଚାର ବ୍ୟୁରୋ) :** ପାଲଲହଡ଼ା ବ୍ଲକ ଖମାର ଥାନା ଅନ୍ତର୍ଗତ ୧୪୯ନଂ ଜାତୀୟ ରାଜପଥ ବନର ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକକୁ ଥଣ୍ଡା ବୋଝେଇ ଟ୍ରକ ଧକ୍କା ଦେଇଛି । ଫଳରେ ଥଣ୍ଡା ବୋଝେଇ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକ ବଇଣ୍ଡା ଥାନା ତଳମଲିଆ ଅଞ୍ଚଳର ସୁମନ୍ତ ସାହୁ ବୋଲି ଜଣା ପଡ଼ିଛି। ସୂଚନା ଅନୁସାରେ ରାତି ପ୍ରାୟ ୨ଟା ସମୟରେ ଏକ ଥଣ୍ଡା ବୋଝେଇ ଟ୍ରକ୍ କଟକରୁ ରାଉରକେଲା ଅଭିମୁଖେ ଯାଉଥିଲା। ଏହି ସମୟରେ ଭାରସାମ୍ୟ ହରାଇ ବିପରୀତ ଦିଗରେ ଖମାର ପଟକୁ ମୁହଁ କରି ଖରାପ ହୋଇ ଛିଡ଼ା ହୋଇଥିବା ଏକ ଟ୍ରକକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଥଣ୍ଡା ବୋଝେଇ ଗାଡ଼ି ଚାଳକ ଗାଡ଼ିରେ ଚାପି ହୋଇଯାଇଥିଲେ । ସ୍ଥାନୀୟ ଗ୍ରାମବାସୀ ସୂଚନା ଦେବାରୁ ଘଟଣାସ୍ଥଳରେ ଖମାର ପୋଲିସ ଓ ପାଲଲହଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ଆହତ ହୋଇଥିବା ଟ୍ରକ ଡ୍ରାଇଭରକୁ ଉଦ୍ଧାର କରିଥିଲେ । ଘଟଣାସ୍ଥଳରେ ଗୁରୁତର ଚାଳକଙ୍କ ମୃତ୍ୟୁ ଘଟିଥିଲା। ଖମାର ପୋଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ।

### ସ୍ତ୍ରୀର ସନ୍ଦେହଜନକ ମୃତ୍ୟୁ ପରେ...

## ଜଳଖିଆରେ ପୁଅ ଝିଅଙ୍କୁ ବିଷଦେଇ ଆତ୍ମହତ୍ୟା



**ଗଜପତି, ୧୫।୫ (ସଂଚାର ବ୍ୟୁରୋ):** ଗଜପତି ଜିଲା ପାରଳାଖେମୁଣ୍ଡି ଓଡିଆ ପାରଳା ସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅଝିଅଙ୍କୁ ବିଷ ଦେଇ ବାପା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ୮ ବର୍ଷୀୟ ପୁଅ ବିଜୟାନନ୍ଦଙ୍କ ପାରଳାଖେମୁଣ୍ଡି ମେଡିକାଲରେ ଓ ୧୨ବର୍ଷୀୟା ଝିଅ ପ୍ରିୟଦର୍ଶିନୀ ଏବଂ ବାପା ଶୁଭାଶିଷ ପାଣିଗ୍ରାହୀ(୩୮ )ଙ୍କ ବ୍ରହ୍ମପୁର ମେଡିକାଲରେ ମୃତ୍ୟୁ ଘଟିଛି। ଗତ ମାର୍ଚ୍ଚ ୨୧ ତାରିଖରେ ଶୁଭାଶିଷଙ୍କ ସ୍ତ୍ରୀ ଶ୍ୱେତାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ପାରିବାରିକ କଳହରୁ ସେ ବିଷପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ଏଯାଏ କାରଣ ଅସ୍ପଷ୍ଟ ରହିଛି। ଏଭଳି ସ୍ଥିତିରେ ଶୁଭାଶିଷ ପିଲାଙ୍କୁ ବିଷ ଖୁଆଇ ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ନିଜ ବାପାଙ୍କୁ ଫୋନ କରି ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ଶୁଭାଶିଷ ସକାଳେ ଜଳଖିଆରେ ପୁଅଝିଅଙ୍କୁ ବିଷ ଦେଇଥିଲେ। ନିଜେ ବିଷ ଖାଇବା ପୂର୍ବରୁ ଶୁଭାଶିଷ ପାରଳାଖେମୁଣ୍ଡି ନୂଆ ବସ୍‌ଷ୍ଟାଣ୍ଡରେ ରହୁଥିବା ତାଙ୍କ ବାପାଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ବାପା ବୁଚିବାବୁ ପାଣିଗ୍ରାହୀ ଓଡିଆ ପାରଳା ସାହିରେ ପହଞ୍ଚି ଗୁରୁତର ଅବସ୍ଥାରେ ପଡିଥିବା ୩ ଜଣଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଜୟାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ପରେ ବାପଝିଅଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ସେଠାରେ ରାତିରେ ଝିଅ ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ହୋଇଥିବା ବେଳେ ବିଳମ୍ବିତ ରାତିରେ ଶୁଭାଶିଷଙ୍କ ମୃତ୍ୟୁ ଘଟିଛି। ତେବେ ବୋହୂର ମୃତ୍ୟୁ ପରେ ଶୁଭାଶିଷ ଦୁଶ୍ଚିନ୍ତାରେ ରହୁଥିଲେ। ତେଣୁ ସେ ଏଭଳି କାଣ୍ଡ କରିଥିବା ଶୁଭାଶିଷଙ୍କ ବାପା ବୁଚିବାବୁ କହିଛନ୍ତି।

# ପାଚିଲା ଫଳ, ରାସାୟନିକ ବ୍ୟବହାର



**ଭୁବନେଶ୍ୱର,୧୫।୫:** ରାଜ୍ୟରେ ଏବେ ଫଳ ବ୍ୟବସାୟ ଜୋରସୋରରେ ଚାଲିଛି । ଫଳର ରାଜା ଆମ୍ବ ସହିତ ଲିଚୁ, ଅମୃତଭଣ୍ଡା, ସପୁରୀ, କଦଳୀ ଆଦି ଅଧିକ ସଂଖ୍ୟାରେ ବିକ୍ରି ହେଉଛି। ତେବେ ଅଧିକାଂଶ ଫଳକୁ ଶୀଘ୍ର ପଚାଇବାପାଇଁ ବ୍ୟବସାୟୀମାନେ ଏଥିରେ ନିଷିଦ୍ଧ ରସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି।

ରାଜ୍ୟରେ ବିକ୍ରି ହେଉଥିବା ଫଳ ମଧ୍ୟରୁ ଆମ୍ବ ଓ କଦଳୀ ସାଧାରଣତଃ ରାଜ୍ୟ ବାହାରୁ ଆସୁଛି । ଏଥି ସହିତ ଲିଚୁ ବି ବିହାର ଭଳି ରାଜ୍ୟରୁ ଆସିବାରେ ଲାଗିଛି । ତେବେ ଓଡିଶାକୁ ଆସୁଥିବା ଆମ୍ବ ଓ କଦଳୀ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରୁ ଆସୁଥିବାବେଳେ ବ୍ୟବସାୟୀମାନେ କଞ୍ଚା ଆମ୍ବ ଓ କଦଳୀ ଆମଦାନୀ କରିଥାନ୍ତି। କାରଣ ଏତେ ଦୂରରୁ ପାଚିଲା ଫଳ ଆଣିଲେ ସେଗୁଡିକ ନଷ୍ଟ ହୋଇଯିବାର ସମ୍ଭାବନା ରହିଛି।

କଞ୍ଚା ଆମ୍ବ ଓ କଦଳୀକୁ ଆଣି ଏଠାରେ ପଚାଇବାପାଇଁ ବ୍ୟବସାୟୀମାନେ କାର୍ବାଇଟ୍ ସମେତ ରସାୟନିକ ସିଞ୍ଚନ ବ୍ୟବହାର କରୁଛନ୍ତି । କାର୍ବାଇଟ୍ ବ୍ୟବହାର ପାଇଁ ଆମ୍ବଗୁଡିକୁ ଗୋଟିଏ ସ୍ଥାନରେ ଗଦାକରିବା ସହିତ ଘୋଡାଇ ରଖାଯାଉଥିବାବେଳେ ରସୟାନିକ ସିଞ୍ଚନକୁ ସିଧାସଳ ଭାବେ କଦଳୀ ଓ ଆମ୍ବ ଉପରେ ସିଞ୍ଚନ କରାଯାଉଛି । ସଞ୍ଚରେ ରସାୟନିକ ସିଞ୍ଚନ ହେଉଥିବା ଏହି ଫଳ ସକାଳୁ ହଳଦୀ ଗୁରୁ ଗୁରୁ ଦିଶିବା ସହିତ ଗ୍ରାହକଙ୍କୁ ଆକର୍ଷିତ କରୁଛି।

ଫଳ ପଚାଇବା ପାଇଁ କାର୍ବାଇଟ୍ ସମେତ ରସାୟନିକ ସିଞ୍ଚନ ଅତ୍ୟନ୍ତ କ୍ଷତିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବାରମ୍ବାର ଚେତାଇ ଦେଉଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ବ୍ୟବସାୟୀମାନେ ଫଳ ପାଚିବା ପର୍ଯ୍ୟନ୍ତ ଅପେକ୍ଷା ନକରି ରସାୟନିକ ପଦାର୍ଥ ବ୍ୟବହାର କରୁଥିବାବେଳେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ବି ଏଥି ପ୍ରତି ଆଦୌ ନଜର ଦେଉନାହାନ୍ତି । ସେହିଭଳି ବଜାରକୁ ଆସୁଥିବା ଲିଚୁ ଅଧିକ ଲାଲ୍ ଦେଖାଯିବାପାଇଁ ସେଥିରେ ମଧ୍ୟ ରସାୟନିକ ପଦାର୍ଥ ବ୍ୟବହାର ହେଉଥିବା କୁହାଯାଉଛି। ଆଗକୁ ସାବିତ୍ରୀ ଓ ପରେ ପରେ ରଜ ପର୍ବ ଆସୁଥିବାରୁ ରାଜ୍ୟର ବ୍ୟବସାୟୀମାନେ ଅଧିକ ପରିମାଣରେ ଫଳ ରାଜ୍ୟ ବାହାରୁ ଆମଦାନୀ କରୁଛନ୍ତି। ସେହି ଅନୁଯାୟୀ ଏଥିରେ ଅଧିକ ପରିମାଣରେ ରସାୟନିକ ପଦାର୍ଥ ବ୍ୟବହାର ପାଇଁ ମଧ୍ୟ ଖରିଦ କରୁଛନ୍ତି । ଅନ୍ୟ ଫଳ ତୁଳନାରେ ଆମ୍ବ ଓ କଦଳୀରେ ବ୍ୟବହାର ହେଉଥିବା ରସାୟନିକ ପଦାର୍ଥ ସିଧାସଳଖ ଲୋକଙ୍କ ପେଟକୁ ଯାଉଛି । ଏହା କର୍କଟ ରୋଗର କାରଣ ହୋଇପାରେ ବୋଲି ଚିକିତ୍ସକମାନେ ମତ ଦେଉଥିବାବେଳେ ସ୍ୱାସ୍ଥ୍ୟସୁରକ୍ଷା ଅଧିକାରୀମାନେ କିନ୍ତୁ ଏଥିପ୍ରତି ଯେଭଳି ଗୁରୁତ୍ୱ ଦେବାକଥା ତାହା କରୁନାହାନ୍ତି ।

କେବଳ ଆମ୍ବ, କଦଳୀ କିମ୍ବା ଲିଚୁ ଭଳି ଫଳ ନୁହେଁ, ବର୍ତ୍ତମାନ ରାଜ୍ୟ ବାହାରୁ ଆମଦାନୀ ହେଉଥିବା ପନି ପରିବାକୁ ତାଜା ରଖିବା ସହିତ ଆକର୍ଷଣୀୟ ଦିଶିବାପାଇଁ ରସାୟନିକ ପଦାର୍ଥ ଓ ରଙ୍ଗ ବ୍ୟବହାର କରୁଛନ୍ତି । ହାଟ ବଜାରରେ ସର୍ବ ସମ୍ମୁଖରେ ପୋଟଳ, କାଙ୍କଣ ଭଳି ପରିବାରେ ଏହା ବ୍ୟବହାର ହେଉଥିଲେ ମଧ୍ୟ କୌଣସି ଠାରେ ଏହାର ଧରପଗଡ ହେଉଥିବା ନଜରକୁ ଆସୁନାହିଁ । ତେଣୁ ବର୍ତ୍ତମାନ ରାଜ୍ୟରେ ଫଳ ବ୍ୟବସାୟ ଋତୁରେ ରସାୟନିକ ବୋଳା ଫଳ ଉପରେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ତୀକ୍ଷ୍ଣ ନଜର ରଖିବାକୁ ମତପ୍ରକାଶ ପାଉଛି । (ତଥ୍ୟ)

## ଭାରତର ଜାତୀୟ ସୁରକ୍ଷା ଚିନ୍ତା

# ତୁର୍କୀ ବିମାନ ଚଳାଚଳ ସଂସ୍ଥାର ଅନୁମତି ବାତିଲ

**ନୂଆଦିଲ୍ଲୀ,୧୫।୫:** ଭାରତୀୟ ବିମାନବନ୍ଦରରେ ଯାତ୍ରୀ ଏବଂ କାର୍ଗୋ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସେବା ଯୋଗାଇବାରେ ଜଡିତ ଏକ ତୁର୍କୀ କମ୍ପାନୀ ସେଲେବି ଆଭିଏସନ୍‌ର ସୁରକ୍ଷା କ୍ଲିୟରାନ୍ସକୁ ଗୁରୁବାର ପ୍ରତ୍ୟାହାର କରିଛି ଭାରତ। ଆଜି ଏକ ଆଦେଶରେ କୁହାଯାଇଛି ଯେ ଜାତୀୟ ସୁରକ୍ଷା ସ୍ୱାର୍ଥ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଅଙ୍କାରା ଇସଲାମାବାଦକୁ ସମର୍ଥନ କରିବା ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅପରେସନ୍ ସିନ୍ଦୂରକୁ ନିନ୍ଦା କରିବା ପରେ ତୁର୍କୀ ସହିତ ଭାରତର ସମ୍ପର୍କ ତିକ୍ତ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ବ୍ୟୁରୋ ଅଫ୍ ସିଭିଲ୍ ଏଭିଏସନ୍ ସିକ୍ୟୁରିଟି ପକ୍ଷରୁ ସେଲେବି ଏୟାରପୋର୍ଟ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ସୁରକ୍ଷା ଅନୁମୋଦନକୁ ତୁରନ୍ତ ପ୍ରତ୍ୟାହାର କରିଛି। କମ୍ପାନୀକୁ ପୂର୍ବରୁ ୨୦୨୨ ନଭେମ୍ବର ୨୧ ତାରିଖ ୨ରେ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଏଜେନ୍ସି ବର୍ଗ ଅଧୀନରେ ଅନୁମତି ଦିଆଯାଇଥିଲା। ଏ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ସେଲେବି ଦ୍ୱାରା ସେବା ଯୋଗାଇ ଦିଆଯାଉଥିବା ବିମାନବନ୍ଦରଗୁଡ଼ିକୁ ବିକଳ୍ପ ଭୂମି ପରିଚାଳନା ସଂସ୍ଥାଗୁଡ଼ିକ ସହିତ ସମନ୍ୱୟରେ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା କରିବାକୁ ପଡିବ। ସେଲେବି କାର୍ଯ୍ୟ କରୁଥିବା ନଅଟି ବିମାନବନ୍ଦରରେ ନୂତନ ସେବା ପ୍ରଦାନକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଶୀଘ୍ର ନୂତନ ଟେଣ୍ଡର ଜାରି କରାଯିବ । ସେଲେବି ଆଭିଏସନ୍ ଦିଲ୍ଲୀ, ମୁମ୍ବାଇ ଏବଂ ଚେନ୍ନାଇ ସମେତ ନଅଟି ପ୍ରମୁଖ ଭାରତୀୟ ବିମାନବନ୍ଦରରେ ଗୁରୁତ୍ୱପୂର୍ଣ୍ଣ ଉଚ୍ଚ-ସୁରକ୍ଷା କାର୍ଯ୍ୟର ତଦାରଖ କରୁଥିଲା। କମ୍ପାନୀ ଭୂମି ପରିଚାଳନା, କାର୍ଗୋ ସେବା ଏବଂ ଏୟାରସାଇଡ୍ କାର୍ଯ୍ୟ ଭଳି ପ୍ରମୁଖ କାର୍ଯ୍ୟ ପରିଚାଳନା କରୁଥିଲା। ଯାହା ବିମାନବନ୍ଦର ଜୋନ୍‌ଗୁଡ଼ିକର ସମ୍ବେଦନଶୀଳ ଏବଂ କଡ଼ା ନିୟନ୍ତ୍ରିତ ପ୍ରକୃତି ଯୋଗୁଁ ଉଚ୍ଚ-ସୁରକ୍ଷା ଭାବରେ ବିବେଚିତ ହୁଏ। ତୁର୍କୀ ଏବଂ ଆଜରବାଇଜାନ ପାକିସ୍ତାନକୁ ସମର୍ଥନ କରିବା ଏବଂ ପାକିସ୍ତାନ ଏବଂ ପାକ୍-ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଶିବିର ଉପରେ ଭାରତର ସମ୍ପ୍ରତି ସାମରିକ ଆକ୍ରମଣକୁ ନିନ୍ଦା କରିବା ପରେ ଭାରତୀୟମାନଙ୍କ ମଧ୍ୟରେ ବ୍ୟାପକ ଜନ କ୍ରୋଧ ରହିଛି। ବିବାଦ ସମୟରେ ତୁର୍କୀ ପାକିସ୍ତାନକୁ ଡ୍ରୋନ୍ ଏବଂ ସାମରିକ ସହାୟତା ସହିତ ସମର୍ଥନ କରିଥିବା ଜଣାପଡ଼ିଛି। ବିଶେଷକରି ୨୦୨୩ରେ ହୋଇଥିବା ଭୟଙ୍କର ଭୂମିକମ୍ପ ପରେ ଭାରତ ତୁର୍କୀକୁ ଦେଇଥିବା ସହାୟତାକୁ ଦୃଷ୍ଟିରେ ରଖି ଭାରତରେ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଭାରତୀୟ ବ୍ୟବସାୟୀମାନେ ତୁର୍କୀ ସେଓ ଏବଂ ମାର୍ବଲ ଭଳି ଆମଦାନୀ ବର୍ଜନ କରିବା ଆରମ୍ଭ କରିଥିବା ଜଣାପଡ଼ିଛି। ବାଣିଜ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ କୂଟନୈତିକ ବିବାଦ ସମ୍ପର୍କକୁ ଆହୁରି ଖରାପ କରିପାରେ।



# ପୁଲିସ ଅଟକାଇବା ସତ୍ତ୍ୱେ ଆମ୍ବେଦକର ହଷ୍ଟେଲ ଗଲେ ରାହୁଲ

**ପାଟନା,୧୫।୫:** କଂଗ୍ରେସ ନେତା ରାହୁଲ ଗାନ୍ଧି ବିହାରର ଦରଭଙ୍ଗା ଜିଲ୍ଲାର ଆମ୍ବେଦକର ହଷ୍ଟେଲରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ସମୟରେ ପୁଲିସ ତାଙ୍କୁ ଅଟକାଇଥିଲା, ଯେଉଁଠାରେ ସେ ଦଳର 'ଶିକ୍ଷା ନ୍ୟାୟ ସମ୍ବାଦ' ଅନ୍ତର୍ଗତ ଏସସି/ଏସଟି, ଓବିସି ଏବଂ ଇବିସି ବର୍ଗର ଛାତ୍ରମାନଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ। ସୂତ୍ର ଅନୁସାରେ ରାହୁଲ ଗାନ୍ଧିଙ୍କ ଗାଡ଼ିକୁ ହଷ୍ଟେଲ ବାହାରେ ସେଠାରେ ନିୟୋଜିତ ପୁଲିସ କର୍ମଚାରୀମାନେ ଅଟକାଇଥିଲେ। ଏହାକୁ ନେଇ କଂଗ୍ରେସ କର୍ମୀମାନେ ପ୍ରବେଶ ଫାଟକରେ ପ୍ରତିବାଦ କରିବା ସମୟରେ ରାହୁଲ ବହୁତ ସମୟ ପାଇଁ ତାଙ୍କ ଗାଡ଼ିରେ ବସି ରହିଥିଲେ। ଆମ୍ବେଦକର ହଷ୍ଟେଲର ପ୍ରବେଶ ଫାଟକ ଖୋଲିବାକୁ ନେଇ ଜିଲ୍ଲା ପ୍ରଶାସନ ଅଧିକାରୀ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ବଚସା ହୋଇଥିଲା। ଅଧିକାରୀମାନେ ସୂଚନା ଦେଇଥିଲେ ଯେ ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟକ୍ରମକୁ ଟାଉନ ହଲକୁ ସ୍ଥାନାନ୍ତର କରାଯାଇଛି। ତଥାପି କଂଗ୍ରେସ ନେତାମାନେ ମୂଳ ଯୋଜନା ସ୍ଥାନରେ କାର୍ଯ୍ୟକ୍ରମ କରିବାକୁ ଜିଦ୍ ଧରିଥିଲେ। ପୁଲିସ କର୍ମଚାରୀ ପ୍ରବେଶ ଫାଟକ ନ ଖୋଲିବାରୁ ରାହୁଲ ତାଙ୍କ ଗାଡ଼ିରୁ ଓହ୍ଲାଇ ହଷ୍ଟେଲକୁ ଚାଲି ଚାଲି ଯାଇଥିଲେ। ସେଠାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ତାଙ୍କ ପାଇଁ ଅପେକ୍ଷା କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରି ରାହୁଲ କହିଥିଲେ, 'ମୁଝେ କାୟାର ସମଝା ଥା କ୍ୟା ? ଫାୟାର ହୁଁ ମେ (କ'ଣ ସେମାନେ ମୋତେ କାପୁରୁଷ ବୋଲି ବିବେଚନା କରିଥିଲେ ? ମୁଁ ନିଆଁ ପରି)। ରାହୁଲ ଅଭିଯୋଗ କରିଥିଲେ ଯେ ବିହାର ଏବଂ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଏସସି/ଏସଟି ଛାତ୍ରଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଫଳ ହୋଇଛି। ସେ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରମାନଙ୍କ ପାଇଁ ସଂରକ୍ଷଣ ଏବଂ ପ୍ରତି ସଂରକ୍ଷଣ ସୀମା ୫୦ ହଟାଇବା ଦାବି କରିଥିଲେ। ପୁଲିସର କାର୍ଯ୍ୟାନୁଷ୍ଠାନ ପ୍ରତି ଦୁଃଖ ପ୍ରକାଶ କରି ରାହୁଲ କହିଛନ୍ତି, "ଭାରତ ଏକ ଗଣତାନ୍ତ୍ରିକ ଦେଶ। ଏହା ଏକଛତ୍ରବାଦ ନୁହେଁ ବରଂ ସମ୍ବିଧାନ ଦ୍ୱାରା ପରିଚାଳିତ। ସାମାଜିକ ନ୍ୟାୟ ଏବଂ ଶିକ୍ଷା ପାଇଁ ସ୍ୱର ଉଠାଇବାରୁ ଆମକୁ କେହି ଅଟକାଇ ପାରିବେ ନାହିଁ। ସେ କହିଛନ୍ତି ଯେ ତାଙ୍କ ଦଳ ସାରା ଦେଶରେ ଘରୋଇ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ପାଇଁ ଲଢ଼େଇ ଜାରି ରଖିବ। ବିହାର ପୁଲିସ ମୋତେ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ସେମାନେ ଏହା କରିପାରିଲେ ନାହିଁ କାରଣ ଦେଶର ଯୁବକମାନେ ମୋ ପଛରେ ଅଛନ୍ତି ବୋଲି ରାହୁଲ କହିଥିଲେ। ସେ ଦଳର ତିନୋଟି ପ୍ରମୁଖ ଦାବି ଦୋହରାଇଥିଲେ, ଜାତିଗତ ଜନଗଣନା କରିବା, ଘରୋଇ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ଲାଗୁ କରିବା ଏବଂ ଏସସି/ଏସଟି ଉପ-ଯୋଜନା ଲାଗୁ କରିବା। ଦରଭଙ୍ଗା ପରେ ରାହୁଲ ପାଟନାର ସଦାକ୍ୱାଟ ଆଶ୍ରମରେ ଥିବା ଦଳୀୟ ମୁଖ୍ୟାଳୟକୁ ଯାଇଥିଲେ ଯେଉଁଠାରେ ସେ ଫୁଲେ ଚଳଚ୍ଚିତ୍ର ଦେଖିଥିଲେ।



## ସୀମାପାର ଆତଙ୍କବାଦ ବନ୍ଦ ନହେବା ପର୍ଯ୍ୟନ୍ତ ସିନ୍ଧୁ ଜଳ ଛଡ଼ାଯିବନି



**ନୂଆଦିଲ୍ଲୀ, ୧୫।୫:** ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ଗୁରୁବାର ଦିନ ସିନ୍ଧୁ ଜଳ ଚୁକ୍ତିନାମା ବାତିଲ ନେଇ ଭାରତର ମତ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ପାକିସ୍ତାନ ସୀମାପାର ଆତଙ୍କବାଦ ବନ୍ଦ ନକରିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ଛଡାଯିବନି। ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରଖାଯାଇଛି ଏବଂ ପାକିସ୍ତାନ ଦ୍ୱାରା ସୀମାପାର ଆତଙ୍କବାଦକୁ ବିଶ୍ୱସନୀୟ ଏବଂ ଅପରିବର୍ତ୍ତନୀୟ ଭାବରେ ବନ୍ଦ ନହେବା ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖାଯିବ ବୋଲି ଜୟଶଙ୍କର କହିଛନ୍ତି। ନୂଆଦିଲ୍ଲୀସ୍ଥିତ ହଣ୍ଡୁରାସ୍ ଦୂତାବାସର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଗଣମାଧ୍ୟମକୁ ସମ୍ବୋଧିତ କରି ଜୟଶଙ୍କର କହିଛନ୍ତି ଯେ ଘାତକ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ହଣ୍ଡୁରାସ ସେହିଦେଶମାନଙ୍କ ମଧ୍ୟରୁ ପ୍ରଥମ ଦେଶ ଯିଏ ଭାରତକୁ ଦୃଢ଼ ସମର୍ଥନ ଦେଇଥିଲା। ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ଯେ ପାକିସ୍ତାନ ବିରୁଦ୍ଧରେ ପ୍ରତିଶୋଧମୂଳକ ସାମରିକ ଅଭିଯାନ ଅପରେସନ୍ ସିନ୍ଦୂର ସମୟରେ ଭାରତକୁ ବହୁତ ନ୍ତର୍ଜାତୀୟ ସମର୍ଥନ ମିଳିଥିଲା। ଆମେ ପ୍ରକୃତରେ ବହୁତ ଆନ୍ତର୍ଜାତୀୟ ସମର୍ଥନ ପାଇଥିଲୁ... ଆମର ଏକ ୟୁଏନଏସସି ପ୍ରସ୍ତାବ ଥିଲା ଯେ ଅପରାଧୀମାନଙ୍କୁ ଦାୟୀ କରାଯିବା ଉଚିତ ଏବଂ ମେ ୭ ତାରିଖରେ ସେମାନଙ୍କୁ ଅପରେସନ୍ ସିନ୍ଦୂର ମାଧ୍ୟମରେ ଦାୟୀ କରାଯାଇଥିଲା ବୋଲି ସେ କହିଛନ୍ତି। କାଶ୍ମୀର ଏବଂ ପାକିସ୍ତାନ ସହ ଜଡିତ ପ୍ରସଙ୍ଗରେ ତୃତୀୟ ପକ୍ଷ ହସ୍ତକ୍ଷେପ ସମ୍ପର୍କରେ ଭାରତର ନୀତି ଅକ୍ଷୁଣ୍ଣ ରହିଛି ବୋଲି ଗୁରୁତ୍ୱାରୋପ କରି ଜୟଶଙ୍କର କହିଛନ୍ତି, ପାକିସ୍ତାନ ସହିତ ଆମର ସମ୍ପର୍କ ଏବଂ କାରବାର ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ହେବ। ଏହା ବର୍ଷ ବର୍ଷ ଧରି ଏକ ଜାତୀୟ ସହମତି, ଏବଂ ଏଥିରେ କୌଣସି ପରିବର୍ତ୍ତନ ନାହିଁ। କାଶ୍ମୀର ଉପରେ ପାକିସ୍ତାନ ସହିତ ଆହୁରି ଆଲୋଚନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଥାକୁ ପ୍ରତିଫଳିତ କରି ଜୟଶଙ୍କର କହିଛନ୍ତି, କାଶ୍ମୀର ଉପରେ ଆଲୋଚନା କରିବାକୁ ବାକି ଥିବା ଏକମାତ୍ର ବିଷୟ ହେଉଛି ପାକ୍ ଅଧିକୃତ କାଶ୍ମୀରରେ ଅବୈଧ ଭାବରେ ଅଧିକୃତ ଭାରତୀୟ ଅଞ୍ଚଳ ଖାଲି କରିବା; ଆମେ ସେହି ଆଲୋଚନା ପାଇଁ ଖୋଲା ଅଛୁ। ଅସ୍ତ୍ରବିରତି ଚୁକ୍ତିନାମା ଉପରେ ମତ ଦେଇ ଜୟଶଙ୍କର କହିଛନ୍ତି ଯେ ଭାରତ ପାକିସ୍ତାନରେ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରି ତା'ର ଲକ୍ଷ୍ୟ ହାସଲ କରିଛି।

## ଉରିରେ ଶାନ୍ତି ଫେରିଛି, କିନ୍ତୁ ଭୟ ଘାରିଛି

**ନୂଆଦିଲ୍ଲୀ,୧୫।୫:** ଯଦିଓ ପାକିସ୍ତାନର ପ୍ରବଳ ଗୁଳିମାଡ଼ ଦ୍ୱାରା ପ୍ରଭାବିତ ସୀମାନ୍ତ ଅଞ୍ଚଳରେ ସ୍ୱାଭାବିକତା ଫେରି ଆସୁଛି, ତଥାପି ଉତ୍ତର କାଶ୍ମୀରର ଉରିରେ ସୀମାନ୍ତ ବାସିନ୍ଦାଙ୍କ ମଧ୍ୟରେ ଭୟ ଜାରି ରହିଛି। ଅପରେସନ୍ ସିନ୍ଦୂର ପରେ ସୀମାପାର ତୋପ ଗୁଳିମାଡ଼ରେ ଡଜନେ ଘର ଏବଂ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଶନିବାର ସନ୍ଧ୍ୟାରୁ କୌଣସି ପାକିସ୍ତାନୀ ଗୁଳିମାଡ଼ ହୋଇନାହିଁ। ପରିସ୍ଥିତିରେ ଉନ୍ନତି ହୋଇଛି ବୋଲି ଉରିର ସଲାମାବାଦର ବାସିନ୍ଦା ଶୋକତ ଚ୍ୟାକ୍ କହିଛନ୍ତି। ପାକିସ୍ତାନୀ ଗୁଳିମାଡ଼ ପରେ ତାଙ୍କ ବୃଦ୍ଧା ମା ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ସେଠାରୁ ପଳାଇ ଯାଇଥିବା ଶୋକତ ଗାଁକୁ ଫେରି ଆସିଛନ୍ତି। ସୌଭାଗ୍ୟବଶତଃ ପାକିସ୍ତାନ ପଟୁ କୌଣସି ଗୁଳିମାଡ଼ ହୋଇନାହିଁ। କିନ୍ତୁ ଆମେ ଏବେ ବି ଭୟରେ ବଞ୍ଚୁଛୁ କାରଣ ସେମାନେ କେବେ ଅସ୍ତ୍ରବିରତି ଭଙ୍ଗ କରିପାରନ୍ତି ଏବଂ ପାକିସ୍ତାନୀ ସୈନ୍ୟମାନେ ପୁଣି ଜମ୍ମୁ-କାଶ୍ମୀର ସୀମାନ୍ତ ଅଞ୍ଚଳ ଆଡ଼କୁ ମୋର୍ଟାର ଏବଂ ତୋପ ଗୁଳିମାଡ଼ କରି ପାରନ୍ତି ବୋଲି ସେ କହିଛନ୍ତି। ପାକିସ୍ତାନ ଗୁଳିମାଡ଼ରେ ଜଣେ ମହିଳା ପ୍ରାଣ ହରାଇଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି ଏବଂ ପ୍ରାୟ ୧୦୦ ଘର କ୍ଷତିଗ୍ରସ୍ତ ହୋଇଛି। କୁପୱାଡ଼ା କାନାହ ସେକ୍ଟରର ବାସିନ୍ଦା ଗୁଲାମ ମହମ୍ମଦ କହିଛନ୍ତି ଯେ ଯେତେବେଳେ ସୀମାପାର ଗୁଳିମାଡ଼ ଏବଂ ଗୁଳିବର୍ଷା ହୁଏ ସେତେବେଳେ ସେମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼େ। ଯଦିଓ ସ୍ୱାଭାବିକତା ଫେରି ଆସିଛି, ଆମେ ଏବେ ବି ଚିନ୍ତିତ। ଆମେ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ ହେଉଥିବା ଦେଖିଛୁ ବୋଲି ସେ କହିଛନ୍ତି।



## ଭୂକମ୍ପରେ ଦୋହଲିଲା ତୁର୍କୀ

**ନୂଆଦିଲ୍ଲୀ,୧୫।୫:** ତୁର୍କୀରେ ଗୁରୁବାର ସନ୍ଧ୍ୟାରେ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୧ ରେକର୍ଡ କରାଯାଇଛି। ଭୂମିକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ, ଲୋକମାନେ ଭୟରେ ଘରୁ ବାହାରକୁ ବାହାରି ଆସିଥିଲେ । ସେପଟେ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ମିଳି ନାହିଁ। ଇଏମ୍‌ସିଏସ୍ ରିପୋର୍ଟ ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ତୁର୍କୀରେ ୫.୧ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। କୁଲୁରୁ ଉତ୍ତର-ପୂର୍ବରେ ୧୪ କିଲୋମିଟର ଦୂରରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ବୁଧବାର ସକାଳେ ଗ୍ରୀସର ଫ୍ରାଏ ନିକଟରେ ୬.୧ ତୀବ୍ରତାର ଭୂମିକମ୍ପ ହେବା ପରେ ଏହି ଭୂମିକମ୍ପ ଆସିଛି । ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ଭେ ଅନୁଯାୟୀ, ସ୍ଥାନୀୟ ସମୟ ରାତି ୧.୫୧ ମିନିଟରେ ୭୮ କିଲୋମିଟର ଗଭୀରତାରେ ଭୂମିକମ୍ପ ହୋଇଥିଲା।

## ଭାରତ-ପାକ୍ ଉତ୍ତେଜନାର 'ସମାଧାନ' କରିଥିଲି

### ଲକ୍ଷ୍ୟ ଥିଲା ବାଣିଜ୍ୟିକ ଲାଭ

### ଟ୍ରମ୍ପଙ୍କ ପୁଣି ଦାବି



**ନୂଆଦିଲ୍ଲୀ, ୧୫।୫:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ତାଙ୍କର ଦାବିକୁ ଦୋହରାଇଛନ୍ତି। ସେ କହିଛନ୍ତି 'ବାଣିଜ୍ୟ ଆଲୋଚନା' ମାଧ୍ୟମରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିର ମଧ୍ୟସ୍ଥତା କରିଥିଲେ। ଏବଂ ଯାହା ହେଉ, ମୁଁ ଏହା କହିବାକୁ ଚାହୁଁନାହିଁ, କିନ୍ତୁ ମୁଁ ନିଶ୍ଚିତ ଭାବରେ ଗତ ସପ୍ତାହରେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଛି, ଯାହା ଅଧିକରୁ ଅଧିକ ଶତ୍ରୁତାପୂର୍ଣ୍ଣ ହେଉଥିଲା, ଟ୍ରମ୍ପ କାତାରର ଅଲ-ଉଦେଦ ଏୟାର ବେସରେ ଆମେରିକୀୟ ସାମରିକ କର୍ମଚାରୀଙ୍କୁ ସମ୍ବୋଧିତ କରି ଏପରି କହିଛନ୍ତି। 'ଏବଂ ହଠାତ୍, ଆପଣ ଏକ ଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ଦେଖିବା ଆରମ୍ଭ କରିବେ। ଏବଂ ଆମେ ଏହାକୁ ସମାଧାନ କରିଛୁ। ମୁଁ ଆଶା କରୁଛି ମୁଁ ଏଠାରୁ ଚାଲିଯିବି ନାହିଁ ଏବଂ ଦୁଇ ଦିନ ପରେ ଜାଣିବି ଯେ ଏହା ସମାଧାନ ହୋଇନାହିଁ, କିନ୍ତୁ ମୁଁ ଭାବୁଛି ଏହା ସମାଧାନ ହୋଇସାରିଛି,' ସେ କହିଛନ୍ତି। ଦୁଇ ଦେଶ ମଧ୍ୟରେ ଶାନ୍ତି ପାଇଁ ଆମେରିକା ବାଣିଜ୍ୟକୁ ଏକ ଉପାୟ ଭାବରେ ବ୍ୟବହାର କରିଛି ବୋଲି ତାଙ୍କର ଦାବିକୁ ଦୋହରାଇ ଟ୍ରମ୍ପ ଭାରତ ଏବଂ ପାକିସ୍ତାନ ସହିତ ଆଲୋଚନାକୁ ଉଲ୍ଲେଖ କରି କହିଛନ୍ତି, 'ଆମେ ଯୁଦ୍ଧ ବଦଳରେ ବାଣିଜ୍ୟ କରିବା। ଏବଂ ପାକିସ୍ତାନ ଏଥିରେ ବହୁତ ଖୁସି ଥିଲା ଏବଂ ଭାରତ ଏଥିରେ ମଧ୍ୟ ବହୁତ ଖୁସି ଥିଲା। ମୁଁ ଭାବୁଛି ସେମାନେ ଠିକ ରାସ୍ତାରେ ଅଛନ୍ତି, ଆପଣ ଜାଣନ୍ତି, ସେମାନେ ପ୍ରାୟ ହଜାର ବର୍ଷ ଧରି ଲଢ଼ି ଆସୁଛନ୍ତି।' ତେଣୁ ମୁଁ କହିଲି, ଆପଣ ଜାଣନ୍ତି, ମୁଁ ଏହାକୁ ସମାଧାନ କରିପାରିବି। ମୁଁ ଯେକୌଣସି ସମାଧାନ କରିପାରିବି। ମୋତେ ଏହାକୁ ସ୍ଥିର କରିବାକୁ ଦିଅ। ଆସନ୍ତୁ ସେମାନଙ୍କୁ ଏକାଠି କରିବା। ଟ୍ରମ୍ପ ଏହା ମଧ୍ୟ ଦାବି କରିଛନ୍ତି ଯେ ଭାରତ ରପ୍ତାନୀ ହେଉଥିବା ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ସମାପ୍ତ କରିବାକୁ ରାଜି ହୋଇଛି। ଭାରତ ବିଶ୍ୱର ସର୍ବୋଚ୍ଚ ଶୁଳ୍କ ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଗୋଟିଏ। ଭାରତରେ ବିକ୍ରୟ କରିବା ବହୁତ କଷ୍ଟକର। ଟ୍ରମ୍ପଙ୍କ ବକ୍ତବ୍ୟର ଜବାବରେ, କଂଗ୍ରେସ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାଣିଜ୍ୟ ଚୁକ୍ତି ଏବଂ ଅପରେସନ ସିନ୍ଦୂର ଉପରେ ତାଙ୍କ ଦାବି ଉପରେ ନିରବତା ନେଇ ପ୍ରଶ୍ନ ଉଠାଇଛି। ବାଣିଜ୍ୟ ମନ୍ତ୍ରୀ ୱାଶିଂଟନ ଡିସିରେ ଅଛନ୍ତି ଏବଂ ରାଷ୍ଟ୍ରପତି ଟ୍ରମ୍ପ ଦୋହାରୁ ଆଉ ଏକ ମହାନ ଘୋଷଣା କରିଛନ୍ତି। ଆମ ପ୍ରଧାନମନ୍ତ୍ରୀଙ୍କ ଠାରୁ ସମ୍ପୂର୍ଣ୍ଣ ଲୁଚିକି ଅଛି। ସେ କ'ଣ ସହମତ ହୋଇଛନ୍ତି ଏବଂ ଏହା ଅପରେସନ ସିନ୍ଦୂର ବନ୍ଦ କରିବା ମଧ୍ୟରେ କ'ଣ ସମ୍ପର୍କ ଅଛି ବୋଲି ଜୟରାମ ରମେଶ ଏକ୍ସରେ ଏକ ପୋଷ୍ଟରେ ପ୍ରଶ୍ନ କରିଛନ୍ତି। ତେବେ ଟ୍ରମ୍ପଙ୍କ ଏହି ଦାବି ଆଜି ନୁହେଁ, ଶନିବାରଠୁ ଆଜି ପର୍ଯ୍ୟନ୍ତ ସେ ୬ଥର ଏପରି କହିସାରିଲେଣି।

# ଟ୍ରକ୍-ଅଟୋ ଧକ୍କା: ୬ ମୃତ

**ଲକ୍ଷ୍ନୌ, ୧୫।୫:** ଉତ୍ତରପ୍ରଦେଶ ହରଦୋଇ ଜିଲ୍ଲାରେ ଏକ ଅଟୋ-ରିକ୍ସା ଏବଂ ଟ୍ରକ୍ ମଧ୍ୟରେ ଏକ ଭୟଙ୍କର ଦୁର୍ଘଟଣାରେ ଅଟୋ ଚାଳକଙ୍କ ସମେତ ୬ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ତିନି ଜଣ ଆହତ ହୋଇଛନ୍ତି। ଏହି ଭୟଙ୍କର ଦୁର୍ଘଟଣାରେ ଦୁଇ ପିଲାଙ୍କ ସମେତ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ମୁହାଁମୁହିଁ ଧକ୍କା ଯୋଗୁଁ ଅଟୋ-ରିକ୍ସାଟି ଭାଙ୍ଗିରୁଜି ଯାଇଛି, ଏହାର ଆଗ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗୋଟିଏ ପିଲାର ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ ଲକ୍ଷ୍ନୌକୁ ପଠାଯାଇଛି। ସାଣ୍ଡିଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନ୍ୟ ଏକ ପିଲା ଏବଂ ଜଣେ ପୁରୁଷଙ୍କ ଚିକିତ୍ସା କରାଯାଉଛି ବୋଲି ସାଣ୍ଡିଲା ସର୍କଲ୍ ଅଫିସର ସତ୍ୟେନ୍ଦ୍ର ସିଂହ କହିଛନ୍ତି। ଅଟୋ-ରିକ୍ସାରେ ୧୦ ଜଣ ଯାତ୍ରୀ ଥିଲେ। ଏକ ଦ୍ରୁତଗାମୀ ଟ୍ରକ୍ ସାମ୍ନାରୁ ଗାଡ଼ିକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ ଅଟୋ-ରିକ୍ସାଟି ଅନେକ ଥର ଓଲଟି ପଡ଼ିଥିଲା ଏବଂ ଯାତ୍ରୀମାନଙ୍କୁ ରାସ୍ତାରେ ଫୋପାଡ଼ି ଦେଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଟ୍ରକ୍ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଅଟୋ-ରିକ୍ସାରେ କ୍ଷମତାଠାରୁ ଅଧିକ ଯାତ୍ରୀ ଥିଲେ। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଡ୍ରାଇଭର ସମେତ ଚାରି ଜଣଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ପରିବାରକୁ ସୂଚନା ଦିଆଯାଇଛି। ଅନ୍ୟ ଦୁଇ ମୃତକଙ୍କ ପରିଚୟ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଅଧିକ ତଦନ୍ତ ଚାଲିଛି, ପୁଲିସ ଟ୍ରକ୍ ଓ ଏହାର ଡ୍ରାଇଭରକୁ ଖୋଜୁଛି।

### ଜେଏନୟୁ ରାସ୍ତାରେ ଜାମିଆ

## ତୁର୍କୀ ସହ ସମ୍ପର୍କ ତୁଟାଇଲା



**ନୂଆଦିଲ୍ଲୀ, ୧୫।୫:** ଜେଏନୟୁ ପରେ ତୁର୍କୀ ସହ ସମ୍ପର୍କ ତୁଟାଇଛି ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ। ସମସ୍ତ ପ୍ରକାର ବୁଝାମଣାକୁ ବାତିଲ କରିଛି ୟୁନିଭର୍ସିଟି। ଭାରତ ଓ ପାକିସ୍ତାନ ସଂଘର୍ଷ ସାମାନ୍ୟ ଶାନ୍ତ ପଡ଼ିବା ପରେ ଏବେ ଦେଶରେ ତୁର୍କୀ ବଏକଟ୍ ଟ୍ରେଣ୍ଡ ଚାଲିଛି । ତୁର୍କୀ ସରକାରଙ୍କଠୁ ସମସ୍ତ ପ୍ରକାର ସମ୍ପର୍କ ତୁଟାଇବାକୁ ଦେଶବାସୀ ଦାବି କରିଛନ୍ତି। ଏହାରି ଭିତରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ଘୋଷଣା ବଏକଟ୍ ଟ୍ରେଣ୍ଡକୁ ଆହୁରି ପ୍ରଜ୍ୱଳିତ କରିଛି। ନୂଆଦିଲ୍ଲୀରେ ଥିବା ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ୍ସରେ ଏକ ପୋଷ୍ଟ କରି ଲେଖିଛନ୍ତି, ରାଷ୍ଟ୍ର ସୁରକ୍ଷା କାରଣରୁ ତୁର୍କୀ ଗଣରାଜ୍ୟ ସରକାରଙ୍କ ସମ୍ବନ୍ଧିତ ସଂଗଠନମାନଙ୍କ ସହିତ କୌଣସି ପ୍ରକାରର ବୁଝାମଣା ବା ଏମଓୟୁକୁ ତତ୍କାଳ ପ୍ରସ୍ତାବରେ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଲମ୍ବିତ କରାଯାଇଛି । ଜମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ସବୁବେଳେ ରାଷ୍ଟ୍ର ସହିତ ଛିଡ଼ା ହୋଇଛି। ଏନେଇ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ପ୍ରଫେସର ସାଇମା ସାଇଦ୍ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି, 'ଜାମିଆ ତୁର୍କୀର ଶୈକ୍ଷିକ ସଂଗଠନ ଓ ପ୍ରତିଷ୍ଠାନ ସହିତ ବୁଝାମଣାକୁ ନିଲମ୍ବିତ କରିଛି ।

### ● ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ

## ବିଜୟଙ୍କ ବିରୋଧରେ ମାମଲା ରୁଜୁ



● କର୍ଣ୍ଣେଲ କୁରେଶୀଙ୍କୁ ଆତଙ୍କବାଦୀଙ୍କ ଭଉଣୀ ବୋଲି ଉଲ୍ଲେଖ କରିଥିଲେ

**ଭୋପାଳ, ୧୫।୫:** ମଧ୍ୟପ୍ରଦେଶ ରାଜ୍ୟ ମନ୍ତ୍ରୀ ବିଜୟ ଶାହଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହୋଇଛି। ବୁଧବାର ମଧ୍ୟପ୍ରଦେଶ ହାଇକୋର୍ଟ ତାଙ୍କୁ ତାଙ୍କର ଅଶାଳୀନ ମନ୍ତବ୍ୟ ପାଇଁ ଆକ୍ଷେପ କରିଥିଲେ, ଯେଉଁଥିରେ ସେ ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୂର ଉପରେ ଜାତୀୟ ବ୍ରିଫିଙ୍ଗରେ ଅଂଶ ଗ୍ରହଣ କରିଥିବା କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ବିରୁଦ୍ଧରେ ଅପ୍ରୀତିକର ଭାଷା ବ୍ୟବହାର କରିଥିଲେ। କୋର୍ଟ ଗଣମାଧ୍ୟମ ରିପୋର୍ଟ ଏବଂ ଡିଜିଟାଲ୍ ପ୍ରମାଣର ସ୍ୱତଃସ୍ଫୂର୍ତ୍ତ ବିଚାର କରିଥିଲେ, ଯାହା ପରେ ସେ ଶତ୍ରୁତା ଏବଂ ଘୃଣାକୁ ପ୍ରୋତ୍ସାହିତ କରିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଏଫଆଇଆର ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଶାହ କର୍ଣ୍ଣେଲ କୁରେଶୀଙ୍କୁ ଆତଙ୍କବାଦୀଙ୍କ ଭଉଣୀ ବୋଲି ତୀକ୍ଷ୍ଣ ଭାବରେ ଉଲ୍ଲେଖ କରିଥିଲେ। ଶାହଙ୍କୁ ନିନ୍ଦା କରି ଖଣ୍ଡପୀଠ କହିଥିଲେ ଯେ ସଶସ୍ତ୍ର ବାହିନୀ ହୁଏତ ଏହି ଦେଶର ଶେଷ ପ୍ରତିଷ୍ଠାନ ଯାହା ଅଖଣ୍ଡତା, ଶୃଙ୍ଖଳା, ତ୍ୟାଗ, ଚରିତ୍ର, ସମ୍ମାନ ଏବଂ ଅଦମ୍ୟ ସାହସକୁ ପ୍ରତିଫଳିତ କରେ। ଆଜି ସୁଦ୍ଧା ଏହି ମାମଲାକୁ ସର୍ବୋଚ୍ଚ ପ୍ରାଥମିକତା ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଇନ୍ଦୋର (ମହୋ)ର ରାଇକୁଣ୍ଡା ଗାଁରେ ଏକ କାର୍ଯ୍ୟକ୍ରମର, ମନ୍ତ୍ରୀ ଏକ ଇଙ୍ଗିତ ମାଧ୍ୟମରେ କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ବିରୁଦ୍ଧରେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଦେଇଥିଲେ ବୋଲି କୋର୍ଟ ଅନୁଧ୍ୟାନରୁ ଜଣାପଡିଥିଲା। ସୂତ୍ର ଅନୁସାରେ ନୂଆଦିଲ୍ଲୀରେ ବିଜେପି ଶୀର୍ଷ ସ୍ତରୀୟ ନେତା ଅତ୍ୟନ୍ତ କ୍ରୋଧିତ।

### ● କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ସ୍ୱତନ୍ତ୍ର ପକ୍ସୋ କୋର୍ଟ ସ୍ଥାପନା କର

**ନୂଆଦିଲ୍ଲୀ, ୧୫।୫:** ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ । ପ୍ରାଥମିକତା ଆଧାରରେ ସ୍ୱତନ୍ତ୍ର ପକ୍ସୋ କୋର୍ଟ ସ୍ଥାପନା କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପକ୍ସୋ ଅଧିନିୟମ ସହିତ ଜଡ଼ିତ ମାମଲା ଗୁଡ଼ିକର ତ୍ୱରିତ ବିଚାର ପାଇଁ ଚିନ୍ତା ପ୍ରକାଶ କରି ଏହି ରାୟ ଶୁଣାଇଛନ୍ତି ସର୍ବୋଚ୍ଚ ଅଦାଲତ। ଅନ୍ୟପଟେ କୋର୍ଟ କହିଛନ୍ତି, ଦେଶରେ ପକ୍ସୋ କୋର୍ଟ ଯଥେଷ୍ଟ ନଥିବାରୁ ମାମଲାଗୁଡ଼ିକରେ ଶୁଣାଣି ବିଳମ୍ବ ହେଉଛି । ନ୍ୟାୟଧୀଶ ଜଷ୍ଟିସ୍ ବେଲା ଏମ ତ୍ରିବେଦୀ ଓ ଜଷ୍ଟିସ୍ ପି ବି ବରାଲେଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ସ୍ୱତନ୍ତ୍ର ପକ୍ସୋ କୋର୍ଟ ସ୍ଥାପନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ କହିବା ଅନୁଯାୟୀ, ଦେଶରେ ପକ୍ସୋ ସ୍ୱତନ୍ତ୍ର କୋର୍ଟ ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି । ତେଣୁ ନିର୍ଦ୍ଧାରିତ ସମୟ ସୀମା ଭିତରେ ରାୟ ପ୍ରକାଶ ହୋଇପାରୁନାହିଁ । ଏଥିପାଇଁ ପକ୍ସୋ ଅଧିନିୟମ ଆଧାରରେ ସ୍ୱନନ୍ତ୍ର ଅଦାଲତର ଆବଶ୍ୟକତା ରହିଛି। ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ବେଞ୍ଚ୍ କହିଛନ୍ତି, ଭାରତୀୟ ସଂଘ ଓ ରାଜ୍ୟ ସରକାର ପକ୍ସୋ ମାମାଲରେ ଯାଞ୍ଚ ସହିତ ଜଡ଼ିତ ଅଧିକାରୀଙ୍କୁ ସମ୍ବେଦନଶୀଳ କରିବା ପାଇଁ ଉଚିତ୍ ପଦକ୍ଷେପ ନିଆଯିବ ଜରୁରୀ । ଏହାସହିତ ସର୍ବୋଚ୍ଚ ପ୍ରାଥମିକତା ଆଧାରରେ ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର ପକ୍ସୋ କୋର୍ଟ ସ୍ଥାପନା କରିବାକୁ ପଡ଼ିବ ଓ ନିର୍ଦ୍ଧାରିତ ଅବଧି ଭିତରେ ଚାର୍ଜସିଟ୍ ଦାଖଲ ଓ ମକଦ୍ଦମାର ଶୁଣାଣି ପୂରା କରି ରାୟ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ ।

### ତାମିଲନାଡୁ ମାମଲାରେ ସମୟସୀମା ଧାର୍ଯ୍ୟ ପ୍ରସଙ୍ଗ

## ସୁପ୍ରିମକୋର୍ଟଙ୍କ ମତାମତ ଲୋଡ଼ିଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ,୧୫।୫:** ତାମିଲନାଡୁ ବିଲ ପାସ ମାମଲାରେ ସୁପ୍ରିମକୋର୍ଟଙ୍କ ମତାମତ ଲୋଡିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରାଷ୍ଟ୍ରପତି ପଚାରିଛନ୍ତି ୧୪ଟି ପ୍ରଶ୍ନ। ବିଧାନସଭାରେ ପାସ୍ ହୋଇଥିବା ବିଲକୁ ଅନୁମୋଦନ କରିବାକୁ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ ନେଇ ତାମିଲନାଡୁ ମାମଲାରେ ଏପ୍ରିଲ ୮ ତାରିଖରେ ଶୁଣାଣି କରିଥିଲେ ସୁପ୍ରିମକୋର୍ଟ। ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ପ୍ରଶ୍ନ ଉଠାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏନେଇ ସୁପ୍ରିମକୋର୍ଟଙ୍କୁ ଚିଠି ଲେଖି ଯେକୌଣସି ବିଲକୁ ଅନୁମୋଦନ କରିବାକୁ ସମୟସୀମା ଲାଗୁ କରାଯାଇପାରିବ କି ବୋଲି ପ୍ରଶ୍ନ କରିଛନ୍ତି ରାଷ୍ଟ୍ରପତି । ତେବେ ସମ୍ବିଧାନର ଧାର ୧୪୩ (୧) ଆଧାରରେ ରାଷ୍ଟ୍ରପତି ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ଧାରା ୨୦୦ ଅନୁଯାୟୀ ଯେତେବେଳେ ଏକ ବିଲ୍ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯାଏ ସେତେବେଳେ ରାଷ୍ଟ୍ରପତି ଏହି ବିଲ ଉପରେ ସହମତି ଦେଇପାରନ୍ତି କିମ୍ବା ଅସହମତି ପ୍ରକାଶ କରିପାରନ୍ତି। ସମ୍ବିଧାନରେ ଏହି ପ୍ରକ୍ରିୟା ନେଇ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନଥିବା ବେଳେ ସୁପ୍ରିମକୋର୍ଟ କିନ୍ତୁ ଏହା ଉପରେ ରାୟ ଦେଇ କହିଛନ୍ତି କି ରାଷ୍ଟ୍ରପତି ଏହି ବିଲ ଉପରେ ବିଚାର କରିବାକୁ ଲମ୍ବା ସମୟ ନେଇପାରିବେ ନାହିଁ । ଆଉ ତାପରେ ହିଁ ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି ରାଷ୍ଟ୍ରପତି ।

ସୁପ୍ରିମକୋର୍ଟଙ୍କ ଏପ୍ରିଲ ୮ତାରିଖରେ ଦିଆଯାଇଥିବା ରାୟ ସମସ୍ତ ରାଜ୍ୟପାଳଙ୍କ ପାଇଁ ରାଜ୍ୟ ବିଧାନସଭାଗୁଡ଼ିକ ଦ୍ୱାରା ଗୃହୀତ ବିଲ୍ ଉପରେ କାର୍ଯ୍ୟ କରିବା ପାଇଁ ଏକ ସମୟସୀମା ସ୍ଥିର କରିଥିଲା ଏବଂ ରାୟ ଦେଇଥିଲେ ଯେ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପିତ ଯେକୌଣସି ବିଲ୍ ସମ୍ପର୍କରେ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କାର୍ଯ୍ୟ କରିବାର କୌଣସି ବିବେଚନା ନାହିଁ ଏବଂ ମନ୍ତ୍ରୀ ପରିଷଦ ଦ୍ୱାରା ପ୍ରଦାନ କରାଯାଇଥିବା ପରାମର୍ଶକୁ ବାଧ୍ୟତାମୂଳକ ଭାବରେ ପାଳନ କରିବାକୁ ପଡିବ। ଏଥିରେ କୁହାଯାଇଛି ଯେ ଯଦି ରାଷ୍ଟ୍ରପତି ରାଜ୍ୟପାଳଙ୍କ ଦ୍ୱାରା ବିଚାର ପାଇଁ ପଠାଯାଇଥିବା ବିଲ୍ ଉପରେ ସମ୍ମତି ପ୍ରତ୍ୟାଖ୍ୟାନ କରନ୍ତି, ତେବେ ରାଜ୍ୟ ସରକାରଗୁଡ଼ିକ ସିଧାସଳଖ ସୁପ୍ରିମକୋର୍ଟଙ୍କ ପାଖକୁ ଯାଇପାରିବେ। ବିଚାରପତି ଜେ ବି ପାର୍ଦିୱାଲା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ଅସନ୍ତୋଷ, ରାଜନୈତିକ ସୁବିଧା କିମ୍ବା ଅନ୍ୟ କୌଣସି ବାହ୍ୟ କିମ୍ବା ଅପ୍ରାସଙ୍ଗିକ ବିଚାର ଭଳି ଆଧାରରେ ବିଲ୍ ସଂରକ୍ଷଣ କରିବା ସମ୍ବିଧାନ ଦ୍ୱାରା କଡ଼ା ଅବୈଧ ଏବଂ କେବଳ ସେହି ଆଧାରରେ ତୁରନ୍ତ ରଦ୍ଦ କରାଯିବାକୁ ଦାୟୀ ରହିବେ।

# ଆଜିଠୁ ଦୋହା ଡାଏମଣ୍ଡ ଲିଗ୍: ଭାଗନେବେ ୪୫ ଅଲିମ୍ପିଆନ୍



**ନୂଆଦିଲ୍ଲୀ,୧୫।୫:** ଆସନ୍ତା ଶୁକ୍ରବାର ଠାରୁ ଆରମ୍ଭ ହେବ ଦୋହା ଡାଏମଣ୍ଡ ଲିଗ୍। ପ୍ୟାରିସ ଅଲିମ୍ପିକ୍ସରେ ୨୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ଜିତିଥିବା ବୋଟ୍ସୱାନାର ଲେସଲି ତେବୋଗୋ ପ୍ରଥମ କରି ଦୋହା ଟ୍ରାକ୍‌ରେ ରେସ ଲଢ଼ିବାକୁ ଯାଉଛନ୍ତି। ଜାମାଇକା ଭେଟେରାନ ତଥା ପ୍ରସିଦ୍ଧ ଧାବିକା ସେଲି ଆନ୍-ଫ୍ରେଜର-ପ୍ରାଇସ ମଧ ଦୋହାରେ ରେସ୍‌କୁ ଓହ୍ଲାଇବେ। କେବଳ ସେତିକି ନୁହେଁ ମୋଟ୍ ୪୫ଜଣ ଅଲିମ୍ପିକ୍ସ ଓ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ପଦକ ଜିତିସାରିଥିବା ଆଥ୍‌ଲେଟ୍ ଦୋହାରେ ବିଭିନ୍ନ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ଦୋହା ଚଳିତ ସିଜନର ତୃତୀୟ ସଂସ୍କରଣ। ପୂର୍ବରୁ ଜିଆମେନ ଓ ସାଙ୍ଘାଇରେ ଦୁଇଟି ସଂସ୍କରଣ ଶେଷ ହୋଇଛି। ତୋବୋଗୋ ଉଭୟ ଲିଗ୍‌ରେ ଭାଗ ନେଇଥିଲେ। ଗତ ସିଜନରେ ତେବୋଗୋଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ସେ ପ୍ରାୟତଃ ଅଧିକାଂଶ ପ୍ରତିଯୋଗିତାରେ ରାଜୁତି କରିଥିଲେ। ଅଲିମ୍ପିକ୍ସରେ ସେ ୨୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଓ ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ବର୍ଷକ ମଧ୍ୟରେ ସେ ୯ଟି ପ୍ରତିଯୋଗିତାରେ ୨୦୦ ମିଟର ଇଭେଣ୍ଟକୁ ୨୦ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ଶେଷ କରିଥିଲେ। ଏଥର ଦୋହାରେ ତାଙ୍କ ସହ କାନାଡ଼ାର ଆରନ ବ୍ରାଉନ୍, ଆମେରିକା(ୟୁଏସଏ)ର କର୍ଟନ ଲିଣ୍ଡସେ, କାଇରି କିଙ୍ଗ, ଦକ୍ଷିଣ ଆଫ୍ରିକାର ସନ ମାସ୍ୱାଗନଓ୍ୱି ପ୍ରତିଦ୍ୱନ୍ଦ୍ୱିତା କରିବେ।

ଚଳିତ ବର୍ଷ ଅବସର ନେବାକୁ ଘୋଷଣା କରିସାରିଥିବା ଫ୍ରେଜର-ପ୍ରାଇସ ୧୦୦ ମିଟର ଇଭେଣ୍ଟ ଜରିଆରେ ଚଳିତ ସିଜନ ଆରମ୍ଭ କରିବେ। ତାଙ୍କ ସହ ଅନ୍ୟ ଜାମାଇକା ପ୍ରତିଯୋଗୀ ନତାଶା ମୋରିସନ, ଟିଆ କ୍ଲେଟନ ଓ ଟିନା କ୍ଲେଟନ ମଧ ଏହି ଇଭେଣ୍ଟରେ ଭାଗ ନେବେ। ୪୦୦ ମିଟର ଦୌଡ(ମହିଳା)ରେ ସାଡା ୱିଲିୟମ୍ସ, ନାତାଲିଆ ବୁକୋୱିକା, ଲିକି କ୍ଲାଭର, ସଲୱା ଇଦ ନେସର, ୪୦୦ମିଟର ହର୍ଡଲ୍ସ(ପୁରୁଷ) ଇଭେଣ୍ଟରେ କାର୍ଲ ବେଙ୍ଗଷ୍ଟ୍ରମ, ସିଜେ ଆଲେନ, ମାଲିକ ଜେମ୍ସ-କିଙ୍ଗ, ୧୧୦ ମିଟର ହର୍ଡଲ୍ସରେ ଡାନିଏଲ ରୋବୋର୍ଟ୍ସ, ରସିଦ ବ୍ରୋଡବେଲ, ହାଇଜମ୍ପରେ ଅଲିମ୍ପିକ୍ସ ଚାମ୍ପିଅନ ନ୍ୟୁଜିଲାଣ୍ଡର ହାମିଶ କେର, ରେମଣ୍ଡ ରିଚାର୍ଡ୍ସ, ମୁତାଜ ବର୍ସିମ ପ୍ରମୁଖ ଭାଗ ନେବାକୁ ଯାଉଛନ୍ତି। ଜାଭେଲିନ(ପୁରୁଷ) ଥ୍ରୋ ଇଭେଣ୍ଟରେ ଭାରତର ନୀରଜ ଚୋପ୍ରା ମଧ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇବେ। ତାଙ୍କ ସହ ଚେକ ଗଣରାଜ୍ୟର ଜାକୁବ ଭାଡଲେଜ, ଆଣ୍ଡରସନ ପିଟର୍ସ, କିସର୍ଣ୍ଣ ୱାଲକଟ, ଜୁଲିଆନ ୱେବର ଓ ଜୁଲିୟସ ୟେଗୋ ପ୍ରମୁଖ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜରେ ପ୍ୟାରିସ୍ ଅଲିମ୍ପିକ୍ସ ପଦକ ବିଜେତା ପୁନର୍ବାର ଲଢେଇ କରିବେ। ବାହାରିନର ୱିନଫ୍ରେଡ ୟାଭିଙ୍କ, ୟୁଗାଣ୍ଡାର ପେରୁଥ ଚେମୁତାଇ ଓ କେନିଆର ଫେଥ ଚେରୋଟିଚଙ୍କ ସହ ବିଶ୍ୱ ଆଥ୍‌ଲେଟିକ୍ସ ଉଦୀୟମାନ ଖେଳାଳି ପୁରସ୍କାର ଜିତିଥିବା ସେମ୍ବୋ ଅଲ୍‌ମାୱେ ମଧ ରେସ୍‌କୁ ଓହ୍ଲାଇବେ।

ଟ୍ରିପଲ୍ ଜମ୍ପରେ ୧୫ମିଟର ଅତିକ୍ରମ କରିଥିବା ୩ ପ୍ରତିଯୋଗୀ ଅଲିମ୍ପିକ୍ସ ଚାମ୍ପିଅନ୍ ଥିଆ ଲାଫଣ୍ଡ, ରୌପ୍ୟ ଜିତିଥିବା ସାନିଏକା ପିକେଟ୍ସ ଓ ବିଶ୍ୱ ଚାମ୍ପିଅନସିପ୍ ରୌପ୍ୟ ବିଜୟିନୀ ମାରିନା ବେଖ-ରୋମନଚୁକ୍‌ଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ଏମାନଙ୍କ ସହ ବିଶ୍ୱ ଲଙ୍ଗ ଜମ୍ପ ଚାମ୍ପିଅପ ଇଭାନା ସ୍ପାନୋଭିକ ମଧ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୦୨୨ ପରେ ସ୍ପାନୋଭିକ ପୁନର୍ବାର ଟ୍ରିପଲ ଜମ୍ପ ଇଭେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ପୋଲ ଭଲ୍ଟରେ ୟୁଏସଏର କାଟି ମୁନ୍ ଓ କାନାଡ଼ାର ଆଲିସା ନ୍ୟୁମାନଙ୍କ ମଧ୍ୟରେ ପୁଣି ଥରେ ଲଢେଇ ଦେଖିବାକୁ ମିଳିବ। ଏମାନଙ୍କ ସହ ୨୦୨୪ ବିଶ୍ୱ ଇନ୍‌ଡୋର ଚାମ୍ପିଅନ୍ ମୋଲି କାଉଡ୍ରେ, ଦୋହା ଡିଫେଣ୍ଡିଂ ଚାମ୍ପିଅନ୍ ସାଣ୍ଡି ମୋରିସ୍ ପ୍ରତିଦ୍ୱନ୍ଦ୍ୱିତା କରିବେ।

### ଟିମ ଇଣ୍ଡିଆର ଇଂଲଣ୍ଡ ଗସ୍ତ

## ୨୩ରେ ହୋଇପାରେ ଦଳ ଘୋଷଣା

**ନୂଆଦିଲ୍ଲୀ, ୧୫।୫:** ଆସନ୍ତା ମାସରେ ଭାରତୀୟ ଦଳ ୫ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଇଂଲଣ୍ଡ ଯାତ୍ରା କରିବ। ଜୁନ ୨୦ ତାରିଖରୁ ଟେଷ୍ଟ ସିରିଜ ଆରମ୍ଭ ହେବ। ଏହା ପୂର୍ବରୁ ଭାରତ ଏ' ଦଳ ଇଂଲଣ୍ଡ ଯାତ୍ରା କରି ୩ ମ୍ୟାଚ ବିଶିଷ୍ଟ ଅନଫିସିଆଲ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ମେ ୩୦ ତାରିଖରୁ ଏ' ସିରିଜ ଆରମ୍ଭ ହେବ। ସମୟ ଗଡ଼ି ଚାଲିଥିଲେ ହେଁ ବିସିସିଆଇ ଚୟନ କମିଟି ଏପର୍ଯ୍ୟନ୍ତ ଦଳ ଘୋଷଣା କରିପାରି ନାହିଁ। ଦୁଇ ଷ୍ଟାର ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିସାରିଥିବାରୁ କ୍ରିକେଟ୍ ପ୍ରେମୀ ଟେଷ୍ଟ ଦଳ ଘୋଷଣାକୁ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି। ଯାହା ଜଣା ପଡୁଛି, ଆସନ୍ତା ୨୩ କିମ୍ବା ୨୪ ତାରିଖରେ ଦଳ ଘୋଷଣା କରାଯାଇପାରେ।

## ଇଂଲଣ୍ଡ ଗସ୍ତ ପୂର୍ବରୁ ସିଦ୍ଧିବିନାୟକ ମନ୍ଦିରରେ ଗମ୍ଭୀରଙ୍କ ପୂଜାର୍ଚ୍ଚନା



**ନୂଆଦିଲ୍ଲୀ,୧୫।୫:** ୨୦୨୫ ଆଇପିଏଲ ଶେଷ ହେବା ପରେ, ଭାରତୀୟ ଦଳ ଇଂଲଣ୍ଡ ଗସ୍ତ କରିବ। ଏହି ଗସ୍ତରେ ଦୁଇ ଦଳ ମଧ୍ୟରେ ୫ଟି ଟେଷ୍ଟ ମ୍ୟାଚ ଖେଳାଯିବ। ଏହି ସିରିଜ ସହିତ ଭାରତୀୟ ଦଳ ନୂତନ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଚକ୍ର ମଧ ଆରମ୍ଭ କରିବ। ଏପରି ପରିସ୍ଥିତିରେ, ଟିମ ଇଣ୍ଡିଆ ନୂତନ ଚକ୍ରର ଏକ ମହାନ ଆରମ୍ଭ କରିବାକୁ ଚାହିଁବ। ସିରିଜ ପୂର୍ବରୁ, ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ତାଙ୍କ ପରିବାର ସହିତ ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିରରେ ପହଞ୍ଚିଥିଲେ। ଏହି ସମୟରେ ସେ ପୂଜା କରିଥିଲେ। ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳର ଟେଷ୍ଟରେ ପ୍ରଦର୍ଶନ କିଛି ଭଲ ହୋଇନାହିଁ। ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତୀୟ ଦଳକୁ ୧-୩ ଗୋଲରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ପୂର୍ବରୁ, ନ୍ୟୁଜିଲାଣ୍ଡ ଘରୋଇ ମାଟିରେ ଭାରତକୁ କ୍ଲିନ ସୁଇପ କରିଥିଲା। ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ୧୦ଟି ଟେଷ୍ଟ ମ୍ୟାଚ ଖେଳିସାରିଛି। ଏହି ସମୟରେ ଭାରତୀୟ ଦଳ କେବଳ ୩ଟି ମ୍ୟାଚ ଜିତିପାରିଛି। ଭାରତୀୟ ଦଳ ୬ଟି ମ୍ୟାଚରେ ପରାଜୟର ସାମ୍ନା କରିଛି ଏବଂ ଗୋଟିଏ ମ୍ୟାଚ ଡ୍ର ରହିଛି।

### ଜାଡ଼େଜାଙ୍କ ଐତିହାସିକ ସଫଳତା

## ୧୧୫୧ ଦିନ ଧରି ଟେଷ୍ଟ ଅଲ୍‌ରାଉଣ୍ଡର ନଂ-୧

ଦୁବାଇ, ୧୫।୫: ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ଅଲ୍‌ରାଉଣ୍ଡର ମାନ୍ୟତା ତାଲିକାରେ ଭାରତର ରବିନ୍ଦ୍ର ଜାଡ଼େଜା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଏଥିସହ ସେ ସର୍ବାଧିକ ଦିନ ଧରି ଶୀର୍ଷ ସ୍ଥାନ ବଜାୟ ରଖିବାରେ ରେକର୍ଡ ସ୍ଥାପନ କରିଛନ୍ତି। ଜାଡ଼େଜା ଇତି ମଧ୍ୟରେ କ୍ରମାନ୍ୱୟରେ ୧୧୫୧ ଦିନ ଧରି ଟେଷ୍ଟ ଅଲ୍‌ରାଉଣ୍ଡର ମାନ୍ୟତା ତାଲିକାର ଶୀର୍ଷରେ ରହିଛନ୍ତି। ୨୦୨୨ ମାର୍ଚ୍ଚରେ ସେ ୱେଷ୍ଟ ଇଣ୍ଡିଜ୍‌ର ଜାସନ ହୋଲ୍ଡରଙ୍କୁ ଅତିକ୍ରମ କରି ଶୀର୍ଷ ସ୍ଥାନ ଦଖଲ କରିଥିଲେ। ସେବେଠୁ ତାଙ୍କୁ ଅନ୍ୟ କେହି ହଟାଇପାରୁ ନାହାନ୍ତି। ଗତ ବର୍ଷ ଜାଡ଼େଜାଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା। ସେ ୫୨୭ ରନ ସଂଗ୍ରହ କରିବା ସହ ୪୮ଟି ୱିକେଟ୍ ଅକ୍ତିଆର କରିଥିଲେ। ଜାଡ଼େଜା ବର୍ତ୍ତମାନ ୪୦୦ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ବାଂଲାଦେଶର ମେହଦି ହାସାନ ମିରାଜ ୩୨୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଉଭୟଙ୍କ ମଧ୍ୟରେ ୭୩ ପଏଣ୍ଟର ବ୍ୟବଧାନ ରହିଛି। ୨୯୪ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ତୃତୀୟ ସ୍ଥାନ ଦଖଲ କରିଛନ୍ତି।

### ଓଡ଼ିଶା ଫୁଟ୍‌ବଲ୍ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

## ଅଧିକ ଫୁଟ୍‌ବଲ୍ ଏକାଡେମି ପ୍ରତିଷ୍ଠା କରିବାକୁ ଆଲୋଚନା



**କଟକ,୧୫।୫(ସଂଚାର ବ୍ୟୁରୋ):** ଓଡ଼ିଶା ଫୁଟବଲ ସଂଘ (ଫାଓ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅପରାହ୍ଣରେ ଅନୁଷ୍ଠିତ ହୋଇଛି। 'ଫାଓ' ସଭାପତି ଟଙ୍କଧର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଓଡ଼ିଶାରେ ଫୁଟ୍‌ବଲ୍ ଖେଳର ବିକାଶ ପାଇଁ ଆଲୋଚନା କରାଯିବା ସହିତ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଛି। ବୈଠକରେ 'ଫାଓ'ର ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରା ଫୁଟ୍‌ବଲ୍ ଖେଳର ବିକାଶ ପାଇଁ କିଛି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହଷ୍ଟେଲ୍‌ଗୁଡ଼ିକ 'ଫାଓ'ର ବିଭିନ୍ନ କାର୍ଯ୍ୟକଳାପ ସହ ସଂପୃକ୍ତ ରହିବା ସହିତ ଏକାଧିକ ମ୍ୟାଚ୍‌ରେ ଅଂଶଗ୍ରହଣ କରିବା ଉଚିତ। ଏଭଳି ହେଲେ ତରୁଣ ଖେଳାଳିଙ୍କ ଦକ୍ଷତା ବିକାଶ ହେବ। 'ଫାଓ' ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ସରକାରୀ ହଷ୍ଟେଲରେ ରହିବା ଓ ପ୍ରଶିକ୍ଷଣ ଗ୍ରହଣ କରିବା ସୁଯୋଗ ଦେବା ଉଚିତ ବୋଲି ଶ୍ରୀ ବେହେରା ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ସଭାପତି ଶ୍ରୀ ତ୍ରିପାଠୀ ସ୍ୱାଗତ କରିବା ସହ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଫୁଟ୍‌ବଲ୍ ଏକାଡେମି ପ୍ରତିଷ୍ଠା କରାଯିବା ବୋଲି କହିଥିଲେ। ଏହି ସବୁ ଏକାଡେମି ସରକାରଙ୍କ ସହାୟତାରେ କିମ୍ବା କର୍ପୋରେଟ ହାଉସ୍ ବା ବଡ଼ ବଡ଼ କମ୍ପାନି ସହଭାଗିତାରେ ପ୍ରତିଷ୍ଠା କରାଯିବ। ତୃଣମୂଳସ୍ତରରୁ ଫୁଟ୍‌ବଲ୍ ଖେଳର ବିକାଶ ପାଇଁ ୧୨, ୧୪ ଓ ୧୬ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା କରାଯିବା ଉଚିତ ବୋଲି ସଭାପତି ତ୍ରିପାଠୀ କହିଥିଲେ। ଏହି ବୈଠକରେ ସଂଘର ଆଗାମୀ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ପରେ 'ଫାଓ' ଲିଗ୍ ଆରମ୍ଭ କରାଯିବାକୁ ଚୂଡ଼ାନ୍ତ ହୋଇଛି। ସେହିପରି କଟକରେ ୧୯ ବର୍ଷରୁ କମ୍ ଅନ୍ତଃଜିଲ୍ଲା ଫୁଟ୍‌ବଲ୍ ପ୍ରତିଯୋଗିତା କରାଯିବାକୁ ସ୍ଥିର ହୋଇଛି।

## ନୀରଜଙ୍କୁ ମିଳିଲା ଭାରତୀୟ ସେନାରେ ବଡ଼ ପଦବୀ



ନୂଆଦିଲ୍ଲୀ,୧୫।୫: ଭାରତର ଗୌରବ ଏବଂ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାର ଟେରିଟୋରିଆଲ ଆର୍ମୀରେ 'ଲେଫ୍ଟିନେଣ୍ଟ କର୍ଣ୍ଣେଲ' ପଦବୀରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ତାଙ୍କୁ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ପ୍ରଦର୍ଶନ ଏବଂ ଦେଶ ପାଇଁ ଗୌରବ ଆଣିଥିବା ଯୋଗଦାନ ପାଇଁ ପ୍ରଦାନ କରାଯାଇଛି। ଏହି ପଦବୀ ସହିତ ନୀରଜ ଜାଭେଲିନ୍ ଥ୍ରୋ'ରେ ବିଶ୍ୱକୁ ଜିତିବା ସହ ସେନାରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ ଗ୍ରହଣ କରିବେ। ୨୬ ବର୍ଷୀୟ ନୀରଜ ଚୋପ୍ରା, ଯିଏ ହରିୟାଣାର ପାନିପତ ନିକଟସ୍ଥ ଖାଣ୍ଡ୍ରା ଗାଁରୁ ଆସିଛନ୍ତି, ୨୦୨୧ ମସିହାରେ ଟୋକିଓ ଅଲିମ୍ପିକ୍‌ରେ ୮୭.୫୮ ମିଟର ଜାଭେଲିନ୍ ଥ୍ରୋ'ରେ ଭାରତ ପାଇଁ ପ୍ରଥମ ଆଥଲେଟିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୨୪ ପ୍ୟାରିସ ଅଲିମ୍ପିକ୍‌ରେ ସେ ୮୯.୪୫ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରି ଭାରତର ଗୌରବ ବୃଦ୍ଧି କରିଥିଲେ। ସେ ଭାରତର ଏକମାତ୍ର ଆଥଲିଟ ଯିଏ ଦୁଇଟି ଭିନ୍ନ ଅଲିମ୍ପିକ୍ ପଦକ (ସ୍ୱର୍ଣ୍ଣ ଓ ରୌପ୍ୟ) ଜିତିଛନ୍ତି। ନୀରଜ ବର୍ତ୍ତମାନ ଭାରତୀୟ ସେନାରେ ସୁବେଦାର ମେଜର ଭାବେ କାର୍ଯ୍ୟ କରୁଛନ୍ତି। ଏହି ନୂଆ ପଦବୀ ତାଙ୍କୁ ସେନାରେ ଏକ ଉଚ୍ଚ ସ୍ଥାନ ପ୍ରଦାନ କରିଛି, ଯାହା ତାଙ୍କର ଦେଶପ୍ରେମ ଓ ସେବା ପ୍ରତି ନିଷ୍ଠାକୁ ସୂଚାଇଛି।

## ରାଜନୀତି କରିବେ ରୋହିତ ଶର୍ମା!



ଫଡନଭିସଙ୍କୁ ଭେଟିବା ପରେ ବଢୁଛି ଚର୍ଚ୍ଚା

ମୁମ୍ବାଇ,୧୫।୫: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଟେଷ୍ଟ ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସଙ୍କୁ ତାଙ୍କ ସରକାରୀ ବାସଭବନ 'ବର୍ଷା'ରେ ଭେଟିଛନ୍ତି। ଗତ ୧୧ ମାସ ମଧ୍ୟରେ ଏହି ବୈଠକ ଦ୍ୱିତୀୟ ଥର ପାଇଁ ହୋଇଛି, ଯାହା ଯୋଗୁ ରୋହିତ ଶର୍ମାଙ୍କ ରାଜନୀତିରେ ସମ୍ଭାବ୍ୟ ପ୍ରବେଶ ସମ୍ପର୍କରେ ଆଲୋଚନା ଜୋର ଧରିଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ସୋସିଆଲ ମିଡିଆରେ ରୋହିତ ଶର୍ମାଙ୍କ ସହ ଫଟୋ ଶେୟାର କରି ଲେଖିଛନ୍ତି, ଏହି ବର୍ଷ ମୋର ସରକାରୀ ବାସଭବନରେ ଭାରତୀୟ କ୍ରିକେଟର ରୋହିତ ଶର୍ମାଙ୍କୁ ସ୍ୱାଗତ କରିବା, ତାଙ୍କ ସହିତ ସାକ୍ଷାତ କରିବା ଏବଂ କଥା ହେବା ମୋ ପାଇଁ ବହୁତ ଖୁସିର କଥା। ଟେଷ୍ଟ କ୍ରିକେଟରୁ ତାଙ୍କର ଅବସର ଏବଂ ପରବର୍ତ୍ତୀ ଯାତ୍ରା ପାଇଁ ମୁଁ ତାଙ୍କୁ ଶୁଭକାମନା ଜଣାଉଛି। ରୋହିତ ଶର୍ମାଙ୍କ ଏହି ସାକ୍ଷାତକୁ ସାଧାରଣ ଔପଚାରିକତା ବାହାରେ ବିବେଚନା କରାଯାଉଛି। ଗତ ୧୧ ମାସ ମଧ୍ୟରେ ଏହା ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ଦ୍ୱିତୀୟ ସାକ୍ଷାତ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୃଷି...

ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାୟ ୩୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଠାରେ ବହୁତ ଦିନରୁ କେନ୍ଦ୍ରୀୟ ବିଦ୍ୟାଳୟ କରିବା ପାଇଁ ଗୁରୁଜନ, ବୁଦ୍ଧିଜୀବୀ ଓ ଯୁବ ସମାଜର ଅପେକ୍ଷା ରହିଥିଲା। ଆଜି ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରାୟ ୧୩୯ କୋଟି ଟଙ୍କାର ପ୍ରକଳ୍ପ ଆଠମଲ୍ଲିକରେ ଶିକ୍ଷା ଓ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ କରିବ। ଏହି ବିଦ୍ୟାଳୟ ଦ୍ୱାରା ସ୍ଥାନୀୟ ଅଞ୍ଚଳର ପିଲାମାନେ ବିଶେଷ ଉପକୃତ ହେବେ। ଏହାର ଏବେ ଅସ୍ଥାୟୀ କ୍ୟାମ୍ପସରେ ଚଳିତ ଶିକ୍ଷା ବର୍ଷଠାରୁ ଶିଶୁ ବାଟିକା ଆରମ୍ଭ ସହ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଯିବ। ଶ୍ରୀ ପ୍ରଧାନ ଯେ କହିଛନ୍ତି, ଡବଲ ଇଞ୍ଜିନ ସରକାରରେ ଆଠମଲ୍ଲିକରେ ଚାଷ ଓ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବ। ଘର ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଯିବ। ଏଠାରେ ପର୍ଯ୍ୟଟନର ବିକାଶ କରାଯିବ ସହ ଚାଷୀମାନଙ୍କ ଜୀବନରେ ଉନ୍ନତି ଅଣାଯିବ। ଆଠମଲ୍ଲିକକୁ କୃଷି ଆଧାରିତ ଅଞ୍ଚଳରେ ପରିଣତ କରିବା ସହ ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଓ ଦକ୍ଷତାଭିତ୍ତିକ ଶିକ୍ଷା ପ୍ରଦାନ କରିବା ପାଇଁ ଆମେ ସମସ୍ତେ ସହଯୋଗୀ ହେବା। ଆଠମଲ୍ଲିକ ଅଞ୍ଚଳର ବିକାଶ ଆମ ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର କିଶୋରନଗର ବ୍ଲକ ଓସକାପାଲ୍ଲି-କରମଲକଟା ରାସ୍ତାର ୩.୩୬୦ କିମିରେ କରମଲକଟା ନାଳ ଉପରେ ସେଉଳ ସେତୁ, ହଣ୍ଡପା-ପଟାପଥର ଭାୟା ବିଲେଇନାଳୀ ରାସ୍ତା, ବାମୁର-ଧଉରାପାଲି-ମାଧପୁର ରାସ୍ତା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଧଉରାପାଲିର ନୂଆ ଛାତ୍ରୀ ନିବାସର ଉଦଘାଟନ କରିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର କିଶୋରନଗର ବ୍ଲକର ବାମୁର ଠାରୁ ଧଉରାପାଲି ଭାୟା ତାଳପଦର, ଜଇରାଟ ଓ ବାଲିଜେରେଙ୍ଗ ରାସ୍ତାର ଉନ୍ନତିକରଣ ଏବଂ ଘୋଷରଠାରୁ ଅଙ୍ଗପଡ଼ା ଭାୟା କଡିଙ୍ଗବାହାଳ ରାସ୍ତାର ଉନ୍ନତିକରଣ ପାଇଁ ଶିଳାନ୍ୟାସ କରିଛନ୍ତି।

## ପାକ୍ ହାତରେ...

ରାଜନାଥ କହିଛନ୍ତି ଯେ ଆତଙ୍କବାଦ ନେଇ ଭାରତ ସବୁବେଳେ କଠୋର। ଆମେ ପାକିସ୍ତାନରେ ପଶି ଆତଙ୍କବାଦୀଙ୍କୁ ମାରିଛୁ, ସେମାନଙ୍କ ଆଡ୍ଡା ଧ୍ୱଂସ କରିଛୁ। ଆତଙ୍କୀ ଏବଂ ଆତଙ୍କବାଦର ନିପାତ ପାଇଁ ଆମେ ଯେକୌଣସି ସ୍ତରକୁ ବି ଯାଇପାରୁ। ଆତଙ୍କବାଦ ଏବଂ ଆଲୋଚନା ଏକାସାଙ୍ଗେ ହୋଇପାରିବନି ବୋଲି କହି ରାଜନାଥ ପାକିସ୍ତାନକୁ ଟାର୍ଗେଟ୍ କରିଛନ୍ତି। ଜାମ୍ମୁ-କାଶ୍ମୀରବାସୀଙ୍କୁ ଧନ୍ୟବାଦ ଦେଲେ ପ୍ରତିରକ୍ଷା ମନ୍ତ୍ରୀ। ସେମାନଙ୍କ ଧୈର୍ଯ୍ୟ, ସାହସ ଓ ରାଗ ପାଇଁ ପାକିସ୍ତାନ ଆଜି ପାନେ ପାଇଛି , ଆତଙ୍କୀଙ୍କ ଆଡ୍ଡା ନଷ୍ଟ ହୋଇଛି। ତେବେ ଅପରେସନ ସିନ୍ଦୂର କେବଳ ନାଁ ନୁହେଁ ଏହା ଏକ ପ୍ରତିବଦ୍ଧତା। ଯେଉଁଥିରେ ଭାରତ ଦେଖାଇଛି ଯେ ଆମେ କେବଳ ସୁରକ୍ଷା ଦେଉନା ବରଂ ସମୟ ଆସିଲେ ଆମେ କଠିନ ନିଷ୍ପତ୍ତି ବି ନେଇପାରୁ । ଏହି ଅପରେସନ ପ୍ରତି ସୈନିକଙ୍କ ଆଖିରେ ଦେଖାଯାଇଥିବା ଏକ ସ୍ୱପ୍ନ ଥିଲା । ଯବାନଙ୍କ ସ୍ୱପ୍ନ ଥିଲା- ଯେ, ଆମେ ଆତଙ୍କବାଦୀଙ୍କ ଆଡ୍ଡାରେ ପହଞ୍ଚିବୁ ଆଉ ମାରିବୁ... ସେମାନେ ଯେଉଁଠି ବି ଲୁଚିଥିଲେ ବି ଖୋଜି ଖୋଜି ମାରିବୁ... ଏବଂ ଶତ୍ରୁର ଛାତିକୁ ଚିରି, ଆତଙ୍କୀ ଆଡ୍ଡା ଧ୍ୱଂସ କରି ଆମ ମାଟିକୁ ଫେରିବୁ ବୋଲି କହିଛନ୍ତି ରାଜନାଥ ।

ସେ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଯେଉଁ ବୁଝାମଣା ହୋଇଛି ତାହା ହେଉଛି ସୀମା ଆରପାରିରେ କୌଣସି ଅନାବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଏ, ତେବେ କଥା ବହୁତ ଦୂରକୁ ଯିବ। ଏହା ସହିତ ଆମର ପ୍ରଧାନମନ୍ତ୍ରୀ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆତଙ୍କବାଦ ଏବଂ ଆଲୋଚନା ଏକାଠି ହେବ ନାହିଁ ଏବଂ ଯଦି ଆଲୋଚନା ହୁଏ, ତେବେ ତାହା ଆତଙ୍କବାଦ ଏବଂ ପିଓକେ (ପାକିସ୍ତାନ-ଅଧିକୃତ-କାଶ୍ମୀର) ଉପରେ ହେବ।

## ଏନ୍‌କାଉଣ୍ଟର୍‌ରେ...

କାଶ୍ମୀର ଜୋନ୍ ପୁଲିସ ମଧ୍ୟ 'ଏକ୍ସ'ରେ ପୋଷ୍ଟ କରିଛି ଯେ ଅବନ୍ତିପୋରାର ନାଦେର ତ୍ରାଲ ଅଞ୍ଚଳରେ ଏନକାଉଣ୍ଟର ଆରମ୍ଭ ହୋଇଛି। ପୁଲିସ ଏବଂ ସୁରକ୍ଷା ବାହିନୀ ଏଥିରେ ଭାଗ ନେଇଛନ୍ତି। ଅଧିକ ବିବରଣୀ ପରବର୍ତ୍ତୀ ସମୟରେ ଦିଆଯିବ ବୋଲି କୁହାଯାଇଛି। ସେହିପରି ଜମ୍ମୁ-କାଶ୍ମୀରର ରିଆସି ଜିଲ୍ଲାର ଏକ ଜଙ୍ଗଲ ଅଞ୍ଚଳରେ ସନ୍ଦିଗ୍ଧ ଗତିବିଧି ନେଇ ଖବର ପାଇବା ପରେ ସୁରକ୍ଷା ବାହିନୀ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିବା ଆଉ ଜଣେ ଅଧିକାରୀ କହିଛନ୍ତି। ଗତକାଲି ରାତିରେ ଜିଲ୍ଲାର ଭାଗା ଅଞ୍ଚଳରେ ଜଣେ ମହିଳା ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଥିବା କହିଥିଲେ।

ତେବେ ଜମ୍ମୁ-କାଶ୍ମୀରରେ ଗତ ୪୮ ଘଣ୍ଟା ମଧ୍ୟରେ ଏହା ଦ୍ୱିତୀୟ ଏନ୍‌କାଉଣ୍ଟର୍ ଘଟଣା। ସୋପିୟାଁ ଜିଲ୍ଲାର କେଲର ଅଞ୍ଚଳରେ ସୁରକ୍ଷା ବାହିନୀ ଏକ ଅପରେସନରେ ୩ ଜଣ ଲସ୍କର-ଏ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀଙ୍କୁ ହତ୍ୟା କରିବାର ଦୁଇ ଦିନ ପରେ ଏହି ଏନ୍‌କାଉଣ୍ଟର୍ ଘଟିଛି। ଗତ ମଙ୍ଗଳବାର ନିହତ ୩ ଆତଙ୍କବାଦୀଙ୍କ ମଧ୍ୟରୁ ଦୁଇ ଜଣ ସୋପିୟାଁର ଶାହିଦ କୁଟ୍ଟାୟ ଓ ଅଦନାନ ଶାଫି ବୋଲି ଜଣାପଡ଼ିଛି। ସେହିପରି ସୋପିୟାଁରେ ନିହତ ଆତଙ୍କବାଦୀଙ୍କଠାରୁ ୩ଟି ଏକେ-୪୭ ରାଇଫଲ୍ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଜବତ କରାଯାଇଛି।

## ଓପିଜିସି...

ତେବେ ପାଉଁଶ ପୋଖରୀ ମରାମତିକୁ ଦେଢ଼ବର୍ଷ ପୂରିନଥିବା ବେଳେ ସେଥିରେ ପୁଣି ଘଳିଆ ହୋଇଛି। ଓପିଜିସିରେ ହେଉଥିବା ଆଲୋଚନା ଅନୁଯାୟୀ, ପାଉଁଶ ପୋଖରୀ ଦାୟିତ୍ୱରେ ଜଣେ ବରିଷ୍ଠ ଅଧିକାରୀ ଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ବ୍ୟାପକ ଅର୍ଥ ବ୍ୟୟ ହେଉଥିଲେ ହେଁ କିଭଳି ବାରମ୍ବାର ଏପରି ପରିସ୍ଥିତି ସୃଷ୍ଟି ହେଉଛି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ହୋଇଛି। ତେବେ ହେଉଥିବା ଆଲୋଚନା ଅନୁଯାୟୀ ପାଉଁଶ ପୋଖରୀ ଦାୟିତ୍ୱରେ ରହୁଥିବା ବାବୁମାନେ ଛଦ୍ମ ଠିକାଦାର ସାଜୁଥିବାରୁ ଏଭଳି ଅବସ୍ଥା ଉପୁଜୁଛି। ତାହାଣି ହୋଇ ଲାଗିବା ସହ ଗୁଣିଆ ହୋଇ ଛାଡ଼ିବା ଫର୍ମୁଲାରେ ଅନେକଙ୍କର ହାତ ଚିକ୍କଣ ହେଉଥିବାରୁ କୋଟି କୋଟି ଟଙ୍କାର କ୍ଷତି ପାଇଁ କାହାରିକୁ ଦୋଷୀ ସାବ୍ୟସ୍ତ କରାଯାଉନାହିଁ କି ଦଣ୍ଡ ବିଧାନ ବି ହେଉନାହିଁ।

ଓପିଜିସିର ନୂଆ ପରିଚାଳନା ନିର୍ଦ୍ଦେଶକ ଯଦି ଏ ଦିଗରେ ଧ୍ୟାନ ନ ଦିଅନ୍ତି, ତେବେ କିଛି କର୍ମଚାରୀଙ୍କ ଲେଉଟିଆ କିଆରୀ ସାଜିଥିବା ପାଉଁଶ ପୋଖରୀ ଏହିଭଳି ଭାବେ ନିୟମିତ ବ୍ୟବଧାନରେ ଭାଙ୍ଗିବ ଓ କୋଟି କୋଟି ଟଙ୍କା ବ୍ୟୟରେ ମରାମତି ହେବ ବୋଲି କାରଖାନାରେ ଆଲୋଚନା ଚାଲିଛି। ତୁରନ୍ତ ୨୦୨୩ ପାଉଁଶ ପୋଖରୀ ଘଟଣାରେ କାର୍ଯ୍ୟାନୁଷ୍ଠାନ ସହ ବର୍ତ୍ତମାନ ପାଉଁଶ ପୋଖରୀ ଭଙ୍ଗା ଘଟଣାରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମତ ପ୍ରକାଶ ପାଉଛି।

## ଅଦିନିଆ...

ଗତବର୍ଷ ଡିସେମ୍ବରରେ ଅଦିନିଆ ବର୍ଷା ଯୋଗୁଁ ରାଜ୍ୟର ୨୨ ହଜାର ୭୯୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା ଓ ପ୍ରାୟ ୬.୬୬ ଲକ୍ଷ ଚାଷୀ ପ୍ରଭାବିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱତନ୍ତ୍ର ଭାବେ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ୨୯୧ କୋଟି ଟଙ୍କାର ସହାୟତା କୃଷି ଇନ୍‌ପୁଟ ରିହାତି ଆକାରରେ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଦ୍ୟ ନିଷ୍ପତ୍ତି ଦ୍ୱାରା ଅଦିନିଆ ବର୍ଷା ସ୍ଥାୟୀ ଭାବେ ଏକ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗୃହୀତ ହୋଇଛି ଓ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଏଥିପାଇଁ ଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯାଇପାରିବ।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୮ଟି ବିପର୍ଯ୍ୟୟକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷଣା କରାଯାଇଛି। ସେଗୁଡ଼ିକ ହେଲା ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ଟର୍ନାଡୋ, ପ୍ରବଳ ବର୍ଷା ଓ ବନ୍ୟା ନଥିବା ସମୟରେ ଡଙ୍ଗା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ ହେବା ଓ ସର୍ପାଘାତ। ଅଦିନିଆ ବର୍ଷା ବିପର୍ଯ୍ୟୟ ଘୋଷିତ ହେବା ପରେ ବର୍ତ୍ତମାନ ସମୁଦାୟ ୯ଟି ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷିତ ହେଲା। ଏହାଛଡ଼ା କେନ୍ଦ୍ର ସରକାର ମଧ୍ୟ ୧୨ଟି ବିପର୍ଯ୍ୟୟ ଘୋଷଣା କରିଛନ୍ତି।

## ଆକ୍ରୋଶ...

ମନୋଭାବ ପୋଷଣ କରିନାହାନ୍ତି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସୁସ୍ଥ ପରମ୍ପରା ବୋଲି କୁହାଯାଉଛି।

କୌଣସି ବ୍ୟକ୍ତିଙ୍କ ଫୋନ୍ ଟ୍ୟାପିଂ ବେଆଇନ୍ ହୋଇଥିଲେ ମଧ୍ୟ ବିଜେଡି ସରକାର ରାଜ୍ୟରେ କିଛି ବ୍ୟକ୍ତିଙ୍କର ଫୋନ୍ ଟ୍ୟାପିଂ କରିଥିଲେ। ଏହି ତାଲିକାରେ ରାଜନେତା, ସରକାରୀ ଅଫିସର ଓ ସାମ୍ବାଦିକମାନେ ରହିଥିବା କୁହାଯାଇଥିଲା। ତେବେ ସୂଚନା ଅଧିକାର ବଳରେ ଏ ସଂକ୍ରାନ୍ତରେ ମଗାଯାଇଥିବା ତଥ୍ୟରୁ ଜଣାଯାଇଛି ଯେ କ୍ଷମତାରୁ ଯିବାର ତିନି ବର୍ଷ ପୂର୍ବରୁ ୧୬ ଜଣଙ୍କର ଟେଲିଫୋନ୍ ଟ୍ୟାପିଂ ହୋଇଥିଲା। ୨୦୨୩ ବର୍ଷରେ ଏହି ତାଲିକାରେ ସର୍ବାଧିକ ୯ ଜଣ ଥିବା ବେଳେ ୨୦୨୪ରେ ୬ ଜଣଙ୍କର ଫୋନ୍ ଟ୍ୟାପିଂ ହୋଇଥିଲା।

ଫୋନ୍ ଟ୍ୟାପିଂ ଦ୍ୱାରା ସାଧାରଣତଃ ବ୍ୟକ୍ତିଙ୍କର ଗୋପନୀୟ ତଥ୍ୟ ହାସଲ କରାଯାଇଥାଏ। ସିଏ କେତେବେଳେ କାହା ସହ କ'ଣ କଥା ହେଉଛନ୍ତି, ତାହା ସହଜରେ ଜଣାପଡିଥାଏ। ସେହି ଅନୁଯାୟୀ, ସରକାରୀ ଦଳ ତା'ର ରଣନୀତି ସ୍ଥିର କରିଥାଏ। ଗତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଟେଲିଫୋନ୍ ଟ୍ୟାପିଂର ଭୟ ଏଭଳି ଅଧିକ ହୋଇଥିଲା ଯେ ଅନେକ ରାଜନେତା, ଠିକାଦାର, ସାମ୍ବାଦିକ ଓ ଅଫିସର ପରସ୍ପର ସହ କେବଳ ହ୍ୱାଟ୍‌ସଆପ, ଟେଲିଗ୍ରାମ ଭଳି ଆପ୍ ଜରିଆରେ କଥାବାର୍ତ୍ତା କରୁଥିଲେ। ନେତାମାନେ ତ ନିଜ ଲୋକଙ୍କ ସହ ଟେଲିଫୋନ୍‌ରେ ରାଜନୀତି ସଂକ୍ରାନ୍ତ କୌଣସି ଆଲୋଚନା କରିବାକୁ ଡରୁଥିଲେ।

ସେତେବେଳେ ଟେଲିଫୋନ୍ ଟ୍ୟାପିଂ ନେଇ ଏକାଧିକ ଅଭିଯୋଗ ହୋଇଥିଲେ ମଧ୍ୟ ସରକାର ତାହାକୁ ବାଏଁ ବାଏଁ ଉଡାଇଦେଇଥିଲେ। ହେଲେ ଏବେ ସୂଚନା ଅଧିକାର ବଳରେ ସତ୍ୟ ପଦାକୁ ଆସିଛି। ସରକାର କିଭଳି ବିରୋଧୀ ଦମନ ପାଇଁ ଏହି ପନ୍ଥାକୁ ଆପଣେଇଥିଲେ, ତାହା ଏହି ତଥ୍ୟରେ ଜଳଜଳ ହୋଇ ଦିଶୁଛି।

ତେବେ ରାଜ୍ୟରେ ବିଜେପି ସରକାରକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ଦଳ କିନ୍ତୁ ଏଭଳି ଜଘନ୍ୟ ବ୍ୟକ୍ତିଗତ ତଥ୍ୟ ଚୋରି କାର୍ଯ୍ୟରୁ ଦୂରେଇ ରହିଛି। ଏହା କେବଳ ରାଜ୍ୟ ରାଜନୀତି ନୁହେଁ, ଗଣତନ୍ତ୍ର ପାଇଁ ମଧ୍ୟ ଶୁଭଙ୍କର ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। କାରଣ ଟେଲିଫୋନ୍ ଟ୍ୟାପିଂ ପାଇଁ ବିଜେଡି ନେତାଏ ଯେଭଳି ପରସ୍ପର ଉପରେ ସନ୍ଦେହ କରି କ୍ଷମତାରୁ ହଟିଗଲେ, ସେଥିରୁ ବିଜେପି ନେତାଏ ଅନେକ କିଛି ଶିକ୍ଷାଲାଭ କରିଛନ୍ତି। କ୍ଷମତାର ଅପବ୍ୟବହାର କରି ସରକାରୀ କଳ ଓ ଦଳ ଏଭଳି କାର୍ଯ୍ୟରେ ମାତିବ ନାହିଁ ବୋଲି ଅନେକ ଆଶା କରୁଛନ୍ତି।

## ଜନତାଙ୍କ...

ନରେନ୍ଦ୍ର ମୋଦି ସବୁବେଳେ ନିଜକୁ ପ୍ରଧାନ ସେବକ ବୋଲି କହିଆସିଛନ୍ତି। ମୁଁ ମଧ୍ୟ ନିଜକୁ ଓଡ଼ିଶାର ମୁଖ୍ୟ ସେବକ ମନେକରେ। ଆପଣ ନିଯୁକ୍ତି ପାଇଛନ୍ତି ଲୋକଙ୍କ ସେବା କରିବା ପାଇଁ, ତେଣୁ ସେବା ମନୋଭାବ ନେଇ ନିଷ୍ଠାର ସହ କାମ କରିବା ଆପଣମାନଙ୍କର ଦାୟିତ୍ୱ। ମୁଁ ଏଠାରେ ସ୍ପଷ୍ଟ ଭାବେ କହିବାକୁ ଚାହେଁ ଯେ ଦାୟିତ୍ୱରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦୁର୍ନୀତି କିମ୍ବା ଅବହେଳାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ୟୂନ ବର୍ଷକୁ ୧୦୦ ଦିନର କର୍ମ ନିଯୁକ୍ତି ଯୋଗାଇଦେବା ସହ ସବୁ କାମରେ ମେସିନ୍ ବଦଳରେ ମାନବ ଶକ୍ତିର ଅଧିକ ଉପଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି ଯେ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ଚିନ୍ତାଧାରା ଥିଲା ଗାଁର ବିକାଶ ନ ହେଲେ ଦେଶର ବିକାଶ ହେବ ନାହିଁ। ଏହି ଦୃଷ୍ଟିକୋଣ ଆଧାରରେ ଆମେ କାମ କରୁଛୁ। ନୂଆ ସରକାରଙ୍କ ଆଭିମୁଖ୍ୟ ଓ ଦାୟିତ୍ୱବୋଧତାକୁ ଆପଣମାନେ ପ୍ରାଥମିକତା ଦେଇଛନ୍ତି। ସରକାରଙ୍କ ଯୋଜନାକୁ ସଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇଲେ, ସରକାରଙ୍କ ସଠିକ ମୂଲ୍ୟାଙ୍କନ ହୋଇପାରିବ ଓ ମୁଖ୍ୟମନ୍ତ୍ରୀଙ୍କ ଉତ୍ସାହ ଆମକୁ ସଫଳ କରାଇପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସଏନ. ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ପାନୀୟ ଜଳ ଓ ପରିମଳ ବିଭାଗ ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜ ଧନ୍ୟବାଦ ଦେଇଥଇଲେ। ଏହି ଦୁଇଦିନିଆ କର୍ମଶାଳା ତଥା ବୈଠକରେ ୩୦ଟି ଜିଲ୍ଲାର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ୩୧୪ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗ ଦେଇଥିଲେ।

## ସୈତାନ...

ସଂଖ୍ୟାଗରିଷ୍ଠତା ପାଇବି କାହିଁକି ସଂଖ୍ୟାଲଘୁଙ୍କୁ ନ୍ୟାୟ ଦେଉନଥିଲା ବୋଲି ସମୀକ୍ଷକମାନେ ପ୍ରଶ୍ନ କରୁଛନ୍ତି। ୫୪ ପ୍ରତିଶତ ପଛୁଆ ବର୍ଗକୁ ଢାଲ କରି ଅରୁଣ ଯେଉଁ ଚିତ୍କାର କରୁଛନ୍ତି ତାହା ସୈତାନ ମୁହଁରେ ବେଦପାଠ ଭଳି ଲାଗୁଛି ବୋଲି ସମୀକ୍ଷକମାନେ କହୁଛନ୍ତି।

## ତ୍ରିମୂର୍ତ୍ତୀ ...

ସମାଧାନ ହୋଇଯାଏ। ଏହି ତିନି ଜଣ ବିଜେଡିର ତିନି ଖୁଣ୍ଟ ପରି। ଏହି ତିନି ନେତା ଏକାଠି ରହିଲେ ବିଜେଡିରେ ବିଭାଜନ କରିଦେବାର ମଧ୍ୟ ଆଶଙ୍କା ରହିଛି।

ତେଣୁ ଚତୁରତାର ସହ ନବୀନ ତିନି ଜଣଙ୍କୁ ଭିନ୍ନେ କରିଦେଲେ। ଯେଉଁ ସଞ୍ଜୟ ଦିନେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ନିକଟତମ ମହଲକୁ କଳାପାହାଡ଼ ବୋଲି କହୁଥିଲେ, ସେ ଏବେ କ୍ରୀତଦାସଙ୍କ ବୋଲକରା ହୋଇଯାଇଛନ୍ତି। କ୍ରମାଗତ ଭାବେ ଦୁଇ ଦୁଇ ଥର ନିର୍ବାଚନ ହାରି ମଧ୍ୟ ତାଙ୍କୁ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବା ବେଳେ ଅତନୁଙ୍କୁ କେବଳ ଉପସଭାପତି ପଦରେ ରଖିଛନ୍ତି। ସେହିଭଳି ଅରୁଣଙ୍କୁ କୌଣସି ପଦ ନଦେଇ ଓବିସି ସେଲର ଆବାହାକ ଦାୟିତ୍ୱ ଦେଇଛନ୍ତି। ସରକାରରେ ଅସନ୍ତୁଷ୍ଟଙ୍କୁ ମନେଇବାକୁ କିଛି ନେତାଙ୍କୁ ରାଷ୍ଟ୍ରମନ୍ତ୍ରୀ କିମ୍ବା କ୍ୟାବିନେଟ ମନ୍ତ୍ରୀ ପାହ୍ୟା ଦେଲା ଭଳି ଅରୁଣଙ୍କୁ କେବଳ ଉପସଭାପତି ପାହ୍ୟା ଦିଆଯାଇଛି। ସଞ୍ଜୟଙ୍କୁ କିନ୍ତୁ କ୍ରୀତଦାସ ନିଜ ଟିମ୍‌କୁ ନେଇଯିବାରେ ସକ୍ଷମ ହୋଇଛନ୍ତି।

## ମୁନ୍ନାଙ୍କ ...

ନେଇ ଅସନ୍ତୋଷ ଜାହିର କଲେ, ତାକୁ ନେଇ ଉଠିଛି ପ୍ରଶ୍ନ। ପୂର୍ବରୁ ସେ ବିଜେଡି ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ କିମ୍ବା ଆବାହକ ରହୁଥିଲେ। ଏଥର ତାଙ୍କୁ ଦକ୍ଷିଣ ଜୋନର ସଂଯୋଜକ ଦାୟିତ୍ୱ ଦିଆଯାଇଛି। ତାଙ୍କ ମାନ୍ୟକୁ ନବୀନ ଏଥର ନ୍ୟୂନ କରିଦେଲେ ବୋଲି କ'ଣ ବୁଝିବାକୁ ତାଙ୍କୁ ୧୫ ଦିନ ଲାଗିଲା ବୋଲି ରାଜନୈତିକ ସମୀକ୍ଷକମାନେ ପ୍ରଶ୍ନ କରୁଛନ୍ତି।

ପ୍ରକୃତ କଥା ହେଉଛି ୱାକଫ ବିଲକୁ ସମର୍ଥନ ବିବାଦରେ ମୁନ୍ନା ଖାଁଙ୍କ ବିରୋଧରେ ନବୀନ ଏବେ କାର୍ଯ୍ୟାନୁଷ୍ଠାନ ନେବା ସହଜ ନୁହେଁ। ଏହି ଆଳରେ ଅସନ୍ତୁଷ୍ଟ ନେତାମାନେ ମୁନ୍ନାଙ୍କ ମୁହଁରେ ନିଜର ବିଷ ଉଗାଳି ଦେଇଛନ୍ତି। ମୁନ୍ନା ବି ଆଜି ନବୀନଙ୍କ ଆଗରେ ନିଜ କ୍ଷୋଭ ଝାଡ଼ିବା ସହ ନବୀନ ଦେଇଥିବା ଦାୟିତ୍ୱକୁ ନବୀନ ନିବାସରେ ଛାଡ଼ିଦେଇ ଆସିଛନ୍ତି।

## ସୀମାରେ ...

କୁହାଯାଇଛି ଯେ ଯୁଦ୍ଧବିରତି ବର୍ତ୍ତମାନ ୧୮ ତାରିଖ ପର୍ଯ୍ୟନ୍ତ ବୈଧ ରହିବ। ଭାରତ ଏବଂ ପାକିସ୍ତାନର ସାମରିକ ଅଭିଯାନ ମହାନିର୍ଦ୍ଦେଶକ ଡିଜିଏମଓ ସୋମବାର ଆଲୋଚନା କରି ପରସ୍ପର ବିରୁଦ୍ଧରେ କୌଣସି ଆକ୍ରମଣାତ୍ମକ କିମ୍ବା ଶତ୍ରୁତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ ନକରିବାକୁ ରାଜି ହେବା ପରେ ଏହା ହୋଇଛି। ଭାରତୀୟ ସେନା ଅନୁଯାୟୀ, ଭାରତୀୟ ସେନାର ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ଏବଂ ପାକିସ୍ତାନ ସେନାର ମେଜର ଜେନେରାଲ କାଶିଫ ଚୌଧୁରୀଙ୍କ ମଧ୍ୟରେ ଆଜି ସନ୍ଧ୍ୟା ୫ଟାରେ ଆଲୋଚନା ହୋଇଥିଲା। ସୋମବାର ଆଲୋଚନା ସମୟରେ ଉଭୟ ପକ୍ଷ ଗୋଟିଏ ଗୁଳି ଚଳାଇବେ ନାହିଁ କିମ୍ବା ପରସ୍ପର ବିରୁଦ୍ଧରେ କୌଣସି ଆକ୍ରମଣାତ୍ମକ ଏବଂ ଶତ୍ରୁତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଜାରି ରଖିବା ସହିତ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହା ମଧ୍ୟ ସହମତ ହୋଇଥିଲା ଯେ ଉଭୟ ପକ୍ଷ ସୀମା ଏବଂ ଆଗୁଆ ଅଞ୍ଚଳରୁ ସୈନ୍ୟ ହ୍ରାସ ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ବିଚାର କରିବେ।

# ଲବଣ ଜମି ଉପରେ ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି

- ଉଜୁଡୁଛି ଜୈବବିବିଧତା
- ସ୍ଥିତି ଅନୁଧ୍ୟାନ କଲେ ତହସିଲଦାର ଓ ପୁଲିସ
- ଖୁବ ଶୀଘ୍ର ଉଚ୍ଛେଦ ହେବ ଚିଙ୍ଗୁଡ଼ି ଘେରି



**କାକଟପୁର/ଅସ୍ତରଙ୍ଗ, ୧୫।୫ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନରେ ଥିବା ବିଭିନ୍ନ ଗାଁରେ ଅବା ନଦୀ ନିକଟବର୍ତ୍ତୀ ଅଞ୍ଚଳରେ ରହିଛି ଶହ ଶହ ସଂଖ୍ୟାରେ ବେଆଇନି ଚିଙ୍ଗୁଡ଼ି ଘେରି । ଏହି ସବୁ ଘେରି ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳର ଜୈବବିବିଧତା ପ୍ରତି ଘୋର ବିପଦ ସୃଷ୍ଟି କରି ଚାଲିଥିବା ବେଳେ ଚିଙ୍ଗୁଡ଼ି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି।

କିଛି ଦିନ ଅସ୍ତରଙ୍ଗ ରାଜସ୍ୱ ମୌଜା ଅଧୀନ ଲବଣ ଜମିରେ ଚିଙ୍ଗୁଡ଼ି ମାଫିଆମାନେ ଦିନ ରାତି ଜେସିବି ସାହାଯ୍ୟରେ ଖୋଳି ଚାଲିଛନ୍ତି। ଏହାସହ ବିଭିନ୍ନ ସ୍ଥାନରେ ଅଣମତ୍ସ୍ୟଜୀବୀ ମାଫିଆ ଅସ୍ତରଙ୍ଗ ଉପରେ ଆଧିପତ୍ୟ ଜାହିର କରୁଥିବା ବେଳେ ଅସ୍ତରଙ୍ଗ ଦେବୀ ନଦୀକୁ ଭାତହାଣ୍ଡି ଭାବେ ବ୍ୟବହାର କରୁଥିବା ହଜାର ହଜାର ମତ୍ସ୍ୟଜୀବୀ ପେଟ ପୋଷି ନ ପାରି ଦାଦନ ଶ୍ରମିକ ହେଉଛନ୍ତି।

ଅନ୍ୟ ପଟେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଦିନେ ଲୁଣ ଉତ୍ପାଦନ ଓ ବ୍ୟବସାୟର ପେଣ୍ଠସ୍ଥଳୀ ଥିଲା। ଜୁଆର ପାଣିକୁ ବନ୍ଧାଇ ଲୁଣ ଉତ୍ପାଦନ କରି ବହୁ ଲୋକ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଦୀର୍ଘ ୨୨ବର୍ଷରୁ ଉର୍ଦ୍ଧ ହେବ ଅସ୍ତରଙ୍ଗରେ ଲୁଣ ମରା ନ ହେବାରୁ ଦେଶୀ ଲୁଣ ଦେଖିବା ଏବେ ସାତ ସପନ। ଆଜି ଜୀବିକା ଲୋପ ପାଇବା ସହ ପ୍ରଶାସନର ଆନ୍ତରିକତା ଅଭାବରୁ ଲବଣ ସମବାୟ ସମିତି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଏହା ସହ ଲବଣ ଜମି ଉପରେ କିଛି ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ଲବଣ ଜମି ଖୋଳି ବେଆଇନ ଭାବେବ ଚିଙ୍ଗୁଡ଼ି ଘେରି ନିର୍ମାଣ କଲେଣି। ଅନେକ ମଧ ଜେସିବି ପକାଇ ଖୋଳା ଜାରି ରଖିଛନ୍ତି। ଜମି ଜବରଦଖଲ ସମେତ ବିଭିନ୍ନ ସ୍ଥାନରେ ଏବେ ମାଳ ମାଳ ଚିଙ୍ଗୁଡ଼ି ଘେରି ମୁଣ୍ଡ ଟେକିଛି। ଚିଙ୍ଗୁଡ଼ି ଚାଷ ପାଇଁ ପ୍ରୟୋଗ କରାଯାଉଥିବା ରାସାୟନିକ ସାର ଅସ୍ତରଙ୍ଗକୁ ପ୍ରଦୂଷିତ କରି ଚାଲିଛି।

ଅସ୍ତରଙ୍ଗ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ଘେରି ବୃଦ୍ଧି ପାଉଥିବାରୁ ଗୁରୁବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଲବଣ ଜମି ଉପରେ ହୋଇଥିବା ଚିଙ୍ଗୁଡ଼ି ଘେରି ସ୍ଥିତି ଅନୁଧ୍ୟାନ କରିବା ସହ ଖୁବ ଶୀଘ୍ର ଏହା ଉଛେଦ ହେବ ବୋଲି ସୂଚନା ଦେଇଛନ୍ତି।

## ନାଉଗାଁ ଫେଷ୍ଟିଭାଲ ଉଦ୍‌ଘାଟିତ

# ଡ. ଗାୟତ୍ରୀ ବିଶ୍ୱାଳଙ୍କୁ ନାଉଗାଁ ଫେଷ୍ଟିଭାଲ ସମ୍ମାନ



**ନାଉଗାଁ, ୧୫।୫ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗୋବରୀ ନଦୀପଠାର ମଣିକର୍ଣ୍ଣିକା ଘାଟ ନିକଟରେ ତୃତୀୟ ନାଉଗାଁ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସଂଧ୍ୟାରେ ଉକ୍ତ କାର୍ଯ୍ୟକ୍ରମକୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନାଉଗାଁ ଫେଷ୍ଟିଭାଲର ସଭାପତି ଡ. ଚୌଧୁରୀ ସତ୍ୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦାସ, ମୁଖ୍ୟବକ୍ତା ଶାରଳା ସାହିତ୍ୟ ସଂସଦର ସଭାପତି ତଥା ପ୍ରତିଷ୍ଠାତା ଇଂ.ପ୍ରଭାକର ସ୍ୱାଇଁ, ଶୈଳବାଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ, ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ଅଧକ୍ଷା ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ଯୋଗ ଦେଇଥିଲେ। ଏହି ଫେଷ୍ଟିଭାଲ ଦ୍ୱାରା କେବଳ ମନୋରଞ୍ଜନ ହୁଏ ନାହିଁ ନିଜ ଅଞ୍ଚଳ ମଧ୍ୟରେ ଭାଇଚାର ସୁଦୃଢ ହୋଇପାରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯେଉଁମାନେ ଏପରି ମହତ ଚିନ୍ତାଧାରା ନେଇ ଏହି ଫେଷ୍ଟିଭାଲକୁ ଆୟୋଜନ କରିଛନ୍ତି ସେମାନଙ୍କ ଉଦ୍ୟମ ଓ ଚେଷ୍ଟାକୁ ଭୂୟଂସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଫେଷ୍ଟିଭାଲର ସମ୍ପାଦକ ଧନଞ୍ଜୟ ପରିଜା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଶୈଳବାଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ପ୍ରଫେସର ଡ.ବିଶ୍ୱାଳଙ୍କୁ ନାଉଗାଁ ଫେଷ୍ଟିଭାଲ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ମେ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେହ ସଂଧ୍ୟାରେ ସଭା କାର୍ଯ୍ୟ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯିବ ବୋଲି ସଭାପତି ଦାସ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପରିଷଦର ଉପସଭାପତି ଲଳିତ ସାହାଣୀ, ଶଶାଙ୍କ ଶେଖର ସ୍ୱାଇଁ, ସୁକାନ୍ତ କୁମାର ଲେଙ୍କା, ସରୋଜ ଲେଙ୍କା, ଦେବଜ୍ୟୋତି ମହାନ୍ତି, ମନୋଜ ନାୟକ, ଅଭିମନ୍ୟୁ ସାହୁ, ବିବେକାନନ୍ଦ ପରିଜା ଆଦି ପରିଚାଳନାରେ ସହଯୋଗ କରିଥିଲେ।

# ଆରମ୍ଭ ହେଲା ଗୋପ ରାସ୍ତା ମାପଚୁପ, ହଟିବ ନୟନଯୋରି ଜବରଦଖଲ



**ଗୋପ, ୧୫।୫ (ସଂଚାର ବ୍ୟୁରୋ) :** ଗୋପ ତହସିଲ ଅଧିନସ୍ଥ ଗୋପ ବିସରପୁରୁ ଠାରୁ କୋଣାର୍କ ପର୍ଯ୍ୟନ୍ତ ରାସ୍ତାର ମାପଚୁପ ଆରମ୍ଭ ହୋଇଯାଇଛି। ରାସ୍ତା ଓ ନୟାନଯୋରୀ ଜବରଦଖଲ ଯୋଗୁ ଅନେକ ସମୟରେ ଗୋପ ବଜାର, ବେଗୁନିଆ ବଜାର ଏବଂ କୋଣାର୍କ ପର୍ଯ୍ୟନ୍ତ ଥିବା ବିଭିନ୍ନ ଛକ ଠାରେ ରାସ୍ତା ଜାମହେବା ଯୋଗୁ କୋଣାର୍କ ପୁରୀ ଯାଉଥିବା ପର୍ଯ୍ୟଟକମାନଙ୍କ ଯାନବାହାନ ଯାତାୟାତ ବାଧାପ୍ରାପ୍ତ ହେବା ସହିତ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛନ୍ତି ଦେଶ ବିଦେଶର ପର୍ଯ୍ୟଟକ। ଏପଟେ ଗୋପ ବଜାରରେ ଥିବା ଉଭୟପଟ ଡ୍ରେନେଜକୁ ମଧ ଜବରଦଖଲକାରୀ ମାଡି ବସିଥିବାରୁ ବର୍ଷା ଦିନେ ବଜାରରୁ ବର୍ଷା ଜଳ ନିଷ୍କାସନ ନହେବା ଫଳରେ ପାଣି ଜମି ରହୁଛି। ରାସ୍ତା କଡରେ ନୟନଯୋରିକୁ ଜବରଦଖଲକାରୀଙ୍କ ଠାରୁ ଖୁବ୍‌ଶୀଘ୍ର ଉଚ୍ଛେଦ କରାଯିବ ବୋଲି ତହସିଲଦାର ଅନିଲ କୁମାର ମହାନ୍ତି କହିଛନ୍ତି। ଆଜି ଗୋପ ବିସରପୁର ଠାରୁ ରାସ୍ତାର ମାପଚୁପ ଗୋପ (ଆର ଆଇ) ଜି ରଶ୍ମିତା ପ୍ରଧାନଙ୍କ ଉପସ୍ଥିତରେ ଆରମ୍ଭ ହୋଇଯାଇଛି। ରାସ୍ତାଉପରୁ ଜବରଦଖଲ ଉଛେଦ କରିବା ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ରାଜ୍ୟ ସରକାର ଗୋପ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାପରେ ଗୋପ ବଜାରରେ ରାସ୍ତାର ମାପଚୁପ ଆରମ୍ଭ ହୋଇଯାଇଛି। ପ୍ଲଟ୍ ନଂ. ୨୪୫ଠରୁ ୩୧୩୫ ପର୍ଯ୍ୟନ୍ତ ପ୍ରାୟ ୨୪ ଗୋଟି ପ୍ଲଟ୍‌ର ମାପଚୁପ କରଯାଇ ଜବରଦଖଲକାରୀଙ୍କୁ ନୋଟିସ କାରଯିବା ପରେ ଉଛେଦ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ରାସ୍ତା ମାପଚୁପ କାର୍ଯ୍ୟରେ ସୁପରଭାଇଜର ସୁଶାନ୍ତ ଧଳ, ଦୁଇଜଣ ଅମିନ ଓ ଜଣେ ଚେନମ୍ୟାନ ଉପସ୍ଥିତଥିଲେ।

# ମହତ୍ମାଗାନ୍ଧୀଙ୍କ ବାଲିଅନ୍ତା ଅବସ୍ଥାନ ଓ ଦଳିତଙ୍କ ମନ୍ଦିର ପ୍ରବେଶର ୯୧ତମ ବାର୍ଷିକୀ ପାଳିତ




**ବାଲିଅନ୍ତା, ୧୫।୫ (ସଂଚାର ବ୍ୟୁରୋ):** ମହାତ୍ମାଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଆନୁକୁଲ୍ୟରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ପଦଯାତ୍ରା ଓ ବାଲିଅନ୍ତା ଅବସ୍ଥାନ ଦଳିତଙ୍କ ମନ୍ଦିର ପ୍ରବେଶର ୯୧ତମ ବାର୍ଷିକୀ ଆଜି ପ୍ରତ୍ୟୁଷରେ ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର ପରିସରସ୍ଥ ଗାନ୍ଧୀପୀଠରେ ବିନୋଦ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ,ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ,ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଖୁଣ୍ଟିଆ,ଗାନ୍ଧୀପ୍ରେମୀ ଡମ୍ବରୁଧର ଜେନା, ପଣ୍ଡିତ ଶ୍ରୀଧର ଦାଶ, ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ରହଣୀ ଓ ବିଚାରଧାରାର ସ୍ମୃତିଚାରଣ କରିଥିଲେ। ୧୯୩୪ମସିହା ଆଜିର ଦିନରେ ବାପୁଙ୍କ ନେତୃତ୍ୱରେ ଦଳିତମାନେ ଭାରତ ବର୍ଷରେ ପ୍ରଥମ ଥର ପାଇଁ ସ୍ଥାନୀୟ ନିକୁଞ୍ଜ ବିହାରୀ ମନ୍ଦିରରେ ପ୍ରବେଶ କରି ପୂଜାର୍ଚ୍ଚନା କରିବା ସହ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସାମୁହିକ ପଙ୍କ୍ତି ଭୋଜନ କରିଥିଲେ।ଜାତିର ପିତାଙ୍କ ଚିନ୍ତାଧାରା ସବୁ ସମୟରେ ଆତଙ୍କବାଦ ଦୁରୀକରଣକରି ବିଶ୍ୱଶାନ୍ତି ପ୍ରତିଷ୍ଠା କରିପାରିବ।ପରିଶେଷରେ ସୁରେନ୍ଦ୍ରନାଥ ଛୋଟରାୟଙ୍କୁ ଗାନ୍ଧୀ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା।ଯୁବ ସମାଜସେବୀ ରାଜୀବ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।ଏହା ପରେ ମହତ୍ମାସେତୁସ୍ଥିତ ପ୍ରତିମୂର୍ତ୍ତୀରେ ମଧ ମାଲ୍ୟାର୍ପଣ କରାଯାଇଥିଲା

## ଖୁଡୁକୁ ଡମାଡିହି ଗ୍ରାମରେ କାଳବୈଶାଖୀ ବିପର୍ଯ୍ୟୟ

# ବଜ୍ରପାତରେ ୪ ଗାଈ ମୃତ



**ନବରଂଗପୁର/ ରାଇଘର, ୧୫।୫ (ସଂଚାର ବ୍ୟୁରୋ):** ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ ଖୁଡୁକୁ ପଞ୍ଚାୟତ ଡମାଡିହି ଗ୍ରାମରେ ବୈଶାଖୀ ବାତ୍ୟାର ତିବ୍ର ପ୍ରଭାବ ଦେଖାଦେଇଛି। ବୁଧବାର ଦିନ ହଟାତ୍ ଆସିଥିଲା ଘଡଘଡି ସହ ବର୍ଷା, ତୀବ୍ର ପବନ ଓ ବଜ୍ରପାତ ଯୋଗୁଁ ଏହି ଅଞ୍ଚଳରେ ଅନେକ ଗ୍ରାମରେ କ୍ଷୟକ୍ଷତି ଘଟିଛି। ପ୍ରକାଶ ଥାଉ କି ଆଜି ଅପରାହ୍ନରେ ପରେଶ୍ କେଉଟ ଏବଂ ଯୁହୁର୍ ଗୋଣ୍ଡ ଗାଁ ନିକଟ ପଡିଆକୁ ଗୋରୁ ଚରାଇବାକୁ ଯାଇଥିଲେ । ପ୍ରାୟ ୩ ଟା ସମୟରେ ଆରମ୍ଭ ହୋଇଥିଲା କାଳ ବୈଶାଖୀ। ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତର ପ୍ରଭାବରେ ୪ଟି ଗାଈ ମୃତ୍ୟୁବରଣ କରିଛି। ମୃତ ଗାଈମାନଙ୍କ ମଧ୍ୟରୁ ୧ଟି ପରେଷ କେଉଟଙ୍କର ଓ ୩ଟି ଜୁହୁରୁ ଗୋଣ୍ଡଙ୍କର ଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ଫଳରେ ଗୋପାଳକମାନେ ଅର୍ଥନୈତିକ କ୍ଷତିରେ ପଡ଼ିଛନ୍ତି। ଏନେଇ ଗ୍ରାମବାସୀ ଓ ପ୍ରଭାବିତ ପରିବାର ସରକାରଙ୍କ ପାଖରେ ଆବଶ୍ୟକ ସାହାଯ୍ୟ ଦାବି କରିଛନ୍ତି।

# ଅଚିହ୍ନା ମୃତଦେହ ଉଦ୍ଧାର



**କାକଟପୁର/ଅସ୍ତରଙ୍ଗ, ୧୫।୫ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ଥାନା ଅଧୀନ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଚିହ୍ନା ଲୋକର ମୃତ ଦେହ ଉଦ୍ଧାର କରିଛି କାକଟପୁର ପୁଲିସ। ମୃତକଙ୍କ ସ୍ପଷ୍ଟ ପରିଚୟ ମିଳିପାରିନାହିଁ। ଖବର ମୁତାବକ ରାମଚନ୍ଦ୍ର ରାଉତ ନାମକ ବ୍ୟକ୍ତି ବୁଧବାର ବିଳମ୍ବିତ ରାତ୍ରରେ ଗୋଡ଼ରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଯାଇ ଚିକିତ୍ସା ହୋଇ ଫେରିଥିଲେ। କିନ୍ତୁ ଗୋଡ଼ ବିନ୍ଧା ଯୋଗୁଁ ପ୍ରବଳ କଷ୍ଟ ଅନୁଭବ କରିବାରୁ ପୁନର୍ବାର ଗୁରୁବାର ସକାଳ ୬ଘଟିକାରେ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ଉପସ୍ଥିତ ଡକ୍ଟର ଚିକିତ୍ସା କରି ରାମଚନ୍ଦ୍ର ରାଉତଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇଁ କାକଟପୁର ଥାନା ପୁଲିସ ମେଡିକାଲ ପହଂଚି ଘଟଣା ଅନୁଧ୍ୟାନ କରିବା ସହ ଅପମୃତ୍ୟୁ ମାମଲା ୮/୨୫ରେ ରୁଜୁ କରି ଶବ ବ୍ୟବଛେଦ ପାଇଁ ଚାରିଛକ ମେଡିକାଲ ପଠାଇଛନ୍ତି। ଅନ୍ୟ ପଟେ କାକଟପୁର ଥାନା ସବଇନିସ୍ପେକ୍ଟର ଗୌରୀ ଶଙ୍କର ସେଠୀ ସୂଚନା ଦେଇଛନ୍ତି ମୃତ ବ୍ୟକ୍ତିଙ୍କ ନାଁ ଓ ଜିଲ୍ଲାର ନାମ ସୂଚନା ମିଳିଥିବା ବେଳେ ଆଉ କୌଣସି ପରିଚୟ ପାଇନାହିଁ।

# ଖଣିଜ ପଦାର୍ଥ ବେଆଇନ ଚୋରା ଚାଲାଣ ରୋକିବାକୁ ସ୍ୱତନ୍ତ୍ର ବୈଠକ

**କାକଟପୁର/ଅସ୍ତରଙ୍ଗ, ୧୫।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଲଘୁ ଖଣିଜ ପଦାର୍ଥର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ ଅସ୍ତରଙ୍ଗରେ ତହସିଲସ୍ତରୀୟ ଏନଫୋର୍ସମେଣ୍ଟ କମିଟି ଗଠନ କରାଯାଇଛି। ଅସ୍ତରଙ୍ଗ ତହସିଲ ପରିସରରେ ଗୁରୁବାର ଦିନ ମଧ୍ୟାହ୍ନ ସମୟରେ ତହସିଲ ସ୍ତରୀୟ କମିଟି ଗଠନରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଅଧକ୍ଷ ଥିବା ବେଳେ ରେଞ୍ଜ ଅଧିକାରୀ, ସମ୍ପୃକ୍ତ ଅଞ୍ଚଳର ଥାନା ଅଧିକାରୀମାନେ ସଦସ୍ୟ ଏବଂ ଖଣି ବିଭାଗ ଅଧିକାରୀ ସଂଯୋଜକ ରହିଛନ୍ତି। ଏହି ବୈଠକରେ ଜିଲ୍ଲା ଖଣିଜ ଅଧିକାରୀ ତଥା କମିଟି ସଂଯୋଜକ ସମୀର ମିଶ୍ର, ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଅସ୍ତରଙ୍ଗ ଥାନା ଏଏସଆଇ ପ୍ରଶାନ୍ତ ସାମନ୍ତରାୟ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବିଭାଗ ବନପାଳ କାଳୀ ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅସ୍ତରଙ୍ଗ ତହସିଲ ଅଧୀନ ୧୫ଗୋଟି ପଂଚାୟତ ଅଧୀନରେ ବାଲି, ମାଟି ଆଦିର ଚୋରା ଚାଲାଣ ରୋକିବା ପାଇଁ ପୁଲିସ ଓ ରାଜସ୍ୱ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ ଓ ଏନଫୋର୍ସମେଣ୍ଟକୁ ଆହୁରି ମଜଭୁତ କିପରି କରିପାରିବେ ସେ ଦିଗରେ ଆଲୋଚନା କରାଯାଇଥିଲା। ମାଟି ଓ ବାଲି ଚୋରା ଚାଲାଣ ରୋକ ଲଗାଇବା ଏବଂ ବେଆଇନ ଭାବେ ଖଣିଜ ପଦାର୍ଥ ପରିବହନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକ ନିଷ୍ପତି ହୋଇଥିଲା।

# ‘ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାମାନେ ରତ୍ନ ସଦୃଶ’




**ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନେ ନେଉଛନ୍ତି ଜଣେ ଜଣେ ରତ୍ନ। ସେବିକାବୃତ୍ତି ଉଭୟ ଅର୍ଥନୈତିକ ଏବଂ ମାନସିକ ସ୍ତରରେ ବିକଶିତ ହେଉଥିବା ଖୁବ୍ ଆନନ୍ଦର ବିଷୟ ବୋଲି କହିଛନ୍ତି କଟକ ସ୍ଥିତ ନ୍ୟାସ୍‌ନାଲ୍ ଲ ୟୁନିଭର୍ସିଟି ଓଡ଼ିଶାର ଆଡଜଂଟ ପ୍ରଫେସର (ଡକ୍ଟର) ରୀତା ରାୟ।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ସୋମବାର ଆୟୋଜିତ ଆନ୍ତର୍ଜାତିକ ନର୍ସେସ ଡେ ୨୦୨୫ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ରାୟ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସେମାନଙ୍କୁ ସମ୍ମାନିତ କରିବା ଲକ୍ଷ୍ୟ ନେଇ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ। କାର୍ଯ୍ୟକ୍ରମରେ ବୃତିଗତ ଅତିଥି ଭାବେ ସୋମି ଓଡ଼ିଶା ଶାଖାର ସମ୍ପାଦିକା ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇ କହିଥିଲେ ନର୍ସିଂ ଏକ ମହାନ ବୃତି କାରଣ ରୋଗୀ ସେବା ଦ୍ୱାରା ସେମାନେ ଅନେକ ଭଲ ପାଇବା ଓ ଆଶୀର୍ବାଦ ପାଇଥାନ୍ତି।

କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମୀନତି ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଉତ୍ସର୍ଗୀକୃତ କାର୍ଯ୍ୟ ଦ୍ୱାରା ନର୍ସମାନେ ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥାନ୍ତି ବୋଲି କହିଥିଲେ।

ଏହି ଅବସରରେ ସମ ନର୍ସିଂ କଲେଜର ଡିନ୍ ପ୍ରଫେସର (ଡାକ୍ତର) ସସ୍ମିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏସ୍‌ଏନ୍‌ସିର ନିର୍ଦ୍ଦେଶିକା ପ୍ରଫେସର (ଡକ୍ଟର) ପ୍ରଭାତି ତ୍ରୀପାଠି ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ନିଜ କ୍ୟାରିୟରରେ ଆଗକୁ ବଢ଼ିବା ପାଇ ଉତ୍ସାହିତ କରିଥିଲେ।

# କର୍ଣ୍ଣ, ନାସା, ଗଳା ଅସ୍ତ୍ରୋପଚାର ପାଇଁ କିମ୍ସରେ ଲାଗିଲା ଅତ୍ୟାଧୁନିକ ମେସିନ୍




**ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ):** କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର ପାଇଁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍‌ସ) ରେ ଏକ ଅତ୍ୟାଧୁନିକ ସିଓଟୁ ମେସିନ୍ ଉଦ୍‌ଘାଟିତ ହୋଇଯାଇଛି । କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ମେସିନ୍‌କୁ ଉଦ୍‌ଘାଟନ କରି କହିଛନ୍ତି। ଏହା କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ଏକ ମାଇଲ୍ ଖୁଣ୍ଟ ହେବ। ଏହା ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଲୋକମାନେ ଅତ୍ୟାଧୁନିକ ଚିକିତ୍ସା ପାଇପାରିବେ।

ଏହି ଅବସରରେ କିମ୍‌ସ କର୍ଣ୍ଣ-ନାସା-ଗଳା ବିଭାଗର ମୁଖ୍ୟ ଡା. କବିକାନ୍ତ ସାମନ୍ତରାୟ ସିଓଟୁ ଲେଜର ମେସିନ୍‌ର ବିଭିନ୍ନ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। କର୍କଟ ଓ କର୍ଣ୍ଣ-ନାସା-ଗଳା ରୋଗୀଙ୍କ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ହେଉଛି ସର୍ବାଧୁନିକ ମେସିନ୍ ବୋଲି ସେ ଦାବି କରିଛନ୍ତି। ଏହା ଦ୍ୱାରା ବିନା ରକ୍ତକ୍ଷୟରେ ଅସ୍ତ୍ରୋପଚାର ହେଉଥିବା ଯୋଗୁଁ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରିଥାଏ। ଏହି ଅସ୍ତ୍ରୋପଚାର ପାଇଁ ପୂର୍ବରୁ ରୋଗୀମାନେ ମୁମ୍ବାଇ କିମ୍ବା ଦିଲ୍ଲୀକୁ ଯାଉଥିଲେ। ଏଥିପାଇଁ ସେମାନଙ୍କୁ ଆର୍ଥିକ ବୋଝ ପଡୁଥିଲା। କିମ୍‌ସରେ ଏହି ସୁବିଧା ଉପଲବ୍‌ଧ ହେବା ପରେ ଏଣିକି ରୋଗୀଙ୍କୁ ସୁଲଭ ଦରରେ ଏହି ସୁବିଧା ମିଳିପାରିବ। କିମ୍‌ସରେ ଲେଜର-ଆଧାରିତ ଏହି ଚିକିତ୍ସା ୨୪ଘଣ୍ଟିଆ ଉପଲବ୍‌ଧ ହେବ। କିମ୍‌ସରେ ଏହି ସୁବିଧା ସହିତ, ଠିକ୍ ଏବଂ ସର୍ବନିମ୍ନ କ୍ଷତରେ ଚିକିତ୍ସା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଡା. ସାମନ୍ତରାୟ ସୂଚନା ଦେଇଥିଲେ।

# ‘ଆମ ବସ’ ଗାଡ଼ି ଚାଳକ ଗିରଫ

**ବାଲିଅନ୍ତା, ୧୫।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ଜଣେ ବେପରୁଆ ଗାଡି ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲା କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅଧୀନ ଖେରାସ ଗ୍ରାମର ଶ୍ରୀଦ୍ଧର ମହାନ୍ତି ( ୩୮)। ଏନେଇ ମୃତ ଅଶୋକ ବଳଙ୍କ ସାନଭାଇ ବିନୋଦ ବଳ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ମୃତ ଅଶୋକ ବଳ ଅଭିଯୋଗକାରୀଙ୍କ ବଡ ଭାଇ । ଗତ କାଲି ସନ୍ଧ୍ୟାରେ ବଡଭାଇ ଅଶୋକ ବଳ ଏବଂ ତାଙ୍କର ଜଣେ ସମ୍ପର୍କୀୟ ନରେଶ ସ୍ୱାଇଁ ଏକ ମୋଟରସାଇକେଲ ଯୋଗେ ସଅଁରା ଗ୍ରାମରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ ଜିତିକରସୁଆଁଲୋ ଗ୍ରାମ ନିକଟରେ ଡ୍ରାଇଭର ଶ୍ରୀଧର “ଆମ ବସ”କୁ ଅତିଦ୍ରୁତ ବେଗରେ ତଥା ବିପଦଜ୍ଜନକ ଭାବେ ଚାଳନା କରିଆଣି ଉଭୟଙ୍କୁ ଖୁବ ଜୋରରେ ଧକା ଦେଇଥିଲେ। ଏହି ଦୁର୍ଘଟଣାରେ ଅଭିଯୋଗକାରୀଙ୍କ ବଡ ଭାଇ ଅଶୋକ ବଳ ଏବଂ ସମ୍ପର୍କୀୟ ନରେଶ ସ୍ୱାଇଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଅଶୋକଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ପ୍ରବଳ ରକ୍ତ ସ୍ରାବ ହୋଇଥିବା ବେଳେ ନରେଶ ମଧ ଗୁରୁତର ଆହତ ହୋଇଥିଲେ । ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଅଶୋକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ, ଉତ୍ତମ ଚିକିତ୍ସା ଲାଗି ନରେଶଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ବୋରିଗୁମ୍ମାରେ ପରାକ୍ରମ ଶୋଭାଯାତ୍ରା

**ବୋରିଗୁମ୍ମା, ୧୫।୫ (ସଂଚାର ବ୍ୟୁରୋ):** ଆତଙ୍କବାଦ ବିରୋଧୀ ଅଭିଯାନ‘ଅପରେସନ୍ ସିନ୍ଦୂର’ର ସଫଳତା ପରିପ୍ରେକ୍ଷୀରେ ଦେଶର ସେନାବାହିନୀକୁ ଅପୂର୍ବ ସାହସିକତାର ବଧେଇ ଦେବା ସକାଶେ ଆଜି ବୋରିଗୁମ୍ମା ସହରରେ ତ୍ରିରଙ୍ଗା ଯାତ୍ରା ହୋଇଯାଇଛି। ଆଜି ପ୍ରାତଃ ୭ ଘଣ୍ଟା ସମୟରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଠାରୁ ଏକ ବିଶାଳ ତ୍ରିରଙ୍ଗା ପଦ ଓ ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ମୁଖ୍ୟ ଅତିଥି ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ଜାତୀୟ ପତାକା ଧରି ନିଜେ ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ପଦ ଓ ବାଇକ୍ ତ୍ରିରଙ୍ଗା ଯାତ୍ରା ତହସିଲ କାର୍ଯ୍ୟାଳୟ ଠାରୁ ବାହାରି ବୋରିଗୁମ୍ମା ସ୍ଥିତ ନୂତନ ବସଷ୍ଟାଣ୍ଡ ପରିସରରେ ଥିବା ମୋହାପୁରୁଷ ଙ୍କ ପ୍ରତିମୂର୍ତ୍ତି ସ୍ଥଳ ପର୍ଯ୍ୟନ୍ତ ଯାଇଥିବା ବେଳେ ଏଥିରେ ପୁଲିସ ବାହିନୀ, ସୁରକ୍ଷା ବାହିନୀ, ଲୋକପ୍ରତିନିଧି, ସ୍କୁଲ ଛାତ୍ର ଛାତ୍ରୀ ଓ ସାଧାରଣ ଜନତା ତ୍ରିରଙ୍ଗା ଧରି ଶତ୍ରୁକୁ କଡ଼ା ଜବାବ ଦେବାକୁ ସେନା ପ୍ରସ୍ତୁତ ଏବଂ ବନ୍ଦେମାତରଂ ଗାଇ ଗାଇ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ।






# ସେନାର ମନୋବଳ ବୃଦ୍ଧି ପାଇଁ ‘ପରାକ୍ରମ ଶୋଭାଯାତ୍ରା’

**ନୟାଗଡ଼, ୧୫।୫ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରେ ଭାରତୀୟ ସେନା ସମ୍ମାନ ଓ ମନୋବଳ ବୃଦ୍ଧି ସହିତ ଭାରତର ସୁରକ୍ଷା ଜଣାଇବାକୁ ‘ପରାକ୍ରମ ଶୋଭାଯାତ୍ରା’ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନିବାହିନୀର ବୀର ଯବାନଙ୍କୁ କୃତଜ୍ଞତା ଭାବ ପ୍ରକାଶ କରି ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ମୋଟରସାଇକେଲ ଶୋଭାଯାତ୍ରା ନୟାଗଡ଼ ସହର ଦୁର୍ଗାପ୍ରସାଦ ପଡ଼ିଆ ଠାରୁ ଆରମ୍ଭ ହୋଇ ପୁରୁଣା ସହର ସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସହର ଯାତ୍ରା କରିଥିଲା । ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ,ଉପ ଜିଲ୍ଲାପାଳ କର୍ଣ୍ଣଦେବା ସମାଦ୍ଦାର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ପୌର ଉପାଧକ୍ଷ ଗୁରୁପ୍ରସାଦ ଜେନା, ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଉପସ୍ଥିତ ରହି ପତାକା ପ୍ରଦର୍ଶନ କରି ଏହି ତ୍ରିରଙ୍ଗା ଶୋଭା ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ପୁଲିସ ବାହିନୀଙ୍କ ସମେତ ଶହ ଶହ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରମ୍ ନାରା ଦେଇ ସହର ପରିକ୍ରମା କରିଥିଲେ।

# ନାଉଗାଁ ବ୍ଲକର ୧୬ ପଞ୍ଚାୟତ ପାଇଁ ୧୧ ଏଡିଇଓ

**ନାଉଗାଁ, ୧୫।୫ (ସଂଚାର ବ୍ୟୁରୋ):** ଗ୍ରାମପଞ୍ଚାୟତ ଗୁଡିକରେ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ବିଶେଷ କରି ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ କରିବା ପାଇଁ ଜିଆରଏସମାନଙ୍କୁ ନିଯୁକ୍ତ କରାଯାଇଥିଲା। ଏହି ଜିଆରଏସମାନେ ଉକ୍ତ ଯୋଜନାରେ ଜବକାର୍ଡ, ମଷ୍ଟରରୋଲ, ଏନ୍‌ଏମ୍‌ଏସ୍‌ଏସ୍ ଆପ ମାଧମରେ ଶ୍ରମିକମାନଙ୍କ ଉପସ୍ଥାନ ପକାଇବା ଆଦି କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ଜିଆରଏସମାନଙ୍କୁ ପଦୋନ୍ନିତ ପ୍ରଦାନ କରାଯାଇ ପଞ୍ଚାୟତ ମାନଙ୍କରେ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରିଂ ଅପରେଟର(ଏଡିଇଓ)ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକର ୧୬ଟି ପଞ୍ଚାୟତ ପାଇଁ ମାତ୍ର ୧୧ଜଣ ଏଡିଇଓ ନିଯୁକ୍ତି ପାଇଛନ୍ତି। ଏହି ୧୧ଜଣ ଏଡିଇଓଙ୍କ ମଧ୍ୟରୁ ୧୦ଜଣ ଏଡିଇଓଙ୍କୁ ପଞ୍ଚାୟତ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଜଣେ ଏଡିଇଓଙ୍କୁ ପଞ୍ଚାୟତ ଦାୟିତ୍ୱ ପରିବର୍ତ୍ତେ ଜିପିଇଓଙ୍କ ସେକ୍ସନ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି। ସେଥିମଧ୍ୟରୁ ୫ଜଣ ଏଡିଇଓଙ୍କୁ ୨ଟି ଲେଖାଁଏ ପଞ୍ଚାୟତ ଯଥା ଜ୍ୟୋତିକାନ୍ତ ବରାଳଙ୍କୁ ବାଂଶ ଓ ନାଉଗାଁ, ପ୍ରଦୀପ୍ତ କୁମାର ସ୍ୱାଇଁଙ୍କୁ ଅଲଣା ଓ ନୂଆଗାଁ, ସୁଧାକର ଦାସଙ୍କୁ ଗଜରାଜପୁର ଓ ଗଳଦାରୀ, ବିଶ୍ୱବିଜୟୀ ସ୍ୱାଇଁଙ୍କୁ ଡେରିକି ଓ ତିରୁଣା, ଦୀପକ ଦାସଙ୍କୁ ଡାବର ଓ କୋରୁଅ ପଞ୍ଚାୟତ ପ୍ରଦାନ କରାଯାଇଛି। ସେହିପରି ଇଫତକର ଉଦ୍ଦିନ ଅହମ୍ମଦଙ୍କୁ ରୋହିଆ, ପ୍ରଳୟ ରଞ୍ଜନ ବିଶ୍ୱାଳଙ୍କୁ ବଛାଳୋ, ରଶ୍ମିରଞ୍ଜନ ବେହେରାଙ୍କୁ ଶିଖର, ରଶ୍ମୀ ତ୍ରିପାଠୀଙ୍କୁ ଘୋଡାଂଶ ଏବଂ ଉଲ୍ଲାସ ଚନ୍ଦ୍ର ଦାସଙ୍କୁ ଓଷକଣା ପଞ୍ଚାୟତରେ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ଜାମୁଗାଁ ପଞ୍ଚାୟତରେ କୌଣସି ଏଡିଇଓଙ୍କୁ ନିଯୁକ୍ତି ଦିଆ ଯାଇ ନଥିବା ବେଳେ ଏଠାରେ ଜିଆରଏସ କାର୍ଯ୍ୟ କରୁଥିବା ଜଣାଯାଇଛି।

ବ୍ଲକରେ ଆବଶ୍ୟକୀୟ ଅନୁସାରେ ଏଡିଇଓ ନଥିବା ହେତୁ ୧୧ ଜଣ ଏଡିଇଓଙ୍କ ମଧ୍ୟରୁ ୫ଜଣ ଏଡିଇଓଙ୍କୁ ଦୁଇଟି ଲେଖାଁଏ ପଞ୍ଚାୟତ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ କାହା ସ୍ୱାର୍ଥରେ ଜଣେ ଏଡିଇଓଙ୍କୁ ପଞ୍ଚାୟତ ପରିବେର୍ତ୍ତ ଜିପିଇଓଙ୍କ ସେକ୍ସନରେ ନିଯୁକ୍ତ କରାଯାଇଛି। ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଇଏସ୍‌ଏ ସଦସ୍ୟ

# ଲୁହାପଥର ଉତ୍ପାଦନ ବୃଦ୍ଧି ଓ ଯୋଗାଣକୁ ଗୁରୁତ୍ୱ



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ଇଣ୍ଡିଆନ୍ ଷ୍ଟିଲ ଆସୋସିଏସନ୍ (ଆଇଏସ୍‌ଏ)ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଇସ୍ପାତ କ୍ଷେତ୍ରର ଅନେକ ପ୍ରତିନିଧି ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ ଅଧିକ ଷ୍ଟିଲ ଉତ୍ପାଦନ ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗର ବୃଦ୍ଧି ଉପରେ ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡ଼ିଶାର ଲକ୍ଷ୍ୟ। ଏଥିରେ ଖଣି ଓ ଷ୍ଟିଲ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ତେଣୁ ଓଡ଼ିଶାରେ କମ୍ପାନୀ ପ୍ରତିଷ୍ଠା କରୁଥିବା ସଂସ୍ଥାଗୁଡ଼ିକୁ ସୁବିଧାରେ କଞ୍ଚାମାଲ୍ ଯୋଗାଇଦେବା ସହିତ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଷ୍ଟିଲ କମ୍ପାନୀଗୁଡ଼ିକୁ ମଧ୍ୟ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ହୋଇଥିବା ଆଲୋଚନା ଅନୁସାରେ, ସମ୍ପ୍ରତି ଦେଶର ଷ୍ଟିଲ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ମିଲିଅନ୍ ଟନ ରହିଛି। ଆଗାମୀ ୨୦୪୭ ସୁଦ୍ଧା ଏହାକୁ ୫୦୦ ମିଲିଅନ୍ ଟନକୁ ବଢ଼ାଯିବାର ଲକ୍ଷ୍ୟ ରହିଛି। ଦେଶର ଷ୍ଟିଲ ଉତ୍ପାଦନ ବୃଦ୍ଧିରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଆଗାକୁ ଏହା କାଏମ ରହିବ। ତେଣୁ ଷ୍ଟିଲ କମ୍ପାନୀମାନଙ୍କୁ ଯେପରି ସୁବିଧାରେ ଲୁହାପଥର ମିଳିପାରିବ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ହୋଇପାରିବ, ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଅଧିକ ଲୁହା ପଥର ଖଣିର ନିଲାମ୍ ଏବଂ ନିଲାମ୍ ହୋଇଥିବା ଖଣିଗୁଡ଼ିକରୁ ଶୀଘ୍ର ଉତ୍ତୋଳନ ଆରମ୍ଭ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଚଳିତବର୍ଷ ପ୍ରାୟ ୩୦ଟି ଖଣି ନିଲାମ୍ ହେବ। ଏଥିସହିତ ଓଏମ୍‌ସିରୁ କିପରି ସୁବିଧାରେ ଷ୍ଟିଲ କମ୍ପାନୀମାନଙ୍କୁ ଲୁହାପଥର ଯୋଗାଇ ଦିଆଯାଇ ପାରିବ, ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ଅନ୍ୟ ସମ୍ପୃକ୍ତ ବିଭାଗ ସଚିବମାନେ ଉପସ୍ଥିତ ଥିଲେ।

### 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପ୍ରତିକ୍ରିୟା

# ଭାରତୀୟ ସେନାର ପରାକ୍ରମ ଦେଖିଲା ବିଶ୍ୱ



- ସେନା ଓ ପ୍ରଧାନମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ
- ଦେଶର ଏୟାର ଡିଫେନ୍ସ ସିଷ୍ଟମ୍‌କୁ ବଳ ଦେବେ 'ଭାର୍ଗବାସ୍ତ୍ର'

**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଆତଙ୍କବାଦବିରୋଧୀ ଅଭିଯାନ 'ଅପରେସନ ସିନ୍ଦୂର' ଭାରତୀୟ ସେନାର ଶୌର୍ଯ୍ୟ, ସାହସ ଓ ପରାକ୍ରମର ସବୁଠାରୁ ବଡ଼ ପ୍ରମାଣ ବୋଲି ମତ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆତଙ୍କବାଦ ବିରୋଧରେ ଏକ ନିର୍ଣ୍ଣାୟକ ଲଢେଇ ପାଇଁ 'ଅପରେସନ ସିନ୍ଦୂର'ର ସଫଳତା ପରେ ୩ ସେନାକୁ ଓଡ଼ିଶା ପକ୍ଷରୁ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏଥିସକାଶେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ଆତଙ୍କବାଦୀଙ୍କୁ ମୂଳପୋଛ କରିବା ପାଇଁ ପାକିସ୍ତାନ ସୀମା ଭିତରେ ଆମ ବାୟୁ ସେନାର ବୀର ଯବାନମାନେ ପ୍ରବେଶ କରି ପ୍ରଥମେ ସେମାନଙ୍କ ୯ଟି ଆଡ୍ଡାକୁ ନଷ୍ଟ କଲେ। ଭାରତର ସୈନ୍ୟଶକ୍ତିର ପରାକ୍ରମ, ଭାରତୀୟ ସମାଜର ପ୍ରତିବଦ୍ଧତା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣାୟକ ନେତୃତ୍ୱର ପରାକାଷ୍ଠା ସାରା ବିଶ୍ୱ ଦେଖିଲା। ଦେଶରେ ସୈନିକଶକ୍ତିଙ୍କ ମନୋବଳକୁ ବଢାଇବା ତଥା 'ଅପରେସନ ସିନ୍ଦୂର' ସମର୍ଥନରେ ତ୍ରିରଙ୍ଗା ଯାତ୍ରାର ଆୟୋଜନ ପାଇଁ ଦେଶବାସୀଙ୍କୁ ଆହ୍ୱାନ କରାଯାଇଛି। ଏହାକୁ ନେଇ ଓଡ଼ିଶା ସମେତ ଦେଶବାସୀଙ୍କ ମଧ୍ୟରେ ଯଥେଷ୍ଟ ଉତ୍ସାହ ପରିଲକ୍ଷିତ ହୋଇଛି।

ସେହିପରି ଗୋପାଳପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ଗତକାଲି 'ଭାର୍ଗବାସ୍ତ୍ର'ର ସଫଳ ପରୀକ୍ଷଣ ହୋଇସାରିଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଡ୍ରୋନ୍ ନିରୋଧୀ ଅସ୍ତ୍ର ଦେଶର ଏୟାର ଡିଫେନ୍ସ ସିଷ୍ଟମକୁ ଆହୁରି ମଜବୁତ କରିବ। ଡିଆରଡିଓର ଏହି ସଫଳତା ପରେ ଓଡ଼ିଶା ଆଜି ଗର୍ବିତ। ଭାରତର ଭୂମିକା ସହ ସେନାର ଭୂମିକାକୁ ନେଇ ଆମେ ଗୌରବାନ୍ୱିତ। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ପାକିସ୍ତାନ କ୍ଷେପଣାସ୍ତ୍ର ଭାରତର ଅମାପ ଶକ୍ତି ଆଗରେ ଫିକା ପଡ଼ିଛି। ତେଣୁ ଏହାକୁ ସମାଲୋଚନା କରିବା ପୂର୍ବରୁ ବିରୋଧୀ ପକ୍ଷ ଧୈର୍ଯ୍ୟ ସହକାରେ ଦାୟିତ୍ୱସମ୍ପନ୍ନ ମନ୍ତବ୍ୟ ଦେବା ଉଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ସମୀକ୍ଷା



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ପ୍ରମୁଖ ସଚିବ ଉଷା ପାଢ଼ୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଜି ଏକ ସମୀକ୍ଷା ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସହ ସମନ୍ୱୟ ରକ୍ଷା କରି ବିଭାଗୀୟ ପଦକ୍ଷେପଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ସ୍ଥାପନ ଉପରେ ସେ ଉକ୍ତ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ଆଲୋଚନା ହୋଇଥିବା ପ୍ରମୁଖ ବିଷୟ ମଧ୍ୟରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ସମୟାନୁସାରେ ପେନସନ ବଣ୍ଟନ ଅନ୍ୟତମ ଥିଲା। ଏହାଦ୍ୱାରା ବୃଦ୍ଧ ଏବଂ ସମ୍ବେଦନଶୀଳ ବ୍ୟକ୍ତିଙ୍କ ସମ୍ମାନ ଏବଂ ସାମାଜିକ କଲ୍ୟାଣକୁ ସୁରକ୍ଷିତ କରାଯାଇପାରିବ ବୋଲି ସଚିବ କହିଥିଲେ। ସେହିପରି ସମୀକ୍ଷାରେ ସ୍ଥାୟିତ୍ୱ ଓ ନିରବଚ୍ଛିନ୍ନ ସେବା ପ୍ରଦାନ ସୁନିଶ୍ଚିତ କରିବା ସକାଶେ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ଅଭ୍ୟାସକୁ ସୁଦୃଢ଼ କରିବା, ବିଶେଷକରି ସହରାଞ୍ଚଳ ଭିତ୍ତିଭୂମି ଓ ପରିବହନ ସେବା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବାରେ ପ୍ରଯୁକ୍ତିବିଦ୍ୟା ଓ ସମନ୍ୱିତ ତଥ୍ୟ ପ୍ରଣାଳୀର ଭୂମିକା ଉପରେ ଆଲୋକପାତ କରାଯାଇଥିବା ବେଳେ ସ୍ୱଚ୍ଛତା ବୃଦ୍ଧି, ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିବା ଓ ବିଭିନ୍ନ କ୍ଷେତ୍ରରେ ସାମଗ୍ରିକ ସେବା ଫଳାଫଳକୁ ଉନ୍ନତ କରିବା ପାଇଁ ବାସ୍ତବ-ସମୟ ତଦାରଖ ଏବଂ ତଥ୍ୟଚାଳିତ ଶାସନ ବ୍ୟବସ୍ଥାକୁ ଅତ୍ୟାବଶ୍ୟକ ଉପକରଣ ଭାବେ ଚିହ୍ନଟ କରାଯାଇଛି।

ଶ୍ରୀମତୀ ପାଢୀ ସ୍ଥିର ଓ ସ୍ଥାୟୀ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଆନ୍ତଃବିଭାଗୀୟ ସହଯୋଗ ଓ ଫଳାଫଳମୁଖୀ ଯୋଜନା ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ଉଦ୍ଭାବନ, କ୍ଷମତା ବିକାଶ ଓ ନାଗରିକ ସମ୍ପୃକ୍ତି ଏକ ଭବିଷ୍ୟତ-ପ୍ରସ୍ତୁତ ଓଡ଼ିଶାର ମୂଳଦୁଆ ଗଠନ କରିବ। କେବଳ ବିକଶିତ ନୁହେଁ, ବରଂ ସମାନ ଓ ଦକ୍ଷ ଓଡ଼ିଶା ଗଠନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଲକ୍ଷ୍ୟଗୁଡ଼ିକର ସମନ୍ୱୟ ଜରୁରୀ ବୋଲି ସେ କହିଥିଲେ।

# ମୁଖ୍ୟ ସଚିବଙ୍କ ଦ୍ୱିତୀୟ ରାଜ୍ୟସ୍ତରୀୟ କମିଟି ବୈଠକ

**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍-ବିଆଇଏସ୍) ଏବଂ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମିଳିତ ଭାବେ ମାନକୀକରଣ ଏବଂ ଦ୍ରବ୍ୟ ଓ



ସେବା କ୍ଷେତ୍ରରେ ଗୁଣାତ୍ମକତା ସମ୍ପର୍କରେ ଦ୍ୱିତୀୟ ରାଜ୍ୟସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକ ଉଭୟ ବିଆଇଏସ୍ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗକୁ ସହଜ କରିବ। ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଉତ୍ପାଦ, ସେବାର ମାନକୀକରଣ ଏବଂ ଗୁଣବତ୍ତା ସଚେତନତା ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ଶିଳ୍ପ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ବିଆଇଏସ୍, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମେତ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ଔଦ୍ୟୋଗିକ ସଂଘର କର୍ତ୍ତୃପକ୍ଷ ଅଂଶଗ୍ରହଣ କରିଥିଲେ। ଭାରତୀୟ ମାନକକୁ କାର୍ଯ୍ୟକାରୀ କରି ରାଜ୍ୟରେ ଏକ ସୁସ୍ଥ ଗୁଣବତ୍ତା ଇକୋସିଷ୍ଟମ୍ ବିକାଶକୁ ସମର୍ଥନ କରିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।



### ଅପର୍ ଲାନ୍ଥ ଓ ଲୋୟର ଇନ୍ଦ୍ରା ଜଳସେଚନ ପ୍ରକଳ୍ପର ସମୀକ୍ଷା

# ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅପର୍ ଲାନ୍ଥ ଓ ଲୋୟର ଇନ୍ଦ୍ରା ଜଳସେଚନ ପ୍ରକଳ୍ପର ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ଉପସ୍ଥିତ ଥିଲେ। ଅପର ଲାନ୍ଥ ଓ ଲୋୟର ଇନ୍ଦ୍ରା ପ୍ରକଳ୍ପରେ ଓଡିଶା କୃଷି ମାନଚିତ୍ରରେ ପରିବର୍ତ୍ତନ ଆଣିପାରିବା ଭଳି କ୍ଷମତା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାର ୨୯,୯୦୦ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିପାରିବ। କୃଷି ବ୍ୟତୀତ ଆନୁଷଙ୍ଗିକ କୃଷିରେ ମଧ୍ୟ ଉନ୍ନତି ହୋଇପାରିବ। ଏହାଦ୍ୱାରା ଅଞ୍ଚଳବାସୀ ନିଜ ଜମିରେ ବିଭିନ୍ନ ପ୍ରକାର ଫସଲ ଅମଳ କରି ଆତ୍ମନିର୍ଭର ହେବା ସହ ଆନୁଷଙ୍ଗିକ କୃଷିରୁ ମଧ୍ୟ ଆଶାନୁରୂପ ରୋଜଗାର କରିପାରିବେ। ଏଥିସହ ଏହିସବୁ ଅଞ୍ଚଳରେ ଉପୁଜୁଥିବା ଦାଦନ ଶ୍ରମିକ ଭଳି ବିରାଟ ସମସ୍ୟାର ସମାଧାନ ମଧ୍ୟ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜମି ଅଧିଗ୍ରହଣ, ଅନୁକମ୍ପା ରାଶି ପ୍ରଦାନ, କେନ୍ଦ୍ରୀୟ ମଞ୍ଜୁରୀ, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ, ବିସ୍ଥାପିତ ପରିବାରଙ୍କୁ ଥଇଥାନ ଆଦି କାର୍ଯ୍ୟ ସମ୍ପାଦନ ସମୟରେ ବିଳମ୍ବ ହେଲେ ତୁରନ୍ତ ତାଙ୍କ ନଜରକୁ ଆଣିବା ଓ ଆବଶ୍ୟକସ୍ଥଳେ ପ୍ରତ୍ୟକ୍ଷ ଭାବେ ନିଜେ ଜଡ଼ିତ ରହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ପ୍ରକଳ୍ପର ବିଭିନ୍ନ ଦିଗ ବିଷୟରେ ବିସ୍ତୃତ ଭାବେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ, ବୈଷୟିକ ଅଧିକାରୀ, ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିବା ବେଳେ ଆଭାସୀ ମାଧ୍ୟମରେ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଭିଜିଲାନ୍ସ ଜାଲରେ ଧର୍ମଶାଳା ଏବିଡିଓ



**ଧର୍ମଶାଳା,୧୫।୫(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ପୁଣି ଜଣେ ସରକାରୀ ବାବୁ। ଯାଜପୁର ଧର୍ମଶାଳା ବ୍ଲକର ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ (ଏବିଡିଓ) ଅସିତ କୁମାର ପାତ୍ରଙ୍କ ଘରେ ଗୁରୁବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଉଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ବ୍ୟାପକ ମାତ୍ରାରେ ସମ୍ପତ୍ତି ଠାବ କରାଯାଇଛି। ତାଙ୍କ ନାମରେ ୪ଟି କୋଠା ସହ ୫ଟି ଦାମୀ ପ୍ଲଟ୍ ରହିଥିବା ବେଳେ ନଗଦ ୧.୮୫ ଲକ୍ଷ ଟଙ୍କା ଜବତ ହୋଇଛି। ତାଙ୍କ ନାମରେ ଯାଜପୁର ରୋଡ କହ୍ନେଇପୁରରେ ଗୋଟିଏ ୪ ମହଲା କୋଠା, କଟକ ଚାଉଳିଆଗଞ୍ଜ ମେଟ୍ରୋ ଆପାର୍ଟମେଣ୍ଟରେ ଏକ ୨-ବିଏଚ୍‌କେ ଫ୍ଲାଟ୍, ଯାଜପୁରରେ ଏକ ଦୁଇ ମହଲା କୋଠା, ପୈତୃକ ଗ୍ରାମ ଯାଜପୁରର ସୁନ୍ଦରୀମୁହାଁରେ ତିନି ମହଲା କୋଠା, ଯାଜପୁରରେ ଏକ ଶପିଂ କମ୍ପ୍ଲେକ୍ସ ରହିଛି। ସେହିପରି ଯାଜପୁର ରୋଡ୍‌ରେ ତାଙ୍କର ୪ଟି ଓ ଦାନଗଦି ବ୍ଲକ୍‌ରେ ଗୋଟିଏ ଦାମୀ ପ୍ଲଟ୍ ରହିଥିବା ଚଢ଼ାଉ ସମୟରେ ଜଣାପଡ଼ିଛି। ସେହିପରି ତାଙ୍କ କହ୍ନେଇପୁରସ୍ଥିତ ବାସଭବନରୁ ଉପରୋକ୍ତ ନଗଦ ଜବତ ହୋଇଥିବା ସୂଚନା ମିଳିଛି। ଏହାଛଡ଼ା ତାଙ୍କ ଘରୁ ୭୦୦ ଗ୍ରାମ୍ ଓଜନର ସୁନା ଅଳଙ୍କାର, ୬୫ ଲକ୍ଷ ଟଙ୍କାର ଜମା, ୨ଟି ବାଇକ୍ ଓ ୩.୨୭ ଲକ୍ଷ ଟଙ୍କାର ଆସବାବପତ୍ର ଠାବ କରାଯାଇଛି। ୮ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ୭ଟି ଟିମ୍ ଏକକାଳୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।

### ଉଚ୍ଚଶିକ୍ଷା ବିଭାଗ ଓ ଏନ୍‌ଏସ୍‌ଏଆଇ ମଧ୍ୟରେ ବୁଝାମଣା

# ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ସହ ମିଳିବ ଚାକିରି ସୁଯୋଗ




**ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ଏଆଇ) ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଏନ୍‌ଏସ୍‌ଏଆଇର ଅଧିକାରୀ, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିସହ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀ ମଧ୍ୟ ଆଭାସୀରେ ଯୋଡ଼ି ହୋଇଥିଲେ। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଫଳରେ ଏଣିକି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ସହ ବିତ୍ତୀୟ ସାକ୍ଷରତାରେ ମଧ୍ୟ ଅଭିବୃଦ୍ଧି ହେବ। ଏଥିସହିତ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ।

ଏ ସଂକ୍ରାନ୍ତରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ଆଜିର ଏହି ବୁଝାମଣାପତ୍ର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ୨ ପ୍ରକାର କୋର୍ସ ପ୍ରଦାନ କରାଯିବ ଯାହାକି ସେମାନଙ୍କର ଦକ୍ଷତା ବିକାଶ ସହିତ ବିତ୍ତୀୟ ସାକ୍ଷରତା ବଢ଼ାଇବ। ଫଳସ୍ୱରୂପ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିତ୍ତୀୟ କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ସୁଯୋଗ ପାଇପାରିବେ। କଳା, ବିଜ୍ଞାନ, ବାଣିଜ୍ୟ ଓ ବିଭିନ୍ନ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଏହି କୋର୍ସ କରିପାରିବେ। କେବଳ ପାରମ୍ପରିକ କ୍ୟାରିୟର ମଧ୍ୟରେ ସୀମିତ ନ ରହି ଛାତ୍ରଛାତ୍ରୀମାନେ ଏହି ଚୁକ୍ତି ବଳରେ ନୂତନ କ୍ୟାରିୟର ଓ ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ସହ ବିଓପିଟି (ବୋର୍ଡ ଅଫ ପ୍ରାକ୍ଟିକାଲ ଟ୍ରେନିଙ୍ଗ) ଏବଂ ବିଏଫଏସଆଇ ସେକ୍ଟର ସ୍କିଲ କାଉନସିଲର ବୁଝମଣା ହୋଇଥିଲା। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅନେକ ଇଣ୍ଟର୍ନସିପ୍ ଓ ନିଯୁକ୍ତି ସୁଯୋଗ ପାଇପାରିଛନ୍ତି।

### ● ଓୟୋରେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

# ମା' ଆଣିଲେ ହତ୍ୟା ଅଭିଯୋଗ



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ଏକ ଓୟୋ ହୋଟେଲରେ ଜଣୈକା ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ବେଳେ ଏହି ଘଟଣାରେ ପୁଲିସ୍ ପୁରୁଷ ବନ୍ଧୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। କିନ୍ତୁ ଏହି ମାମଲାରେ ମୃତ୍ୟୁବରଣ କରିଥିବା ଯୁବତୀଙ୍କ ମା' ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ତାଙ୍କ ଝିଅ ଛାତରୁ ପଡ଼ି ମୃତ୍ୟୁବରଣ କରିନାହିଁ, ବରଂ ତାକୁ ଛାତରୁ ଠେଲି ହତ୍ୟା କରାଯାଇଛି। ପୁରୁଷ ବନ୍ଧୁଙ୍କ ସହ ଝଗଡ଼ା ପରେ ଝିଅକୁ ଠେଲି ଦେଇ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ ଘଟଣାର ଉପଯୁକ୍ତ ତଦନ୍ତ କରି ତାଙ୍କ ଝିଅକୁ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଜାଗମରାସ୍ଥିତ ଏକ ହୋଟେଲ ଛାତରୁ ଖସିପଡ଼ି ଉକ୍ତ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ମୃତ ଯୁବତୀ ନୟାଗଡ଼ର ସୋନାଲି ମହାପାତ୍ର ଓ ସେ ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରୁଥିଲେ। ପୁଲିସ୍ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ପୁରୁଷ ବନ୍ଧୁ ବିଭୂତି ପ୍ରତିହାରୀଙ୍କୁ ଅଟକ ରଖି ତଦନ୍ତ କରୁଛି। ଅନ୍ୟପକ୍ଷରେ ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଛି। ହତ୍ୟାକୁ ଦୁର୍ଘଟଣାର ରୂପ ଦେବା ସକାଶେ ଅଭିଯୁକ୍ତମାନେ ଫିଲ୍ମ ଷ୍ଟାଇଲ୍ ଫର୍ମୁଲା ଆପଣାଇଛନ୍ତି। ତାଳଚେର ଲାଙ୍ଗିଜୋଡ଼ାର ବିଶ୍ୱଜିତ ନାଏକ ଗତ ମାସ ୨୭ ତାରିଖରୁ ନିଖୋଜ ହେବା ଏବଂ ୮ ଦିନ ପରେ ରାସ୍ତାକଡ଼ ନାଳରୁ ତାଙ୍କର ଗଳିତ ମୃତଦେହ ସହ ସ୍କୁଟି ଜବତ ହେବା ଘଟଣାରେ ଆଜି ପୁଲିସ୍ ବଡ଼ ଖୁଲାସା କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ଆନନ୍ଦ ନାଏକ ଓ ସତ୍ୟପ୍ରକାଶ ନାଏକ ନାମକ ୨ ଅଭିଯୁକ୍ତ ବେନାମୀ ମୋବାଇଲ୍ ସିମ୍ କାର୍ଡ କିଣି ବିଶ୍ୱଜିତଙ୍କୁ ଫୋନ କରି ଡକାଇଥିଲେ ଏବଂ ପ୍ରେମଜନିତ ବିବାଦକୁ ନେଇ କିଛି ସହଯୋଗୀଙ୍କ ସହ ମିଶି ନିର୍ମମ ଭାବେ ହତ୍ୟା କରିଥିଲେ। ସେମାନେ ବିଶ୍ୱଜିତଙ୍କୁ ଏକ କାରରେ ଦେଉଳବେଡ଼ା ଗ୍ରୀନଗ୍ରାସ୍ ଷ୍ଟାଡିୟମ ପାଖରୁ ଏକତାଳ ଗାଁ ଜଙ୍ଗଲକୁ ନେଇଯାଇଥିଲେ। ଏହାପରେ ଶିବରାମପୁର ଗାଁ ପାଖରେ ସେମାନେ ଏକ କୋଇଲା ବୋଝେଇ ଟ୍ରକ୍ ପଛ ଚକା ତଳେ ତାଙ୍କୁ ଶୁଆଇ ଦେଇଥିଲେ। ଏହାପରେ ସେମାନେ ଟ୍ରକ୍‌ରେ ଶୋଇଥିବା ଡ୍ରାଇଭରକୁ ଉଠାଇ ଧମକଚମକ ଦେବାରୁ ସେ ତରବରିଆ ଭାବେ ଟ୍ରକ୍ ନେଇ ପଳାଇଯାଇଥିଲେ। ଫଳରେ ଉକ୍ତ ଟ୍ରକ୍‌ଟି ବିଶ୍ୱଜିତଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା ଓ ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତମାନେ ମୃତଦେହ ଓ ସ୍କୁଟିକୁ ପାଖ ନାଳରେ ଫିଙ୍ଗିଦେଇ ସେଠାରୁ ଫେରାର୍ ହୋଇଥିଲେ।

### ଅମୃତ ଯୋଜନାରେ ମିଳୁନି ବକେୟା ଅର୍ଥ

# ଆଜିଠୁ କାର୍ଯ୍ୟ ବନ୍ଦ ନିଷ୍ପତ୍ତି

**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ଅଲ ଓଡିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏସନ (ଏଓସିଡବ୍ଲ୍ୟୁଏ) ଏବଂ ଅଲ ଓଡ଼ିଶା କଣ୍ଟ୍ରାକ୍ଟର୍ସ ଆସୋସିଏସନ (ଏଓସିଏ) ପକ୍ଷରୁ ମିଳିତ ଭାବେ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ଅମୃତ ଯୋଜନାରେ ହୋଇଥିବା ବିଭିନ୍ନ କାର୍ଯ୍ୟ ବାବଦ ବକେୟା ଅର୍ଥ ଅଦ୍ୟାବଧି ମିଳିପାରିନାହିଁ। ଏ ଦିଗରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଆସନ୍ତାକାଲିଠାରୁ କାର୍ଯ୍ୟ ବନ୍ଦ କାଯିବା ସକାଶେ ନିଷ୍ପତ୍ତି ହୋଇଛି। ବାରମ୍ବାର ନିବେଦନ କରାଯିବା ସତ୍ତ୍ୱେ ବକେୟା ଅର୍ଥ ମିଳୁନଥିବାରୁ ଏହା ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତିର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ଏଥିସହ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସମସ୍ତେ ଯୋଗଦେବା ସକାଶେ ମଧ୍ୟ ଏଓସିଡବ୍ଲ୍ୟୁଏର ସଭାପତି ଜଗଦୀଶ ପାତ୍ର ନିବେଦନ କରିଛନ୍ତି।

### ରାଜ୍ୟର ଜାତୀୟ ରାଜପଥର ସ୍ଥିତି ପରଖିଲେ ମନ୍ତ୍ରୀ

# ଏଣିକି ପ୍ରତି ମାସରେ ସମୀକ୍ଷା



**ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କର ଓଡ଼ିଶା ପ୍ରତି ଥିବା ପ୍ରତିବଦ୍ଧତାର ନିଦର୍ଶନ ସ୍ୱରୂପ କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶାରେ ରାଜପଥ ବିକାଶ ପାଇଁ ଚଳିତ ବର୍ଷ ପ୍ରାୟ ୧୪ ହଜାର କୋଟି ଟଙ୍କା ମିଳିବା ନେଇ ପ୍ରତିଶ୍ରୁତି ରହିଛି। ଏହା ଏକ ସର୍ବକାଳୀନ ରେକର୍ଡ ଓ ଏହାଦ୍ୱାରା ରାଜ୍ୟରେ ରାଜପଥର ପ୍ରଭୂତ ବିକାଶ ହୋଇପାରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ଦ୍ରୁତ ପ୍ରଗତି ପଥରେ ଆଗକୁ ଅଗ୍ରସର ହେଉଛି। ଏଥିସହ 'ବିକଶିତ ଓଡ଼ିଶା ୨୦୩୬' ଲକ୍ଷ୍ୟ ନେଇ ରାଜ୍ୟ ସରକାର ପ୍ରତିଟି ଭିତ୍ତିଭୂମିକୁ ସୁଦୃଢ଼ କରିବା କ୍ଷେତ୍ରରେ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯେକୌଣସି ଅଞ୍ଚଳର ବିକାଶ ପାଇଁ ସୁଦୃଢ଼ ସଡ଼କ ଯୋଗାଯୋଗ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ। ତେଣୁ ଏହି ସୁଯୋଗର ସଦୁପଯୋଗ କରି ରାଜ୍ୟରେ ଏକ ସର୍ବଶ୍ରେଷ୍ଠ ତଥା ସୁଦୃଢ଼ ରୋଡ ନେଟ୍‌ୱାର୍କ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବା ସକାଶେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ସ୍ଥାନୀୟ ନିର୍ମାଣ ସୌଧସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭିନ୍ନ ଜାତୀୟ ରାଜପଥର ପ୍ରଶସ୍ତିକରଣ, ଜମି ଅଧିଗ୍ରହଣ ସମସ୍ୟାର ସମାଧାନ, ଫରେଷ୍ଟ କ୍ଲିୟରାନ୍ସ, ନିରନ୍ତର ଫ୍ଲାଏ ଆସ୍ ଯୋଗାଣ, ହାଇଲେବଲ ବ୍ରିଜ୍ ଓ ରେଲୱେ ଓଭରବ୍ରିଜ୍ ନିର୍ମାଣ ଏବଂ ଡିସ୍‌କମଜନିତ ସମସ୍ୟା ସମାଧାନ ସହ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇ ନେବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ବରିଷ୍ଠ ଅଧିକାରୀ ଓ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଯୋଗଦେଇ ଖୋର୍ଦ୍ଧା ସହର ବାଇପାସ୍ ରାସ୍ତା, କଳିଙ୍ଗଘାଟ ରାସ୍ତାର ପ୍ରଶସ୍ତିକରଣ, ଖରିଆର ରୋଡ ୪ ଲେନ୍ ବିଶିଷ୍ଟ ରେଲ୍‌ୱେ ଓଭରବ୍ରିଜ୍, କୋରାପୁଟ ଜିଲ୍ଲା ପାତ୍ରପୁଟଠାରେ କୋଲାବ ନଦୀ ଉପରେ ହାଇଲେବୁଲ ସେତୁ ନିର୍ମାଣ, ପୁରୀ-କୋଣାର୍କ ରାସ୍ତାର ମାଟିଆପଡ଼ାଠାରେ ଥିବା ରେଲ୍‌ୱେ ଓଭର୍ ବ୍ରିଜ୍, ନୟାଗଡ଼ ଟାଉନ୍ ବାଇପାସ୍ ରୋଡ୍, ଜୟପୁର ବାଇପାସ୍ ରାସ୍ତା, କନ୍ଦରପୁର-ବାଲିକୁଦା ରାସ୍ତାର ପ୍ରଶସ୍ତିକରଣ, କୋଟପାଡ଼ ବାଇପାସ୍ ରାସ୍ତା ନିର୍ମାଣ, ବଲାଙ୍ଗିର ବାଇପାସ୍ ରାସ୍ତା, ଏନ୍‌ଏଚ୍-୨୨୦ରେ ବୈତରଣୀ ନଦୀରେ ହାଇଲେବୁଲ ସେତୁ ନିର୍ମାଣ, ଝାରସୁଗୁଡ଼ା ବାଇପାସ୍ ରାସ୍ତା ନିର୍ମାଣ ଆଦି ବିଭିନ୍ନ ରାସ୍ତା ଓ ସେତୁର ନିର୍ମାଣର ବର୍ତ୍ତମାନ ସ୍ଥିତି ବିଷୟରେ ଅଧିକାରୀମାନଙ୍କଠାରୁ ବୁଝିଥିଲେ। ବିଭିନ୍ନ ନିର୍ମାଣ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରିହେବ ସେଥିନେଇ ଶ୍ରୀ ସିଂହ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିସହିତ ଅଧିକାରୀମାନେ ନିୟମିତ ଭାବେ କ୍ଷେତ୍ରକୁ ଯାଇ ଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର ଓ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରି ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ, ଓଡ଼ିଶାର ଆଞ୍ଚଳିକ ଅଧିକାରୀ ସୁନିଲ କୁମାର ମିଶ୍ର, ଇଆଇସି ସିଭିଲ ଦୁର୍ଗାଚରଣ ବେହେରା, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଏଲ୍‌କେ ପାଢ଼ୀ, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତାଙ୍କ ସମେତ ପୂର୍ତ୍ତ ବିଭାଗ ତଥା ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଓଡ଼ିଶା ଷ୍ଟାର୍ଟଅପ୍ ଯୋଗାଉଛନ୍ତି ଡ୍ରୋନ୍




**ଭୁବନେଶ୍ୱର, ୧୫।୫:** ପହଲଗାମ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନର ଆତଙ୍କବାଦୀ ଆଡା ଉପରେ ଅପରେସନ୍ ସିନ୍ଦୂର ଅଧୀନରେ ଭାରତୀୟ ସେନା ଜୋରଦାର ଆକ୍ରମଣ କରି ସେଗୁଡ଼ିକୁ ଝାରଖାର କରିଦେଇଥିଲା। ଏଥର ଆକ୍ରମଣ କିନ୍ତୁ ହାଇଟେକ୍ ଥିଲା। ସେହି ଲଢ଼େଇର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଥିଲା ଡ୍ରୋନ୍ ଆକ୍ରମଣ। ଭାରତୀୟ ସେନାର ଶକ୍ତି ବଢ଼ାଇବାରେ ଓଡ଼ିଶାର ଷ୍ଟାର୍ଟଅପ୍ ନିର୍ମାଣ କରୁଥିବା ଡ୍ରୋନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶେଷ କରି ଆଇଜି ଡ୍ରୋନ୍ସ, ବନ୍‌ଭି ଏରୋ ଓ ଆନାଡ୍ରୋନ୍ ସିଷ୍ଟମ୍‌ସ ଭଳି ଓଡ଼ିଆ ଉଦ୍ୟୋଗୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଷ୍ଟାର୍ଟଅପ୍ ସେନାକୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ଶକ୍ତିଶାଳୀ ଡ୍ରୋନ୍ ଯୋଗାଇବାରେ ଆଗରେ ରହିଛନ୍ତି। ଆଇଜି ଡ୍ରୋନ୍‌ସ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ବିକାଶ କରାଯାଇଥିବା ଭର୍ଟିକାଲ୍ ଟେକ୍ ଅଫ୍ ଆଣ୍ଡ୍ ଲ୍ୟାଣ୍ଡିଂ (ଭିଟିଓଏଲ୍) ଓ ଫାଷ୍ଟ ପର୍ସନ୍ ଭିଉ (ଏଫ୍‌ପିଭି) ଡ୍ରୋନ୍ ଭାରତୀୟ ସେନାକୁ ଯୋଗାଇ ଦିଆଯାଉଛି। ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ଅଭିଯାନକୁ ସମର୍ଥନ କରି ଭାରତୀୟ ସେନା ବିଦେଶୀ ଡ୍ରୋନ୍, ବିଶେଷ କରି ଚୀନ୍‌ରେ ତିଆରି ହେଉଥିବା ଡ୍ରୋନ୍ ବଦଳରେ ଦେଶ ଭିତରେ ନିର୍ମାଣ କରାଯାଉଥିବା ଡ୍ରୋନ୍ ମଗାଇବାକୁ ନିଷ୍ପତ୍ତି ନେଇଥିଲା। ଏହି ଡ୍ରୋନ୍‌ଗୁଡ଼ିକ ଅତ୍ୟଧିକ ପ୍ରତିକୂଳ ପରିସ୍ଥିତିରେ ଠିକ୍ ଭାବେ କାମ କରୁଥିବା ବେଳେ ଅଧିକ ଭାର ବୋହିବା, ନିରୀକ୍ଷଣ କରିବା ଓ ସୀମାରେ ସୁରକ୍ଷା ବଢ଼ାଇବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

ଏ ସମ୍ପର୍କରେ ଆଇଜି ଡ୍ରୋନ୍‌ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ତ୍ୱ ସଂଘପ୍ରିୟ କହିଛନ୍ତି ଯେ ଜାତୀୟ ସେବା ପାଇଁ ଆଇଜି ଡ୍ରୋନ୍‌ସ ପ୍ରତିବଦ୍ଧ ରହିଛି। ପ୍ରତିରକ୍ଷା କ୍ଷେତ୍ରର ବିଭିନ୍ନ ଅଂଶୀଦାରଙ୍କ ସହ ଆମେ ଯୋଡ଼ିହୋଇ ରହିଛୁ ଏବଂ ସେମାନଙ୍କୁ ତ୍ୱରିତ ଡ୍ରୋନ୍ ସହାୟତା ପ୍ରଦାନ କରୁଛୁ। ଅନ୍ୟ ପକ୍ଷରେ, ବନ୍‌ଭି ଏରୋର ପ୍ରତିଷ୍ଠାତା ସତ୍ୟବ୍ରତ ଶତପଥୀ କହିଛନ୍ତି ଯେ ଆମେ ସେନାକୁ ଯୋଗାଉଥିବା ଡ୍ରୋନ୍ ଅତ୍ୟଧିକ ଉଚ୍ଚତାରେ ଅତି ପାରଦର୍ଶିତାର ସହ କାର୍ଯ୍ୟ କରିବାକୁ ସକ୍ଷମ। ବିଶେଷ କରି ସେଗୁଡ଼ିକ ହେଉଛି ଲଜିଷ୍ଟିକ୍ସ ଡ୍ରୋନ୍। ଏବେ ଆମେ 'ଏୟାର ପ୍ରହାର' ନାମରେ ଏକ ଡ୍ରୋନ୍ ବିକାଶ କରୁଛୁ ଯାହା ସେନାକୁ ବିଭିନ୍ନ ଅପରେସନ୍‌ରେ ସାହାଯ୍ୟ କରିବ। ଏହା ୧୦ କିଲୋମିଟର ପରିସୀମା ଭିତରେ ଆକ୍ରମଣ ଭଳି କାର୍ଯ୍ୟରେ ନିୟୋଜିତ ହୋଇପାରିବ ବୋଲି ସେ କହିଛନ୍ତି। 'ବନ୍‌ଭି ଏରୋ' ସେନା ପାଇଁ ପ୍ରସ୍ତୁତ କରୁଛି ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଓ ଲ୍ୟାଣ୍ଡିଂ (ଇଭିଟିଓଏଲ୍) ଡ୍ରୋନ୍ ଯାହା ୧୫ ହଜାର ଫୁଟ୍ ଭଳି ଉଚ୍ଚତାରେ କାମ କରିବାର କ୍ଷମତା ରଖିଛି। କମ୍ପାନି ପକ୍ଷରୁ ଏହି ଡ୍ରୋନ୍ ଉପରେ ବେଙ୍ଗାଲୁରୁରେ ଥିବା ଆର୍ମିଡ ସର୍ଭିସ୍ କର୍ପସ୍‌ର ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଓଡ଼ିଶାର ଅନ୍ୟତମ ଡ୍ରୋନ୍ ଷ୍ଟାର୍ଟଅପ୍ ଆନାଡ୍ରୋନ୍ ସିଷ୍ଟମ୍‌ସ ମଧ୍ୟ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଅଧୀନରେ ଭାରତୀୟ ସ୍ଥଳ ସେନା ଓ ବାୟୁ ସେନାକୁ ମାନୁଭରେବଲ୍ ଏକ୍ସପାଣ୍ଡେବଲ୍ ଆରିଏଲ୍ ଟାର୍ଗେଟ୍ (ଏମ୍ଇଏଟି) ଯୋଗାଇବା ଲାଗି ବରାଦ ହାସଲ କରିଥିଲା। କମ୍ପାନି ଯେଉଁ ଡ୍ରୋନ୍ ଯୋଗାଉଛି, ସେହି ଧରଣର ଡ୍ରୋନ୍‌କୁ ପୂର୍ବରୁ ଆମଦାନି କରିବାକୁ ପଡୁଥିଲା।



## ଭାରତରେ ଉତ୍ପାଦନ କରନି ଆଇଫୋନ: ଟ୍ରମ୍ପ

କତର, ୧୫।୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ବିଷୟରେ ଏକ ବଡ଼ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଭାରତ ଆମେରିକାକୁ ଏକ ଶୂନ ଶୁଳ୍କ ବାଣିଜ୍ୟ ଚୁକ୍ତି ପ୍ରଦାନ କରିଛି। ଏବେ ଟ୍ରମ୍ପ ଭାରତର ବାଣିଜ୍ୟ ଉପରେ ନଜର ପକାଇଛନ୍ତି। ସେ ଆପଲର ସିଇଓ ଟିମ୍ କୁକଙ୍କୁ ଭାରତରେ ଆଇଫୋନ ନିର୍ମାଣ ନକରିବାକୁ ଅନୁରୋଧ କରିଛନ୍ତି। ଭାରତ ପାଇଁ ଆପଲର ଏକ ବଡ଼ ଯୋଜନା ଅଛି। ଏହା ଆସନ୍ତା ବର୍ଷ ଶେଷ ସୁଦ୍ଧା ଭାରତରେ ବହୁ ସଂଖ୍ୟକ ଆଇଫୋନ୍ ଉତ୍ପାଦନ କରିବାକୁ ଚାହୁଁଛି। ବିଶେଷକରି ଆମେରିକା ବଜାର ପାଇଁ ୨୦୨୬ ସୁଦ୍ଧା ଆଇଫୋନ ଭାରତରେ ନିର୍ମାଣ ପାଇଁ ଆପଲର ଯୋଜନା ଅଛି । ଟ୍ରମ୍ପ ବର୍ତ୍ତମାନ କତର ଗସ୍ତରେ ଅଛନ୍ତି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଆପଲର ସିଇଓ ଟିମ୍ କୁକଙ୍କ ସହ ଭାରତର ପ୍ଲାଣ୍ଟ ବିଷୟରେ କଥା ହୋଇଥିଲେ। ସେ କହିଥିଲେ, "ଟିମ୍ କୁକ୍ ସହିତ ମୋର ଏକ ଛୋଟ ସମସ୍ୟା ଅଛି। ସେମାନେ ଭାରତରେ ଆଇଫୋନ୍ ତିଆରି କରିବାକୁ ଚାହାଁନ୍ତି ଏବଂ ମୁଁ ତାହା ଚାହେଁ ନାହିଁ। ଆପଲ୍ କେବଳ ଆମେରିକାରେ ଏହାର ଫୋନ୍ ତିଆରି କରିବା ଉଚିତ।" ଟ୍ରମ୍ପ କହିଛନ୍ତି ଯେ ଭାରତରେ କିଛି ବିକ୍ରୟ କରିବା ବହୁତ କଷ୍ଟକର। ଭାରତ ନିଜ କଥା ନିଜେ ବୁଝିବାକୁ ସକ୍ଷମ ।

# ୭ ମାସର ସର୍ବୋଚ୍ଚ ସ୍ତରରେ ନିଫ୍ଟି, ନିବେଶକଙ୍କ ଲାଭ ୫ ଲକ୍ଷ କୋଟି

**ନୂଆଦିଲ୍ଲୀ, ୧୫।୫:** ସେୟାର ବଜାରରେ ଗୁରୁବାର କାରବାରରେ ବଡ଼ ଧରଣର ଓଲଟପାଲଟ ଦେଖିବାକୁ ମିଳିଥିଲା। ସେନସେକ୍ସ କାରବାର ଆରମ୍ଭରେ ୫୫୦ ଅଙ୍କ ଖସି ଆସିଥିଲା, କିନ୍ତୁ ଅପରାହ୍ଣ ରେ ଏହା ଜୋରଦାର କମବ୍ୟାକ୍ କରିଥିଲା। ଗୋଟିଏ ସମୟରେ ଏହା ପ୍ରାୟ ୧୪୦୦ ପଏଣ୍ଟ ଯାଏଁ ଉଠିଥିଲା। ତେବେ କାରବାର ଶେଷରେ ଏହା ୧୨୦୦ ଅଙ୍କ ବଢି ବନ୍ଦ ହୋଇଥିଲା। ନିଫ୍ଟି ମଧ୍ୟ ଆଜିର କାରବାରରେ ୨୫,୦୦୦ ସ୍ତର ଅତିକ୍ରମ କରି ନୂଆ ଗୁରୁତ୍ୱପୂର୍ଣ୍ଣ ସ୍ତର ସୃଷ୍ଟି କରିଛି। ୨୦୨୪ ଅକ୍ଟୋବର ପରେ ପ୍ରଥମ ଥର ପାଇଁ ନିଫ୍ଟି ସୂଚକାଙ୍କ ଏହି ସ୍ତର ଛୁଇଁଛି। ପ୍ରାୟ ୧୪୧ କାରବାର ଦିନର ଅପେକ୍ଷା ପରେ ନିଫ୍ଟି ଏହି ସ୍ତର ପୁଣି ଥରେ ଛୁଇଁଛି। ଆଜିର ଏହି ବୃଦ୍ଧି ଯୋଗୁଁ ସେୟାର ବଜାର ନିବେଶକଙ୍କୁ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ଲାଭ ହୋଇଛି। ସବୁଠୁ ଅଧିକ ବୃଦ୍ଧି ଅଟୋ, ଆଇଟି ଓ ମେଟାଲ୍ ସେକ୍ଟରର ସେୟାରରେ ଦେଖିବାକୁ ମିଳିଛି। ଆଜିର ବୃଦ୍ଧିକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଗୋଟିଏ ବୟାନ ଅଧିକ ସପୋର୍ଟ ମିଳିଥିଲା। ଟ୍ରମ୍ପ ଏକ ବୟାନରେ କହିଥିଲେ ଯେ ଭାରତ ବିନା କୌଣସି ଟାରିଫ୍‌ରେ ଆମେରିକା ସହ ଏକ ବୁଝାମଣା ପାଇଁ ପ୍ରସ୍ତାବ ଦେଇଛି। ଟ୍ରମ୍ପଙ୍କ ଏହି ବୟାନ ଦୁଇ ଦେଶ ମଧ୍ୟରେ ଶୀଘ୍ର ଏକ ଟ୍ରେଡ୍ ଡିଲ୍‌ର ସମ୍ଭାବନା ସୃଷ୍ଟି କରିଛି। ଯେଉଁଥି ପାଇଁ ଗ୍ଲୋବାଲ୍ ନିବେଶକଙ୍କ ମଧ୍ୟରେ ଭାରତକୁ ନେଇ ଭରସା ଅଧିକ ମଜଭୁତ ହୋଇଛି। ଆଜିର କାରବାର ଶେଷରେ ବିଏସ୍ଇ ସେନ୍‌ସେକ୍ସ ୧୨୦୦.୧୮ ଅଙ୍କ ବା ୧.୪୮ ପ୍ରତିଶତ ବଢି ୮୨,୫୩୦.୭୪ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ଏନ୍ଏସ୍ଇର ୫୦ ସେୟାର ବିଶିଷ୍ଟ ଇଣ୍ଡେକ୍ସ ନିଫ୍ଟି ୩୯୫.୨୦ ପଏଣ୍ଟ ବା ୧.୬୦ ପ୍ରତିଶତ ବଢି ୨୫,୦୬୨.୧୦ ସ୍ତରରେ ବନ୍ଦ ହୋଇଛି। ବିଏସ୍ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ୍ ମାର୍କେଟ୍ କ୍ୟାପ୍ ମେ ୧୫ରେ ବଢି ୪୩୯.୯୯ ଲକ୍ଷ କୋଟି ଟଙ୍କା ହୋଇଛି। ଯାହା ପୂର୍ବ କରାବାର ଦିନ ଅର୍ଥାତ୍ ଶୁକ୍ରବାର ମେ ୧୪ରେ ୪୩୪.୮୯ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକ ମାର୍କେଟ୍ କ୍ୟାପ୍ ଆଜି ପ୍ରାୟ ୫.୧୦ ଲକ୍ଷ କୋଟି ଟଙ୍କା ବଢିଛି ହୋଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ଆଜି ପ୍ରାୟ ୫.୧୦ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ବିଏସ୍ଇ ସେନ୍‌ସେକ୍ସରେ ଆଜି ୩୦ରୁ ୨୯ ସେୟାର ସବୁଜ ସଂକେତ ଅର୍ଥାତ୍ ବୃଦ୍ଧି ସହ ବନ୍ଦ ହୋଇଛି।

## ତନେଇରା ପକ୍ଷରୁ ସାବିତ୍ରୀ ବ୍ରତ ଅଫର

### ୨୦% ପର୍ଯ୍ୟନ୍ତ ରିହାତି ପାଇବେ ଗ୍ରାହକ




ଭୁବନେଶ୍ୱର,୧୫।୫: ଟାଟା ପ୍ରଡକ୍ଟ ତନେଇରା ସାବିତ୍ରୀ ବ୍ରତର ଉତ୍ସବ ଭାବନା ସହିତ ଗ୍ରାହକଙ୍କ ପାଇଁ ଆଣିଛି ସ୍ୱତନ୍ତ୍ର ବଣ୍ଡଲିଂ ଅଫର। ଏହି ଅଫର୍ ମାଧ୍ୟମରେ ଗ୍ରାହକ ଭୁବନେଶ୍ୱର ଷ୍ଟେସନ ସ୍କୋୟାର୍ ଏବଂ କଟକ ସିଡିଏ ଷ୍ଟୋରରେ ପାଇବେ ଆକର୍ଷଣୀୟ ରିହାତି। ଦୁଇଟି ପ୍ରଡକ୍ଟ କିଣି ୧୫% ଏବଂ ୩ କିମ୍ବା ତଦୁର୍ଦ୍ଧ୍ୱ ପ୍ରଡକ୍ଟ କିଣି ୨୦% ରିହାତି ପାଇପାରିବେ। ମେ' ୧୬ରୁ ୨୬ ଯାଏ ଅଫର୍ ଉପଲବ୍ଧ। ଷ୍ଟୋରରେ ଅତି ନିଖୁଣ ଭାବେ ପ୍ରସ୍ତୁତ ହାତବୁଣା ଡ୍ରେପ୍‌ର ବ୍ୟାପକ ରେଞ୍ଜ୍‌କୁ ଗ୍ରାହକ ପାଇପାରିବେ। ଗୋଟିଏ ଛାତ ତଳେ ଭାରତର ୧୦୦ରୁ ଊର୍ଦ୍ଧ୍ୱ ବୟନ କ୍ଲଷ୍ଟରରୁ ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ପ୍ରସ୍ତୁତ ଉତ୍ପାଦ ଗୋଟିଏ ଛାତ ତଳେ ଉପଲବ୍ଧ। ଆଇକନିକ୍ କାଞ୍ଜିବରମ ଏବଂ ବନାରସୀଠାରୁ ଆରମ୍ଭ କରି ବିଳାସପୂର୍ଣ୍ଣ ବେଙ୍ଗଲ୍ ସିଲ୍‌କ, ମୁର୍ସିଦାବାଦ ସିଲ୍‌କ, ସାଉଥ୍ ସିଲ୍‌କ ଏବଂ ଏମ୍ବ୍ରୋଡୋରୀ ସିଲ୍‌କ କଟନ ଆଦି ତନେଇରାର ସ୍ୱତନ୍ତ୍ର ଉତ୍ପାଦ ସାବିତ୍ରୀ ବ୍ରତକୁ ଷ୍ଟାଇଲ୍ ସହିତ ପାଳନ କରିବାର ସୁଯୋଗ ପ୍ରଦାନ କରୁଛି। ଓଡ଼ିଶାର ସମସ୍ତ ତନେଇରା ଷ୍ଟୋରରେ ତନେଇରାର ସିଗ୍‌ନେଚର କଲେକ୍ସନ ଅନ୍ତର୍ଗତ ରେଡି-ଟୁ୍‌ୱେର୍ କୁର୍ତ୍ତା ଏବଂ କୁର୍ତ୍ତା ସେଟ୍ ଆଦି ଉତ୍ପାଦ ମଧ୍ୟ ଷ୍ଟୋରରେ ଉପଲବ୍ଧ।

# ଶସ୍ତା ଚକ୍କରରେ ଚୀନ୍‌ଠାରୁ ଫାଇଟର ଜେଟ୍ କିଣୁଛି ପାକିସ୍ତାନ



**ନୂଆଦିଲ୍ଲୀ, ୧୫।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା 'ଅପରେସନ ସିନ୍ଦୂର'ର ସଫଳ ସମାପ୍ତରେ ଦିଆଯାଇ ଥିବା କଡ଼ା ଶବ୍ଦର ବାର୍ତ୍ତା ପରେ, ଚୀନର ପ୍ରତିରକ୍ଷା କମ୍ପାନୀ ଏଭିକ ଚେଙ୍ଗଦୁ ଏୟାରକ୍ରାଫ୍ଟର ସେୟାରରେ, ତିନି ଦିନରେ ୧୨ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ଆଜି ଗୁରୁବାର ମଧ୍ୟ ଏହି ସେୟାରରେ ୭ ପ୍ରତିଶତରୁ ଅଧିକ ହ୍ରାସ ଘଟିଥିଲା। କହି ରଖୁଛୁ କି , ପିଏମ ମୋଦିଙ୍କ ବାର୍ତ୍ତା ପରେ ମଙ୍ଗଳବାର ଚାଇନା ପ୍ରତିରକ୍ଷା କମ୍ପାନୀର ସେୟାରରେ ଖୁବ୍ ହ୍ରାସ ଘଟିଛି, ଅନ୍ୟପଟେ ଭାରତୀୟ ପ୍ରତିରକ୍ଷା ସେୟାରରେ ବୃଦ୍ଧି ଘଟିଛି। ଏଭିକେ ଚେଙ୍ଗଦୁ ଏୟାରକ୍ରାଫ୍ଟ ଜେ-୧୦ ଫାଇଟର ବିମାନର ନିର୍ମାତା ,ଯାହା ବିଷୟରେ ପାକିସ୍ତାନର ଉପ ପ୍ରଧାନମନ୍ତ୍ରୀ ଇଶାକ୍ ଡାର୍ କହିଛନ୍ତି ଯେ, ଏହାର ବ୍ୟବହାର ତାଙ୍କ ବାୟୁ ସେନା ଦ୍ୱାରା କରାଯାଏ। ସୂଚନାଯୋଗ୍ୟ, ଜେଟ୍ ନିର୍ମାତାଙ୍କ ସେୟାରରେ ଗୁରୁବାର ସାଂଘାଇରେ ୬.୭ ପ୍ରତିଶତରୁ ହ୍ରାସ ଘଟିଛି ଏବଂ ଏହା ୮୪.୩୪ ୟୁଆନକୁ ଖସି ଆସିଛି। ଚୀନ ପ୍ରତିରକ୍ଷା ଷ୍ଟକରେ ବ୍ୟାପକ ଦୁର୍ବଳତା ମଧ୍ୟରେ ଏହି ବିକ୍ରୟ ହ୍ରାସ ପାଇଛି। ଯେଉଁଥିରେ ହ୍ୟାଙ୍ଗ ସେଙ୍ଗ ଚାଇନା ଏ ଏୟରୋସ୍ପେସ୍ ଆଣ୍ଡ ଡିଫେନ୍ସ ଇଣ୍ଡେକ୍ସରେ ଗୁରୁବାର ୧.୭ ପ୍ରତିଶତ ହ୍ରାସ ଘଟିଛି। ଏହା ଲଗାତାର ୩ୟ ସେସନ, ଯେଉଁଥିରେ କ୍ଷତି ହୋଇଛି। ରିପୋର୍ଟ ମୁତାବିକ , ଅପରେସନ ସିନ୍ଦୂର ବେଳେ ଭାରତୀୟ ଫାଇଟର ଜେଟ୍ ଆଗରେ ଜେ-୧୦ ଫାଇଟର ବିମାନର ସ୍ଥିତି ସଙ୍ଗୀନ ହୋଇଯାଇ ଥିଲା। ପାକିସ୍ତାନ ଦ୍ୱାରା ନିକଟରେ ଏଚକ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ ଓ ପିଏଲ-୧୫ ମିସାଇଲ ଭଳି ଚାଇନା ନିର୍ମିତ ଅସ୍ତ୍ରର ଅଧିଗ୍ରହଣ ଦେଶର ପ୍ରତିରକ୍ଷା କ୍ରୟ ରଣନୀତିରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଡ଼କୁ ସଙ୍କେତ କରିଥାଏ, ଆମେରିକା ଓ ୟୁରୋପ ପାକିସ୍ତାନକୁ ସେନା ପ୍ରଯୁକ୍ତିବିଦ୍ୟାର ମହତ୍ତ୍ୱପୂର୍ଣ୍ଣ ସପ୍ଲାୟର୍ସ ହୋଇ ରହିଛନ୍ତି। ଜିୟୋପୋଲିଟିକାର ଏକ ରିପୋର୍ଟ ଅନୁସାରେ, ୨୦୨୨ରେ ଚାଇନା ସେନା ଉପକରଣର ସବୁଠୁ ବଡ଼ ଆମଦାନୀ ପାକିସ୍ତାନ। ପାକିସ୍ତାନ ଆର୍ଥିକ ଓ ଭୂ-ରାଜନୀତିକ କାରଣରୁ ଶସ୍ତା ଚାଇନା ସେନା ସାମଗ୍ରୀ କିଣି ଥାଏ। ଏଥିରେ କୌଣସି ଆଶ୍ଚର୍ଯ୍ୟର କଥା ନାହିଁ ଯେ, ଚୀନରୁ କିଣିଥିବା ତାର ଏଚକ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ ଅପରେସନ ସିନ୍ଦୂର ବେଳେ ଭାରତୀୟ ମିସାଇଲର ହମଲାରୁ ରକ୍ଷା ପାଇବାରେ ବିଫଳ ରହିଛି। ପାକିସ୍ତାନ ଭଳି ଦେଶ ଦ୍ୱାରା ଚାଇନା ନିର୍ମିତ ଅସ୍ତ୍ରର କ୍ରୟ ବୃଦ୍ଧିର ମୁଖ୍ୟ କାରଣ ଏହାର ମୂଲ୍ୟ। ଏମିତି ଦୁନିଆରେ ଯେଉଁଠି ପ୍ରତିରକ୍ଷା ବଜେଟ୍ ଅନେକ ସୀମିତ ହୋଇଥାଏ, ସେନା ଟେକନିକ୍ କିଣିବାର ଆର୍ଥିକ ବୋଝ ଅଧିକ ହୋଇପାରେ। ବାୟୁ ପ୍ରତିରକ୍ଷା ସିଷ୍ଟମ, ଫାଇଟର ଜେଟ୍ ଓ ମିସାଇଲ ସହ ଚାଇନା ସିଷ୍ଟମ ଅନେକ ସମୟରେ ଆମେରିକା , ୟୁରୋପ ବା ରୁଷ୍‌ର ସମକକ୍ଷ ସିଷ୍ଟମ ତୁଳନାରେ ଖୁବ୍ ଶସ୍ତା ହୋଇଥାଏ।

## ଭୁବନେଶ୍ୱରରେ ନୂଆ ସ୍କୋଡା କୋଡିଆକ ଲଞ୍ଚ୍

### ଏସ୍‌ୟୁଭିରେ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ମିଳିବ ପ୍ରିମିୟମ ସୁବିଧା




ଭୁବନେଶ୍ୱର,୧୫/୦୫: ସ୍କୋଡା ଅଟୋ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲରଶିପ ସ୍କୋଡା ଏମ୍ପିଓ ଆଲାଏଡ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ସ୍ଥାନୀୟ ଏକ ହୋଟେଲ ପରିସରରେ ବୁଧବାର ସଂଧ୍ୟାରେ ନୂଆ ସ୍କୋଡା କୋଡିଆକ୍ ମଡେଲର ବଜାର ପ୍ରବେଶ ହୋଇଛି। ସ୍କୋଡା ବ୍ରାଣ୍ଡ୍‌ର ଏହି ପ୍ରମୁଖ ଏସ୍‌ୟୁଭି ଆକର୍ଷଣୀୟ ଡିଜାଇନ, ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ପ୍ରିମିୟମ ଆରାମ ସହ ବଜାରକୁ ଆସିଛି। ଏହି ମଡେଲ୍ ଲଞ୍ଚ ସହ କମ୍ପାନି ପୂର୍ବ ଭାରତରେ ଏହାର ଉପସ୍ଥିତିକୁ ବଢ଼ାଇବାକୁ ସକ୍ଷମ ହୋଇଛି। ଏ ଅବସରରେ ଡିଲର୍ ପ୍ରିନ୍ସପାଲ ଅବିନାଶ ସାମଲ କହିଛନ୍ତି, ନୂଆ ସ୍କୋଡା କୋଡିଆକ ଦୃଢ଼ତା, ଆଭିଜାତ୍ୟପୂର୍ଣ୍ଣ ଏବଂ ବିବିଧତାକୁ ଦର୍ଶାଉଛି।

# ଭାରତକୁ ଶୂନ୍ୟ ଟାରିଫ ଅଫର୍ ଦିଆଯାଇଛି: ଟ୍ରମ୍ପ





## ପ୍ରତିକ୍ରିୟା ରଖିଲେ ଜୟଶଙ୍କର

ନୂଆଦିଲ୍ଲୀ: ଭାରତ ଆମକୁ ଶୂନ ଟାରିଫରେ ବିଜନେଶ ପାଇଁ ଅଫର ଦେଉଛି ବୋଲି ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିବା ପରେ ଏନେଇ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ପ୍ରତିକ୍ରିୟା ଆସିଛି। ସେ କହିଛନ୍ତି ଯେ ବର୍ତ୍ତମାନ ଆଲୋଚନା ଜଟିଳ ପର୍ଯ୍ୟାୟରେ ଚାଲିଛି। ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ଠାରୁ ବହୁ ଦୂରରେ ରହିଛି। ଏନେଇ ଜୟଶଙ୍କର କହିଛନ୍ତି "ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଚାଲିଛି। ଏଗୁଡ଼ିକ ଜଟିଳ ଆଲୋଚନା। ସବୁକିଛି ନହେବା ପର୍ଯ୍ୟନ୍ତ କିଛି ନିଷ୍ପତ୍ତି ହୁଏ ନାହିଁ। ଯେକୌଣସି ବାଣିଜ୍ୟ ଚୁକ୍ତି ପାରସ୍ପରିକ ଭାବରେ ଲାଭଦାୟକ ହେବା ଉଚିତ। ଏହା ଉଭୟ ଦେଶ ପାଇଁ କାମ କରିବା ଉଚିତ। ବାଣିଜ୍ୟ ଚୁକ୍ତିରୁ ଏହା ଆମେ ଆଶା କରୁଛୁ। ଯେପର୍ଯ୍ୟନ୍ତ ତାହା ହେଉ ନାହିଁ, ଏହା ଉପରେ କୌଣସି ନିଷ୍ପତ୍ତି ନେବା ତରବରିଆ ନିଷ୍ପତ୍ତି ହେବ।"

ଗୁରୁବାର କତାରରେ ଏକ ବ୍ୟବସାୟିକ ମଞ୍ଚରେ ଭାରତ ଆମେରିକାକୁ ଶୂନ୍ୟ ଟାରିଫରେ ବ୍ୟବସାୟ କରିବାକୁ ପ୍ରସ୍ତାବ ଦେଇଛି ବୋଲି ଟ୍ରମ୍ପ୍ କହିଛନ୍ତି। ସେ କହିଛନ୍ତି "ଭାରତରେ ସାମଗ୍ରୀ ବିକ୍ରି କରିବା ବହୁତ କଷ୍ଟକର। ଭାରତ ଆମକୁ ଏକ ଚୁକ୍ତି ପ୍ରଦାନ କରିଛି ଯେଉଁଥିରେ ସେମାନେ ପ୍ରକୃତରେ ଆମଠାରୁ କୌଣସି ଶୁଳ୍କ ଚାହୁଁ ନାହାନ୍ତି।" ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ୯ ତାରିଖରେ ବିଭିନ୍ନ ଦେଶ ଉପରେ ୯୦ ଦିନ ପାଇଁ ପାଲଟା ଶୁଳ୍କ ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ। ଏହି ଅବଧି ସରିବା ପୂର୍ବରୁ ଭାରତ ଆମେରିକା ସହିତ ବାଣିଜ୍ୟିକ ଚୁକ୍ତି କରିବାରେ ଲାଗିପଡ଼ିଛି। ଆମେରିକା ରାଷ୍ଟ୍ରପତି ତାଙ୍କର "ମୁକ୍ତି ଦିବସ" ଘୋଷଣାର ଅଂଶ ସ୍ୱରୂପ ଭାରତୀୟ ସାମଗ୍ରୀ ଉପରେ ୨୬ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ଯାହାକୁ ନେଇ ଭାରତ ଡିଲ୍ କରିବାକୁ ଅଧିକ ଗୁରୁତ୍ୱ ଦେଉଛି। ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ ଗସ୍ତ ପରେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଆଗକୁ ବଢ଼ିଥିଲା। ଉଭୟ ଦେଶ ଶରତ ଋତୁ ସୁଦ୍ଧା ଚୁକ୍ତିର ପ୍ରଥମ ପର୍ଯ୍ୟାୟ ହାସଲ କରିବାକୁ ଲକ୍ଷ୍ୟ ରଖିଥିଲେ। ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ମେ ୧୭ ରୁ ୨୦ ମଧ୍ୟରେ ଆମେରିକା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଭାରତ ଷ୍ଟିଲ୍ ଏବଂ ଆଲୁମିନିୟମ୍ ଉପରେ ଆମେରିକା ଉପରେ ଯେଶାକୁ ତେଶା ନୀତିରେ ଶୁଳ୍କ ଲଗାଇବା ପରେ ଦାବି କରି ଆସୁଛି। ତେଣୁ ଏହି କଥାକୁ ଘୋଡାଇବାକୁ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଥାଇପାରନ୍ତି ବୋଲି କହିଛନ୍ତି। ସୂଚନା ଥାଉକି ଆମେରିକା ଭାରତର ଶ୍ରେଷ୍ଠ ବାଣିଜ୍ୟିକ ଅଂଶୀଦାର ଭାବରେ ରହିଛି। ୨୦୨୪ ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୨୯ ବିଲିୟନ ଆମେରିକୀୟ ଡଲାର ଛୁଇଁଥିଲା। ଆମେରିକା ସହିତ ବ୍ୟବସାୟ କରି ଭାରତ ଲାଭବାନ ହେଉଛି। ଭାରତ ବର୍ତ୍ତମାନ ୪୫.୭ ବିଲିୟନ ଆମେରିକୀୟ ଡଲାରର ଟ୍ରେଡ୍ ସର୍‌ପ୍ଲସ୍ ପାଉଛି।

## ଆଜିର ସୁନା ଦର



ସୁନା କିଣିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଖୁସି ଖବର। ପୁଣି ଶସ୍ତା ହେଲା ସୁନା। ଆଜି ବି କମିଲା ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧୯୫୦ ଟଙ୍କା ହ୍ରାସ ପାଇଛି। ୨୪ କ୍ୟାରେଟ୍ ସୁନା ୨୧୩୦ ଟଙ୍କା କମିଛି। ଲଗାତାର ଉପରମୁହାଁ ହେଉଥିବା ସୁନା ଦରରେ ବ୍ରେକ୍ ପରେ ଏବେ ତଳମୁହାଁ ହୋଇଛି ଏହି ହଳଦିଆ ଧାତୁ ମୂଲ୍ୟ, ଯାହାକି ମଧ୍ୟବିତ୍ତଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଛି। ଗତକାଲି ଭୁବନେଶ୍ୱରରେ ୧୦ ଗ୍ରାମର ୨୪ କ୍ୟାରେଟ୍ ସୁନା ଦର ୯୬,୦୬୦ ରହିଥିଲା। ଆଜି ଭୁବନେଶ୍ୱରରେ ୧୦ ଗ୍ରାମର ୨୪ କ୍ୟାରେଟ୍ ସୁନା ଦର ୨୧୩୦ ଟଙ୍କା ହ୍ରାସ ପାଇବା ସହ ୯୩,୯୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ୍ ସୁନାର ମୂଲ୍ୟ ଆଜି ୧୦ ଗ୍ରାମ ପିଛା ୧୯୫୦ ଟଙ୍କା ହ୍ରାସ ଘଟି ୮୮,୦୫୦ଟଙ୍କାରୁ ୮୬,୧୦୦ ଟଙ୍କା ରହିଛି। ସେହିପରି କଟକରେ ଆଜି ଖାଣ୍ଟି ସୁନା ବା ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୯୩,୯୩୦ ଟଙ୍କାରେ ପହଞ୍ଚିଛି। ଗହଣା ତିଆରି ହେଉଥିବା ୨୨ କ୍ୟାରେଟ ସୁନା ଦାମ ୧୦ ଗ୍ରାମ ପିଛା ୮୬,୧୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ସ୍ଥିର ରହିଛି ପେଟ୍ରୋଲ ଦର। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।





# ହୃତ୍‌ପିଣ୍ଡ ଅସ୍ତ୍ରୋପଚାରରେ ରୋବଟ୍ ଆଗରେ



ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପ୍ରସଙ୍ଗରେ ସାଉଦି ଆରବର କିଙ୍ଗ୍ ଫୈଜଲ୍ ସ୍ପେସିଆଲିଷ୍ଟ୍ ହସ୍ପିଟାଲ୍ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର୍ ହାସଲ କରିଥିବା ଏକ ବିରଳ କୃତିତ୍ୱ ଏବେ ଭେଷଜ ବିଜ୍ଞାନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ୨୦୧୯ ମସିହାରେ ସେଠାରେ ରୋବଟ୍ ସାହାଯ୍ୟରେ ଅସ୍ତ୍ରୋପଚାର ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପ୍ରକାରର ପାଖାପାଖି ୪୦୦ଟି ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ସଂପନ୍ନ ହୋଇସାରିଛି। ତେବେ ସେଥି ମଧ୍ୟରେ ସଫଳତା ହାର ୯୮ ପ୍ରତିଶତ ରହିବା ହିଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।
ଉକ୍ତ ଡାକ୍ତରଖାନାର ଏହି ଅନନ୍ୟ କୃତିତ୍ୱ ତାହାକୁ ବିଶ୍ୱସ୍ତରରେ ରୋବଟ୍ ଦ୍ୱାରା ହୃତ୍‌ପିଣ୍ଡ ଚିକିତ୍ସାରେ ଅଗ୍ରଣୀ ଅନୁଷ୍ଠାନ ହେବାର ଗୌରବ ଅର୍ପଣ କରିଛି। ଏଥି ସହିତ ରୋଗୀମାନଙ୍କ ମଧ୍ୟରେ ପାରମ୍ପରିକ ଅସ୍ତ୍ରୋପଚାର ପଦ୍ଧତି ଅପେକ୍ଷା ରୋବଟ୍ ଅସ୍ତ୍ରୋପଚାରର ଚାହିଦା ବଢ଼ିବାରେ ଲାଗିଛି। ଏହି ଡାକ୍ତରଖାନାରେ ପ୍ରଥମ ବର୍ଷ ମଲ୍‌ଟି-ଭାଲ୍‌ଭ ଅସ୍ତ୍ରୋପଚାର ଓ ଏରୋଟିକ୍ ଭାଲ୍‌ଭ ରିପ୍ଲେସ୍‌ମେଣ୍ଟ୍ ପରି ୧୦୫ଟି ଜଟିଳ ଅସ୍ତ୍ରୋପଚାର ହୋଇଥିଲା। ଖାଲି ସେତିକି ନୁହେଁ, ସେଠାରେ ୧୮ ବର୍ଷରୁ କମ୍ ବୟସର ରୋଗୀଙ୍କ ଠାରେ ମଧ୍ୟ ରିଅପରେଟିଭ୍ ହାର୍ଟ ସର୍ଜରି ପରି ଅତି ବିପଦପୂର୍ଣ୍ଣ ଚିକିତ୍ସା ସଫଳତାର ସହ କରାଯାଇପାରୁଛି।

ସୂଚନାଯୋଗ୍ୟ, ଏ ପ୍ରକାର ରୋବଟ୍ ଅସ୍ତ୍ରୋପଚାରରେ ରୋଗୀ ଦେହରୁ ଖୁବ୍ କମ୍ ରକ୍ତ ନଷ୍ଟ ହେବା ସହ ଯାନ୍ତ୍ରିକ ଭେଣ୍ଟିଲେସନ୍ ବ୍ୟବସ୍ଥାର ଅବଧି ମଧ୍ୟ କମ୍ ରହୁଛି। ଫଳରେ ରୋଗୀମାନେ ଅପେକ୍ଷାକୃତ କମ୍ ସ୍ୱାସ୍ଥ୍ୟ ଜଟିଳତା ସାମନା କରିବା ସହ ଶୀଘ୍ର ଆରୋଗ୍ୟ ଲାଭ କରିପାରୁଛନ୍ତି। ଏଥି ସହିତ ଏହି ରୋବଟ୍ ଅସ୍ତ୍ରୋପଚାର ପଦ୍ଧତିରେ ରୋଗୀ ଶରୀରରେ ଖୁବ୍ କମ୍ କ୍ଷତ ହେଉଥିବାରୁ ସେମାନଙ୍କ ଡାକ୍ତରଖାନା ରହଣି କାଳ ମଧ୍ୟ ୫୦ ପ୍ରତିଶତ କମିଯାଉଛି। ଫଳସ୍ୱରୂପ ରୋଗୀର ସାମୂହିକ ଚିକିତ୍ସା ଖର୍ଚ୍ଚ ୪୦ ପ୍ରତିଶତ କମିଯାଉଛି। ସବୁଠୁ ବଡ଼ କଥା ହେଲା, ଅସ୍ତ୍ରୋପଚାର ପରେ ରୋଗୀଟିଏ ଶୀଘ୍ର ସ୍ୱାଭାବିକ ଦୈନନ୍ଦିନ ଜୀବନ ଯାପନ କରିପାରୁଛି।

**୨୦୧୯ରୁ ବର୍ତ୍ତମାନ ସୁଦ୍ଧା ସାଉଦିରେ ରୋବଟ୍ ଦ୍ୱାରା ୪୦୦ଟି ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରାଯାଇ ୯୮ ପ୍ରତିଶତ ସଫଳତା ହାର ହାସଲ ହୋଇଛି।**

# ଯୁବାବସ୍ଥାରେ ହୃଦ୍‌ଘାତ ଚିନ୍ତାଜନକ

**➘ ଯୁବପିଢ଼ି ମଧ୍ୟରେ ହୃଦ୍‌ରୋଗ ଓ ହୃଦ୍‌ଘାତ ବୃଦ୍ଧି ପାଉଛି କାହିଁକି?**

ଏଥିପାଇଁ ପରିବର୍ତ୍ତିତ ଜୀବନଶୈଳୀ ଦାୟୀ। ଆଜିକାଲିର ରାସାୟନିକ ସାର ଓ ବିଷାକ୍ତ କୀଟନାଶକ ମିଶ୍ରିତ ଖାଦ୍ୟ ହୃତ୍‌ପିଣ୍ଡକୁ କ୍ଷତି ପହଞ୍ଚାଉଛି। ପୁଣି ଯୁବପିଢ଼ିଙ୍କର ଶାରୀରିକ ପରିଶ୍ରମ ବହୁତ କମ୍। ଏଥିସହ ଗୁଟ୍‌ଖା ଭଳି ତମାଖୁ ସେବନ, ଧୂମପାନ, ମଦ୍ୟପାନ, ତେଲ ଓ ଚର୍ବି ଜାତୀୟ ଖାଦ୍ୟ ମଧ୍ୟ ସମପରିମାଣରେ ଦାୟୀ। ଏସବୁ ଦ୍ୱାରା ରକ୍ତରେ ଶର୍କରା ଅଂଶ ବଢ଼ିବା ସହ କୋଲେଷ୍ଟ୍ରଲ୍ ବି ସୃଷ୍ଟି ହେଉଛି।



ଡାକ୍ତର ନିହାର ରଞ୍ଜନ ପରିଡ଼ା,
ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ, ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲ୍

ଫଳରେ ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହରେ ବାଧା ଉପୁଜୁଛି। ଏସବୁ କାରଣରୁ ଯୁବପିଢ଼ିଙ୍କ ମଧ୍ୟରେ ଏବେ ହୃଦ୍‌ରୋଗ ଓ ହୃଦ୍‌ଘାତ ବୃଦ୍ଧି ପାଉଛି।

**➘ ଆଜିକାଲି ବ୍ୟାୟାମ କରିବା ଓ ଚାଲିବା ସମୟରେ ଅଧିକ ହୃଦ୍‌ଘାତ ହେଉଛି। ଏହାର କାରଣ କ'ଣ?**

ରକ୍ତରେ କୋଲେଷ୍ଟ୍ରଲ୍ ବୃଦ୍ଧିକୁ ଆମେ ଅନେକ ସମୟରେ ଜାଣି ପାରି ନଥାଉ। ଫଳରେ ବ୍ୟାୟାମ ଓ ଶାରୀରିକ ପରିଶ୍ରମ ଜାରି ରଖୁ। ଏହା ଦ୍ୱାରା ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ ଏବଂ ହୃତ୍‌ପିଣ୍ଡ ଚାପଗ୍ରସ୍ତ ହୋଇ କାର୍ଯ୍ୟ କରିଥାଏ। ହୃତ୍‌ପିଣ୍ଡକୁ ଯେତିକି ରକ୍ତ ପ୍ରବାହ ହେବା କଥା ତାହା ହୋଇ ନଥାଏ। ହୃତ୍‌ପିଣ୍ଡର ମାଂସପେଶୀ ତ୍ୱରିତ ବେଗରେ କାର୍ଯ୍ୟ କରୁଥିବା ବେଳେ ଆବଶ୍ୟକ ଅମ୍ଳଜାନ ପାଇପାରି ନଥାଏ। ତେଣୁ ହୃଦ୍‌ଘାତ ହୋଇଥାଏ।

**➘ ତାପମାତ୍ରା ବୃଦ୍ଧି ଓ ବାୟୁ ପ୍ରଦୂଷଣ ହେତୁ ବହୁ ସଂଖ୍ୟାରେ ଲୋକ ହୃଦ୍‌ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାରିବେଶିକ ସଂକଟ ସହ ହୃଦ୍‌ରୋଗର କି ସଂପର୍କ ରହିଛି?**

ହଁ, ରହିଛି। ତାପମାତ୍ରା ବୃଦ୍ଧି ପାଇଲେ ଶରୀରରୁ ଅଧିକ ଝାଳ ବୋହିଥାଏ ଏବଂ ଏହି କାରଣରୁ ହୃଦ୍‌ସ୍ପନ୍ଦନ ବଢ଼ିଥାଏ। ଗ୍ରୀଷ୍ମ ପ୍ରବାହରେ ଆମେ ଯଦି ଅଧିକ ସମୟ ବାହାରେ ରହିବା ତେବେ ଗରମ ହେତୁ ଶରୀରରୁ ଜଳୀୟ ଅଂଶ କମିବ ଓ ହୃତ୍‌ପିଣ୍ଡ ଆବଶ୍ୟକ ଅମ୍ଳଜାନ ପାଇପାରିବ ନାହିଁ। ଫଳରେ ହୃଦ୍‌ଘାତ ହେବ। ଅନ୍ୟପକ୍ଷରେ ବାୟୁ ପ୍ରଦୂଷଣ ଆମର ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରିଥାଏ। ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ଓ ବାୟୁ ପ୍ରଦୂଷଣ କାରଣରୁ ହଜାର ହଜାର ଲୋକ ହୃଦ୍‌ଘାତର ଶିକାର ହେବାର ଆଶଙ୍କା ରହିଛି।

**➘ ଏସବୁ ରୋଗର ପ୍ରାଥମିକ ଲକ୍ଷଣ କ'ଣ?**

ଅଳ୍ପ କାମ କଲେ ଅଧିକ ହାଲିଆ ଲାଗିବା ଓ ଧଇଁସଇଁ ହୋଇପଡ଼ିବା, ଶରୀରର କାର୍ଯ୍ୟଦକ୍ଷତା ହ୍ରାସ ପାଇବା ଆଦି ଏହାର ଲକ୍ଷଣ। ଏପରିକି ଘରେ ଶିଡ଼ି ଚଢ଼ିଲେ କିମ୍ବା ସାମାନ୍ୟ ଚଲାବୁଲା କଲେ ଯଦି ଧଇଁସଇଁ ଲାଗୁଛି ତେବେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ଯଦି ବାମ ପାର୍ଶ୍ୱ ଛାତିରେ ଯନ୍ତ୍ରଣା ଲାଗିଲା କିମ୍ବା ଦେହରୁ ଅଧିକ ଝାଳ ବୋହିଲା ତେବେ ଏହା ହୃଦ୍‌ଘାତର ପୂର୍ବ ଲକ୍ଷଣ। ଏପରି ସ୍ଥଳେ ବ୍ୟକ୍ତିବିଶେଷଙ୍କୁ ତତ୍‌କ୍ଷଣାତ୍ ଚିକିତ୍ସାଳୟକୁ ନେଇଯିବା ନିରାପଦ ଅଟେ।

**➘ ହୃଦ୍‌ରୋଗ ଓ ହୃଦ୍‌ଘାତଜନିତ ବିପଦରୁ କିପରି ଜଣେ ନିଜକୁ ସୁରକ୍ଷିତ ରଖିପାରିବ?**

ଏଥିଲାଗି ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ହେବ। ଦୈନନ୍ଦିନ ଜୀବନରେ ଚର୍ବିଜାତୀୟ ଖାଦ୍ୟ ବଦଳରେ ଜୈବିକ ଖାଦ୍ୟ ଅଧିକ ଖାଇବା ଦରକାର। ସବୁଜ ପନିପରିବା ମୁଖ୍ୟତଃ ଗାଜର, ଶାଗ, ବିଲାତିବାଇଗଣ ଓ ଭିଟାମିନ୍-ସି ଅଧିକ ଖାଇବା ଆବଶ୍ୟକ। ନିୟମିତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ଦ୍ୱାରା ହୃତ୍‌ପିଣ୍ଡ ପରୀକ୍ଷା କରାଇବା ଉଚିତ। ଏସବୁ ସୁବିଧା ସରକାରୀ ଚିକିତ୍ସାଳୟରେ ମାଗଣା ଉପଲବ୍ଧ।

# ବର୍ଷାଦିନେ ଆଖିର ଯତ୍ନ



ଏବେ ଆମ ରାଜ୍ୟରେ ବର୍ଷା ଋତୁ ଆରମ୍ଭ ହୋଇଛି। ବର୍ଷାଦିନେ ଆମକୁ ଟିକେ ଅଧିକ ସତର୍କ ହେବାକୁ ପଡ଼ିବ। ବିଶେଷ କରି ଆଖିଧରା ରୋଗ ଭଳି ସଂକ୍ରମଣ ପ୍ରତି ସାବଧାନ ରହିବାକୁ ହେବ। ଏଥିଲାଗି ନିମ୍ନୋକ୍ତ ସାବଧାନତା ଅବଲମ୍ବନ କରିବା ଉଚିତ। ବର୍ଷାଦିନେ ଦୈନନ୍ଦିନ ଜୀବନର କିଛି ସାଧାରଣ ତ୍ରୁଟିଠାରୁ ଆମେ ଦୂରେଇ ରହିବା ଜରୁରି। ପ୍ରଥମ ତ୍ରୁଟି ହେଲା, ହାତ ଦୁଇଟିକୁ ନିୟମିତ ନ ଧୋଇବା। ବର୍ଷାଦିନ ହେଉ ବା ଅନ୍ୟ କୌଣସି ଋତୁ, ହାତ ଦୁଇଟିକୁ ନିୟମିତ ଧୋଇବା ଜରୁରି, ବିଶେଷ କରି ଆଖିରେ ହାତ ମାରିବା ପୂର୍ବରୁ ଏହା ନିହାତି ଦରକାର। ଅନ୍ୟଥା ପାପୁଲିରେ ଲାଗିଥିବା ବିଭିନ୍ନ ବୀଜାଣୁ ଓ ଭୂତାଣୁ ଆଖି ସଂସ୍ପର୍ଶରେ ଆସି ସଂକ୍ରମଣ ଆଶଙ୍କା ବଢ଼ାଇଦେବ। ତେବେ ହାତ ଧୋଇବାର ବ୍ୟବସ୍ଥା ଉପଲବ୍ଧ ନଥିଲେ ହ୍ୟାଣ୍ଡ୍ ସାନିଟାଇଜର୍ ବ୍ୟବହାର କରିପାରିବା।

ଦ୍ୱିତୀୟ ତ୍ରୁଟିଟି ହେଉଛି ବାରମ୍ବାର ଆଖି ମଳିବା। ଆମର ଆଖି ସାମାନ୍ୟ କୁଣ୍ଡାଇହେଲେ କି ଆଖିକୁ କିଛି ଅସ୍ୱାଭାବିକ ମନେହେଲେ ଆମେ ସାଧାରଣତଃ ଆଖିକୁ ମଳିଥାଆନ୍ତି। ମାତ୍ର ଏହାଦ୍ୱାରା ବାହାରେ ଥିବା ବୀଜାଣୁ ଓ ଅନ୍ୟାନ୍ୟ ଅଣୁଜୀବମାନଙ୍କୁ ଆମେ ଆଖି ଭିତରକୁ ଠେଲିଦେଇଥା'ନ୍ତି। ତେଣୁ ଆଖି ମଳିବାରୁ ନିବୃତ୍ତ ରହିବା ବାଞ୍ଛନୀୟ। ସେହିପରି ନିଜର କୌଣସି ବ୍ୟକ୍ତିଗତ ପ୍ରସାଧନ ସାମଗ୍ରୀକୁ ଅନ୍ୟ ସହ ବାଣ୍ଟିବା କି ଅନ୍ୟର ସାମଗ୍ରୀ ବ୍ୟବହାର କରିବା ମଧ୍ୟ ଅନ୍ୟତମ ତ୍ରୁଟି। ଏହାଦ୍ୱାରା ସଂକ୍ରମଣଶୀଳ ବୀଜାଣୁଗୁଡ଼ିକ ବ୍ୟାପିବାର ଆଶଙ୍କା ରହିଛି। ଶେଷରେ କେହି ଯଦି ଆଖିରେ କଣ୍ଟାକ୍ଟ ଲେନ୍‌ସ ବ୍ୟବହାର କରୁଥା'ନ୍ତି, ତେବେ ତାହାକୁ ନିୟମିତ ସଫା କରି ସଂକ୍ରମଣମୁକ୍ତ ରଖିବା ଆବଶ୍ୟକ।

# ତାପମାତ୍ରା ବୃଦ୍ଧି ବଢ଼ାଉଛି ନବଜାତ ମୃତ୍ୟୁ



ବିଶ୍ୱର ନିମ୍ନ ଓ ମଧ୍ୟମ ଆୟବର୍ଗ ଦେଶମାନଙ୍କରେ ନବଜାତ ଶିଶୁମାନଙ୍କର ଜୀବନଧାରଣ କ୍ଷମତା ପାଣିପାଗ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହୋଇଥାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାଯାଇଛି।
ବିଗତ ଦୁଇ ଦଶକ ମଧ୍ୟରେ ତାପମାତ୍ରା ବୃଦ୍ଧି ଯୋଗୁଁ ବିଶ୍ୱରେ ନବଜାତମାନଙ୍କର ମୃତ୍ୟୁ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ତେବେ ନିମ୍ନ ତାପମାତ୍ରା ଅଞ୍ଚଳରେ ଏହି ମୃତ୍ୟୁ ହାର କମ୍ ରହିଛି। ସେହିପରି ଏହି ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ୨୦୦୧ରୁ ୨୦୧୯ ମସିହା ମଧ୍ୟରେ ଉଭୟ ପାରିବେଶିକ ସହନଶୀଳ ଅତି ନିମ୍ନ ଓ ଅତ୍ୟୁଚ୍ଚ ତାପମାତ୍ରା ଯୋଗୁଁ ୪.୩ ପ୍ରତିଶତ ଅଧିକ ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ବିଶ୍ୱର ୧୯ଟି ନିମ୍ନ ଓ ମଧ୍ୟମ ଆୟବର୍ଗ ଦେଶର ଶିଶୁମାନଙ୍କୁ ବିଚାରକୁ ନେଇ ଗବେଷକମାନେ ଏହି ତଥ୍ୟ ପାଇଛନ୍ତି। ସେମାନଙ୍କ ନିଷ୍କର୍ଷ ଅନୁଯାୟୀ, ୩୨ ପ୍ରତିଶତ ନବଜାତଙ୍କର ମୃତ୍ୟୁ ପାଇଁ ଅତ୍ୟୁଷ୍ଣ ପାଣିପାଗ ଦାୟୀ। ପାକିସ୍ତାନ, ମାଲି, ସିଏରା ଲିଅନ୍ ଓ ନାଇଜେରିଆ ଆଦି ଦେଶରେ ଏହି ମୃତ୍ୟୁ ହାର ଲକ୍ଷେ ପିଛା ୧୬୦ ପରି ସର୍ବାଧିକ ରହିଛି। ତେବେ ଉଷ୍ମତା କାରଣରୁ ମୃତ୍ୟୁ ହାର ଫିଲିପିନ୍‌ସ ଓ ହାଇତିରେ ସର୍ବାଧିକ ୭୯ ପ୍ରତିଶତ ଓ ରୁଆଣ୍ଡାରେ ୭୦ ପ୍ରତିଶତ ରହିଛି।
ଉଲ୍ଲେଖଯୋଗ୍ୟ, ୨୦୨୨ ମସିହାରେ ବିଶ୍ୱରେ ଜନ୍ମରୁ ୨୦ ଦିନ ଭିତରେ ୨୩ ଲକ୍ଷ ଶିଶୁଙ୍କର ମୃତ୍ୟୁ ଘଟିଥିଲା।

# ଟୁଥ୍ ବ୍ରସ୍ ବଦଳାଇବା କେତେବେଳେ?



ନ୍ତ ଓ ମୁଖଗହ୍ୱରର ସୁସ୍ୱାସ୍ଥ୍ୟ ପାଇଁ ଟୁଥ୍ ବ୍ରସ୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସରଞ୍ଜାମ। ବ୍ରସ୍‌ରେ ଟୁଥ୍ ପେଷ୍ଟ ମାରି ଦାନ୍ତରେ ଘଷିଲେ ଫେଣ ବାହାରିବା ପରେ ସବୁ କିଛି ଠିକ୍ ଅଛି ବୋଲି ଆମେ ଆଶ୍ୱସ୍ତ ହୋଇଥାଉ। ତେଣୁ ବ୍ରସ୍‌ର ଅବସ୍ଥା କେମିତି ଅଛି ତାହା ତର୍ଜମା କରିବା ଦରକାର ପଡ଼େନି। ଫଳରେ ପୁରୁଣା ବ୍ରସ୍‌କୁ ବଦଳାଇ ନୂଆ ବ୍ରସ୍ ବ୍ୟବହାରକୁ ଆମେ ଗୁରୁତ୍ୱ କରିଦେଇନଥା'ନ୍ତି ଅଥବା ବିଳମ୍ବିତ କରିଥା'ନ୍ତି। ମାତ୍ର ଏକ ସୁସ୍ଥ ମୁଖଗହ୍ୱର ଓ ସୁନ୍ଦର ଦନ୍ତ ପାଇଁ ଆମେ ନିୟମିତ ବ୍ୟବଧାନରେ ଟୁଥ୍ ବ୍ରସ୍ ବଦଳାଇବା ଉଚିତ ବୋଲି ଦନ୍ତ ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି। ଏଥି ସହିତ ବ୍ୟବହାର ହେଉଥିବା ବ୍ରସ୍‌ଟିକୁ ବୀଜାଣୁମୁକ୍ତ ରଖିବା ଲାଗି ସୁରକ୍ଷିତ କରି ରଖିବାକୁ ହେବ। ସେହିପରି ବ୍ୟବହୃତ ହେଉଥିବା ବ୍ରସ୍‌ଟି ଧୀରେଧୀରେ ଘୋରି ହୋଇ ତାହାର ରୁଆ ବା ବ୍ରିସ୍‌ଲଗୁଡ଼ିକ ଠିକ୍‌ରେ ଦାନ୍ତ ସଫା କରି ପାରନ୍ତିନି। ଏପରିକି ବେଳେ ବେଳେ ସେହି ବ୍ରିସ୍‌ଲଗୁଡ଼ିକ ମୋଡ଼ିମାଡ଼ି ବା ବଙ୍କାଟଙ୍କା ହୋଇ ଠିକ୍‌ରେ ଦାନ୍ତମୂଳରେ ପହଞ୍ଚିପାରନ୍ତିନି। ତେବେ କିପରି ବ୍ରସ୍ ବ୍ୟବହାର କରିବାକୁ ହେବ ଓ କେତେବେଳେ ଆମକୁ ପୁରୁଣା ବ୍ରସ୍ ଛାଡ଼ି ନୂଆଟିଏ ଆପଣେଇବାକୁ ହେବ, ସେ ବାବଦରେ ଜାଣିବା।

ବ୍ରସ୍‌ର ବ୍ରିସ୍‌ଲଗୁଡ଼ିକ ସାଧାରଣତଃ କୋମଳ, ଅତିକୋମଳ, ମଧ୍ୟମ ଓ କଠିନ ପରି ଚାରି ପ୍ରକାରର ହୋଇଥା'ନ୍ତି। ତେବେ ବ୍ରିସ୍‌ଲର ପ୍ରକାର ଯାହା ହେଉନା କାହିଁକି, ବ୍ରସ୍‌କୁ ଦାନ୍ତରେ ଜୋରରେ ମାଡ଼ି ଘଷିବା କ୍ଷତିକାରକ। ଏହାଦ୍ୱାରା ଦନ୍ତକ୍ଷୟ ସହ ମାଢ଼ିରେ କ୍ଷତି ପହଞ୍ଚି ଯନ୍ତ୍ରଣା ହେବାର ଆଶଙ୍କା ରହିଛି। ନିର୍ଦ୍ଦିଷ୍ଟ ବ୍ରିସଲ୍ ବାଦ ନମନୀୟ (ଫ୍ଲେକ୍ସିବଲ୍) ବେକ ଥିବା ବ୍ରସ୍ ବ୍ୟବହାର କରିବା ଉଚିତ। ଏହା ଦ୍ୱାରା ବ୍ରସ୍‌ଟି ପାଟି ଭିତରର ବିଭିନ୍ନ ସ୍ଥାନକୁ ସୁବିଧାରେ ପହଞ୍ଚି ଦାନ୍ତଗୁଡ଼ିକୁ ସଫା କରିଥାଏ। ମୁଖ୍ୟ କଥା ହେଲା, ଦାନ୍ତ ଘଷିବା ଆଗରୁ ବ୍ରସ୍‌ର ବ୍ରିସ୍‌ଲଗୁଡ଼ିକୁ ନିରୀକ୍ଷଣ କରି ତାହା ବ୍ୟବହାର ଉପଯୋଗୀ ନା ନାହିଁ ତାହା ନିଶ୍ଚିତ ହେବା ଦରକାର। ତେବେ ପ୍ରତି ତିନିରୁ ଚାରି ମାସରେ ଥରେ ପୁରୁଣା ବ୍ରସ୍ ବଦଳାଇବା ଦରକାର। ଏପରିକି ବ୍ରସ୍‌ର ଅବସ୍ଥା ଦେଖି ଆଗୁଆ ବଦଳାଇବା ମଧ୍ୟ ଭଲ। ସେହିପରି କେତେବେଳେ କୌଣସି ରୋଗରେ ପଡ଼ିଲେ, ସେଥିରୁ ଉପଶମ ହେବା ପରେ ଟୁଥ୍ ବ୍ରସକୁ ତୁରନ୍ତ ବଦଳାଇବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି।

ସେଲିବ୍ରିଟି ଟିପ୍ସ

# ପାଦରେ କଞ୍ଚା ରସୁଣ ମାଲିସ୍‌ର ଉପକାରିତା



ନିକଟରେ ପ୍ରଖ୍ୟାତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ପାଦରେ କଞ୍ଚା ରସୁଣ ପାଖୁଡ଼ା ଘଷୁଥିବାର ଭିଡିଓ ସାମ୍ନାକୁ ଆସିଥିଲା। ରସୁଣ ମାଲିସ ହେଉଛି ଭାରତର ପୁରାତନ ଚିକିତ୍ସା ପଦ୍ଧତିର ଏକ ଅଂଶ। ଏହି ପରିପ୍ରେକ୍ଷୀରେ ରସୁଣର ରୋଗ ଉପଶମକାରୀ ଗୁଣ ବାବଦରେ ଆଲୋଚନା କରିବା। ରସୁଣରେ ଥିବା ଏସିଲିନ୍ ନାମକ ଏକପ୍ରକାର ରାସାୟନିକ ଯୌଗିକର ଅନେକ ଅଣୁଜୀବ ନିରୋଧୀ ଗୁଣ ରହିଛି। ତେଣୁ ରସୁଣକୁ ପାଦରେ ଘଷିବା ଦ୍ୱାରା ଚର୍ମରେ ବୀଜାଣୁ ବା ଭୂତାଣୁ ସଂକ୍ରମଣରୁ ମୁକ୍ତି ମିଳିବ। ରସୁଣ ଘଷିବା ଦ୍ୱାରା ପାଦ ଉଷୁମ ହୋଇଥାଏ ଏବଂ ଶରୀରର ରକ୍ତ ସଂଚାଳନ ଉନ୍ନତ ହୋଇ ହୃଦ୍‌ଘାତର ଆଶଙ୍କା ହ୍ରାସ ପାଏ ବୋଲି ବିଶ୍ୱାସ ରହିଛି। ସେହିପରି ଏହା ଶରୀରରୁ ନାନା ପ୍ରକାର ବର୍ଜ୍ୟପଦାର୍ଥ ନିଷ୍କାସନରେ ସାହାଯ୍ୟ କରିଥାଏ। ରସୁଣର ଆଣ୍ଟିଅକ୍ସିଡାଣ୍ଟ ଗୁଣ ଯୋଗୁଁ ତାହାକୁ ପାଦରେ ଘଷିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। ଏହାଦ୍ୱାରା ପାଦରୁ ଝାଳ ନିର୍ଗମନ ଜନିତ ଦୁର୍ଗନ୍ଧକୁ ମଧ୍ୟ ଦୂରେଇ ଦିଆଯାଇପାରିବ। ତେବେ କଞ୍ଚା ରସୁଣ ପାଦରେ ଘଷିବାର ବଡ଼ ଗୁଣଟି ହେଲା ଏହା ଥଣ୍ଡା ଓ ଜ୍ୱର ପାଇଁ ଅମୋଘ ଅସ୍ତ୍ର ଭାବେ କାମ କରିଥାଏ। ଏହା ମନେରଖିବା ଜରୁରି କି କଞ୍ଚା ରସୁଣ ଘଷିବା ଦ୍ୱାରା ସମ୍ବେଦନଶୀଳ ଚର୍ମରେ ପ୍ରତିକ୍ରିୟା ଦେଖାଦେଇପାରେ। ତେଣୁ ଏହା ପୂର୍ବରୁ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ଆବଶ୍ୟକ।

# ଜନଜୀବନର ଜ୍ୱଳନ୍ତ ସମସ୍ୟାର ସମାଧାନ ଦାବି

## ଏସୟୁସିଆଇ ପକ୍ଷରୁ ବିକ୍ଷୋଭ




**କଟକ,୧୫।୫(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଟ୍ରେଡ୍ୟୁନିଅନ ମାନଙ୍କ ମିଳିତ ମଂଚର ଆହ୍ୱାନକ୍ରମେ ମଇ ୨୦ ତାରିଖ ସର୍ବଭାରତୀୟ ସାଧାରଣ ଧର୍ମଘଟ ସମର୍ଥନରେ ତଥା ଆକାଶ ଛୁଆଁ ଦରବୃଦ୍ଧି, ରନ୍ଧନ ଗ୍ୟାସ ଦରବୃଦ୍ଧି, ପାନୀୟ ଜଳ ପାଇଁ ପାଣି ମିଟର ହଟାଇବା ସହ ଟଙ୍କା ଆଦାୟ ବନ୍ଦ, ବିଜୁଳି କ୍ଷେତ୍ରର ଘରୋଇକରଣ, ସୀମାହୀନ ବେକାରୀ, ସରକାରୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦେଖାଦେଇଥିବା ସଙ୍କଟ ତଥା ଜନ ଜୀବନର ଜ୍ୱଳନ୍ତ ୧୪ ଦଫା ଦାବିରେ ଆଜି ଏସ୍ ୟୁ ସି ଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ଉଦ୍ୟୋଗରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ ଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ଭାଗ୍ୟଧର ସେଠୀ, ବିନୋଦ ସେଠୀ, ତରୁଣ ସେନ ନାୟକ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ସ୍ୱାଧିନୀ ବେହେରା, ପାଭେଲ ପ୍ରିୟଦର୍ଶନ, ସିପ୍ରା ମହାନ୍ତି ଜ୍ୟୋସ୍ନାରାଣୀ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ସଭାସ୍ଥଳରୁ ବସନ୍ତ ନାୟକଙ୍କ ନେତୃତ୍ୱରେ ସୌଭାଗ୍ୟ ସାମଲ ଓ ଦୀପକ ଦାସ ଏକ ପ୍ରତିନିଧି ଦଳରେ ଯାଇ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କ ପ୍ରତିନିଧିଙ୍କୁ ପ୍ରଦାନ କରିଥିଲେ।

# ଭତ୍ତା ନାଁରେ ଜବ୍‌କାର୍ଡ କରି ଠକେଇ ଅଭିଯୋଗ




**କନ୍ଧମାଳ,୧୫।୫(ସଂଚାର ବ୍ୟୁରୋ):** ସରକାର ଗରିବ ଖଟିଖିଆ ମାନଙ୍କୁ ଶହେ ଦିନର କାମ ଯୋଗେଇ ଦେବା ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ରୋଜଗାର ଯୋଜନା କରିଛନ୍ତି। ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ହେଲା, ବାହାର ରାଜ୍ୟକୁ ଦାଦନ ଯାଉଥିବା ଜନସାଧାରଣ ବାହାରେ ନଯାଇ ନିଜ ନିଜ ଗ୍ରାମ ତଥା ପଞ୍ଚାୟତରେ କାର୍ଯ୍ୟ କରି ପରିବାର ସହିତ ଖୁସିରେ ରହିବେ। ଯେଉଁଥିପାଇଁ ସେମାନଙ୍କୁ ଗୋଟିଏ ଜବ କାର୍ଡ ମଧ୍ୟ ପ୍ରଦାନ କରାଯାଇଛି। ଯେଉଁ ବ୍ୟକ୍ତି ପାଖରେ ଏହି ଜବ କାର୍ଡ ଥିବ ସେ ବ୍ୟକ୍ତି ହିଁ ଏନଆରଇଜିଏସ ର କାମ କରିବ କାର୍ଯ୍ୟର ତଦାରଖ କରିବା ପାଇଁ ପ୍ରତି ୱାର୍ଡରେ ଜଣେ ଲେଖାଏଁ ଗାଁ ସାଥି (ମେଟ) ମଧ୍ୟ ନିଯୁକ୍ତି କରାଯାଇଛି।ଏନଆରଇଜିଏସ ଯୋଜନାରେ ଆସୁଥିବା ସମସ୍ତ କାର୍ଯ୍ୟ ଏହିମାନେ ତଦାରଖ କରିବେ ଓ ଜବକାର୍ଡଧାରୀ ମାନଙ୍କୁ କାର୍ଯ୍ୟରେ ଲଗେଇବେ। ହେଲେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଗାଁ ସାଥିଙ୍କ ମଧୁ ଚନ୍ଦ୍ରିକାରେ ଜଣେ ୬୭ ବର୍ଷୀୟ ବୃଦ୍ଧ, ଯିଏକି ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ସାମିଲ ରହି ପ୍ରତି ମାସରେ ପେନସନ ପାଉଛନ୍ତି, ତାକୁ ଜବକାର୍ଡ ଦେଇ ଟଙ୍କା ଉଠେଇ ମିଳିଭଗତ ହୋଇ ଖାଉଥିବା ସାଧାରଣରେ ଅଭିଯୋଗ ହେଉଛି।ଏଭଳି ଏକ ଅଭିଯୋଗ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତରୁ।ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି କି, କୁତୁକି ଗ୍ରାମର ଗାଁ ସାଥି(ମେଟ) ଆମ୍ବେଦକର କହଁରଙ୍କ ପିତା ସାଗାର କହଁର ଜଣେ ୬୭ବର୍ଷୀୟ ବୃଦ୍ଧ ଓ ସେ ୭ ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଛନ୍ତି। ହେଲେ ତାଙ୍କ ପୁଅ ଆମ୍ବେଦକର କହଁର ତାଙ୍କ ନାଁରେ ଏକ ଜବକାର୍ଡ ତିଆରି କରି ପଇସା ଉଠେଇ ଖାଉଥିବା ଲୋକେ ଅଭିଯୋଗ କରୁଛନ୍ତି। ପଞ୍ଚାୟତର ଅନେକ ଯୋଗ୍ୟ ହିତାଧିକାରୀ ଜବକାର୍ଡରୁ ବଞ୍ଚିତ ରହିଥିବା ବେଳେ ଏଭଳି ଅଯୋଗ୍ୟ ଲୋକଙ୍କୁ କାହିଁକି କାର୍ଡ ଦିଆଯାଇଛି ବୋଲି ସାଧାରଣ ଲୋକେ ଦାବୀ କରୁଛନ୍ତି। ଏ ସମ୍ପର୍କରେ ଫିରିଙ୍ଗିଆ ବିଡ଼ିଓ ଙ୍କୁ ପଚାରିବାରୁ ସେ ଯେଉଁ ବ୍ୟକ୍ତି ପେନସନ ପାଇବା ପାଇଁ ଯୋଗ୍ୟ ହୋଇଯିବ ତାଙ୍କ ଜବକାର୍ଡ କଟି ଦିଆଯିବ, ଆଉ ଯେଉଁ ବ୍ୟକ୍ତି ଆବାସ ଘର ପାଉଥିବ ତେବେ ଘର ସମ୍ପୂର୍ଣ୍ଣ ହେବା ଯାଏ ତା ନାଁରେ ଏକ ଅସ୍ଥାୟୀ ଜବକାର୍ଡ କରି ଘର ସମ୍ପୂର୍ଣ୍ଣ ହୋଇଯିବା ପରେ ତାଙ୍କୁ ଏହି ତାଲିକାରୁ ବାଦ ଦିଆଯିବ ହେଲେ ସାଗାରା ୭ ବର୍ଷ ହେଲାଣି ପେନସନ ପାଉଛନ୍ତି ତଥାପି ତାଙ୍କ ଜବକାର୍ଡ କାହିଁକି କଟା ଯାଉନି ବୋଲି ସାଧାରଣ ଲୋକେ ପ୍ରଶ୍ନ ଉଠାଉଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର ପିଇଓ ଙ୍କୁ ପଚାରିବାରୁ ସେ ଯଦି ବ୍ୟକ୍ତି କାମ କରିବାକୁ ସମର୍ଥ ତେବେ ତାକୁ ଆମେ ଜବକାର୍ଡ ଦେଇପାରିବା ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ହେଲେ ସାଧାରଣ ଲୋକେ ପିଇଓ ଓ ଗାଁ ସାଥି ମଧ୍ୟରେ ମିଳି ଭଗତ ଥିବା ସନ୍ଦେହ କରୁଛନ୍ତି। ଯେହେତୁ ପଞ୍ଚାୟତରେ କାର୍ଯ୍ୟରତ ପିଇଓ ଜଣେ ଭିନ୍ନକ୍ଷମ ଓ ସେ କୌଣସି ସ୍ଥାନକୁ ପରିଦର୍ଶନ କରିପାରୁନଥିବାରୁ ତେଣୁ କିଛି ଗାଁ ସାଥିଙ୍କୁ ନିଜ ଆୟତରେ ରଖି ରିପୋର୍ଟ ସଂଗ୍ରହ କରୁଛନ୍ତି, ତେଣୁ ଗାଁ ସାଥିଙ୍କ ଅନୁରୋଧ ରକ୍ଷି ତାଙ୍କ ବାପାଙ୍କ ଜବକାର୍ଡ କାଟିନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତାଛଡା କୁତୁକି ଗ୍ରାମ ବ୍ୟତୀତ ଡିଣ୍ଡିରାଗାଁ ପଞ୍ଚାୟତରେ ଏମିତି ଅନେକ ବ୍ୟକ୍ତିଙ୍କ ପାଖରେ ଜବକାର୍ଡ ରହିଛି, ଯେଉଁମାନେ କି ଶତ ପ୍ରତିଶତ ଅଯୋଗ୍ୟ ଅଟନ୍ତି।ତେଣୁ ଯେଉଁ ଅଯୋଗ୍ୟ ବ୍ୟକ୍ତି ମାନଙ୍କ ପାଖରେ କାର୍ଡ ସବୁ ରହିଛି ତାହା ତଦନ୍ତ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ଜବକାର୍ଡ ବଣ୍ଟା ଯାଉ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଉଛନ୍ତି।

● ପାତିସୁନାପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା

## ଏସପି ଓ ଉପଜିଲ୍ଲାପାଳଙ୍କୁ ଭେଟିଲା ବିଜେଡି ଟିମ୍



**ବ୍ରହ୍ମପୁର, ୧୫।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ପାତିସୁନାପୁର ଗାଁ ରେ ଠାକୁରାଣୀ ଯାତ୍ରା ଅୟୋଜନକୁ ନେଇ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଆଜି ବ୍ରହ୍ମପୁର ଏସପି ଏବଂ ଉପ ଜିଲ୍ଲାପାଳଙ୍କୁ ଭେଟିଛନ୍ତି ବିଜେଡି ଟିମ୍। ଜିଲ୍ଲା ବିଜେଡି ସଭାପତି ଡ଼. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ନେତୃତ୍ୱରେ ଦଳୀୟ ହେବିଓ୍ୱେଟ ଉଭୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଉକ୍ତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ବାତାବରଣ କିଭଳି ଫେରି ଆସିବ ତାକୁ ନେଇ ଗ୍ରାମବାସୀ ଏବଂ ପଂଚାୟତର ସମସ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ବିଜେଡି ନେତା ମାନେ ଆଲୋଚନା କରିଥିଲେ। ଅନ୍ୟପଟେ ଗାଁ ଲୋକଙ୍କୁ ସୁରକ୍ଷା ଦିଆଯିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ୍ ଖୋଜୁଥିବା ବେଳେ ଶାନ୍ତ ପରିସ୍ଥିତି ଫେରାଇ ଆଣିବା ସହ ସମସ୍ତ ଗାଁ ଲୋକେ ମିଳିମିଶି ରହିବାକୁ ଅନୁରୋଧ କରିଛନ୍ତି ବ୍ରହ୍ମପୁର ଏସପି। ଏହି ଅବସରରେ ରାଜ୍ୟ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ସୁବାଷ ବେହେରା, ମେୟର ସଂଘମିତ୍ରା ଦଳେଇ, ବରିଷ୍ଠ ନେତା ସୁବାସ ମହାରଣାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

● ଅପରେସନ୍ ସିନ୍ଦୂର’ର ସଫଳତାକୁ ସମ୍ମାନ

# ପରାକ୍ରମ ଶୋଭାଯାତ୍ରା ଆୟୋଜିତ



**ବରଗଡ଼, ୧୫।୫(ସଂଚାର ବ୍ୟୁରୋ):** ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି ଓ ଅଦିତ୍ୱୀୟ ନେତୃତ୍ୱ ପ୍ରତି ଆଭାର ବ୍ୟକ୍ତ କରିବା ସହ’ ଅପରେସନ୍ ସିନ୍ଦୂର’ର ସଫଳତାରେ ଆମ ସଶକ୍ତ ସେନା ବାହିନୀର ବୀରତ୍ୱ, ଶୌର୍ଯ୍ୟ ଓ ପରାକ୍ରମକୁ ନମନ କରି ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ’ ପରାକ୍ରମ ଶୋଭାଯାତ୍ରା’ ଆୟୋଜନ କରାଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ ଏବଂ ବରଗଡ଼ ବିଧାୟକ ପ୍ରତିନିଧି ଅଙ୍କୁର ମଲ୍ଲିକ ଧଳା ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିବା ପରେ ସମସ୍ତେ ମିନି ଷ୍ଟାଡିୟମରୁ କାଳୀମନ୍ଦିର ଛକ, ଥାନା ଛକ ଏବଂ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ ଦେଇ ଗାନ୍ଧୀ ଛକରୁ ମିନି ଷ୍ଟାଡିୟମକୁ ପୁନଃ ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ ଜନ ଶୋଭାଯାତ୍ରାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ମୁଖ୍ୟାଳୟର ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଏନଏସଏସ, ରେଡକ୍ରସ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବରଗଡ଼ ବରିଷ୍ଠ ନାଗରିକ ସଙ୍ଘ, ଅବସରପ୍ରାପ୍ତ ସେନା ତଥା ଭେଟେରାନ ଆସୋସିଏସନ, ଆଥେଲେଟିକ ସଙ୍ଘ, ମହିଳା ସମିତି, ପୋଲିସ ଅଧିକାରୀ ଏବଂ ସହରର ବୁଦ୍ଧିଜୀବୀ ଯୋଗ ଦେଇ ଥିଲେ ।

## ମନ୍ଦିରରେ ଘେରିଗଲେ ବାଘୁଆ ମହୁମାଛି: ୪ ଗୁରୁତର




**ଗଜପତି,୧୫।୫(ସଂଚାର ବ୍ୟୁରୋ):** ବାଘୁଆ ମହୁ ମାଛି ଆକ୍ରମଣରେ ଚାରି ଭକ୍ତ ଗୁରୁତର। ଚନ୍ଦ୍ରଗିରି ଶିବ ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିବାବେଳେ ଘଟିଛି ଏପରି ଅଘଟଣ। ପୂର୍ବରୁ ମଧ୍ୟ ହନୁମାନ ଜୟନ୍ତୀ ଦିନ ମନ୍ଦିରରେ ହୋଇଥିଲା ମହୁମାଛି ଆକ୍ରମଣ। ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି ଠାରେ ଘଟିଛି ଏପରି ଅଭାବନୀୟ ଘଟଣା। ଗୁରୁତରମାନଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ମେଧାବୀ ମେଟ୍ରିକ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଶିକ୍ଷା ବିଭାଗର ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୧୫।୫(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଭର୍ଚୁଆଲ ସଭାଗୃହରେ ବୁଧବାର ଜିଲ୍ଲା ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ସଭାପତିତ୍ୱରେ ଚଳିତ ବର୍ଷ ମେଟ୍ରିକ ପରିକ୍ଷାରେ ଏ୧ ଗ୍ରେଡରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ସହିତ ଏପିଜେ ଅବଦୁଲ କଲାମଙ୍କ ପୁସ୍ତକ ଅଦମ୍ୟ ଉତ୍ସାହ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଯୋଗଦେଇ ଉତ୍ତମ ନାଗରିକ ହୋଇ ଦେଶର ସେବା କରିବାକୁ ଆଗେଇ ଆସିବାକୁ ପ୍ରେରଣା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷା ଲିପିକା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧୀକାରିଣୀ ନନ୍ଦିନୀ ମୁଣ୍ଡାରି ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଜିଲ୍ଲାପାଳଙ୍କ ବକ୍ତବ୍ୟ ଦୋହରାଇ ଆଗାମୀ ଦିନରେ ସଫଳତା ପାଇଁ ଉତ୍ତମ ବନ୍ଧୁ ଚୟନ, ପାଠପଢ଼ାରେ ମନୋନିବେଶ ସହିତ ପୁସ୍ତକକୁ ସାଥି ଭାବରେ ଗ୍ରହଣ କରିବାକୁ ଉପଦେଶ



ଦେଇ ଥିଲେ। ବିଶେଷ ଭାବେ ପିଏମ୍ ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ କୁତ୍ରାର ୧୭ ଜଣ ଛାତ୍ର ଛାତ୍ରୀ ଏ-୧ ପାଇ ଜିଲ୍ଲା ଟପର ହୋଇଥିବାରୁ ଶିକ୍ଷା ବିଭାଗ ତରଫରୁ ଅନୁଷ୍ଠାନର ପିଲାମାନଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣା ଯାଇଥିଲା। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଏ-୧ ପାଇଥିବା ୩୪ ଜଣ ଛାତ୍ର ଛାତ୍ରୀ ନିଜ ନିଜର ସଫଳତାର କାହାଣୀ କହିବା ସହିତ ଭବିଷ୍ୟତ ପାଇଁ ଦେଖିଥିବା ସ୍ୱପ୍ନ ବାବଦରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଚନ୍ଦ୍ର ଶେଖର ସାଙ୍କ ସମେତ ଜିଲ୍ଲା ପରୀକ୍ଷା ବିଭାଗ କର୍ମଚାରୀ ସହଯୋଗ କରିଥିଲେ।କାର୍ଯ୍ୟକ୍ରମକୁ ଜିଲ୍ଲା ସମଗ୍ର ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସୁରଗଡ଼ରେ ବୈଦିକ ମହାଯଜ୍ଞ

**ନର୍ଲା,୧୫।୫(ସଂଚାର ବ୍ୟୁରୋ):** ‘ବିଶ୍ୱ ବୈଦିକ ପରିବାର’ ଆନୁକୂଲ୍ୟରେ ନର୍ଲା ବ୍ଲକ ଅନ୍ତର୍ଗତ ଅସୁରଗଡ଼ ଠାରେ ବୈଦିକ ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଣବ କିଶୋର ପଟ୍ଟନାୟକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ପ୍ରାଚୀନ ବୈଦିକ ସଂସ୍କୃତିର ପୁନଃପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ। ଗୁରୁଦେବ ସନ୍ନ୍ୟାସୀ ଶ୍ରୀ ଆତ୍ମାନନ୍ଦଙ୍କ ରଚିତ ବେଦ ମନ୍ତ୍ରର ଉତ୍କଳୀୟ ପଦ୍ୟାନୁବାଦ ପରିବେଷଣ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ମୁଖ୍ୟକ୍ଷେତ୍ର ପ୍ରଚାରକ ବିଦ୍ୟାଧର ଶବର, ବରିଷ୍ଠ କର୍ମକର୍ତ୍ତା ଭାଗ୍ୟଲକ୍ଷ୍ମୀ ଦେବୀ, ଚନ୍ଦ୍ର ଭୂଷଣ ମାଣ୍ଡାଙ୍ଗି ପ୍ରମୁଖ ବୈଦିକ ମହାଯଜ୍ଞ ପରିଚାଳନା କରିଥିବା ବେଳେ ଗୋବିନ୍ଦ ଗୌଡ଼, ଭୂପତି ରଣା, କୁନୁ ପ୍ରଧାନ, ଟଙ୍କଧର ରଣା, ଶରତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାଯଜ୍ଞ କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଶେଷରେ ଗ୍ରାମବାସୀଙ୍କ ତରଫରୁ ବିରଞ୍ଚି ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ‘ପରାକ୍ରମ ରାଲି’ରେ ଭାରତୀୟ ସେନାର ଗୌରବଗାଥାକୁ ସମ୍ମାନ



**ସୁବର୍ଣ୍ଣପୁର,୧୫।୫(ସଂଚାର ବ୍ୟୁରୋ):** ଜିଲ୍ଲାପ୍ରଶାସନ ସୁବର୍ଣ୍ଣପୁର ଓ ପୌର ପରିଷଦ ସୋନପୁର ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ‘ପରାକ୍ରମ ବାଇକ ରାଲି’ ଭାରତୀୟ ସେନାଙ୍କ ଅଭୂତପୂର୍ବ ତ୍ୟାଗ, ସାହସ ଓ ଦୁଃସାହସିକତା ପ୍ରତି ସମ୍ମାନ ଓ ସ୍ମୃତିସ୍ୱରୂପ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଭାରତର ସୁରକ୍ଷା ପାଇଁ ସେନାର ଅଗାଢ଼ ପରିଶ୍ରମକୁ ସମ୍ମାନ ଦେବା ଓ ନାଗରିକଙ୍କ ମଧ୍ୟରେ ଦେଶପ୍ରେମ ଓ ସୁରକ୍ଷା ଜ୍ଞାନ ବୃଦ୍ଧି କରିବା। ଜିଲ୍ଲାପାଳ ଅନ୍ୟା ଦାସ ପତାକା ପ୍ରଦର୍ଶନ କରି ରାଲିର ଶୁଭାରମ୍ଭ କରିଥିଲେ। ସେ ଅପରେସନ ସିନ୍ଦୂରରେ ଭାରତୀୟ ସେନାଙ୍କ ପରାକ୍ରମ ପ୍ରଶଂସା କରି ସେମାନଙ୍କ ପ୍ରତି ଅଭିନନ୍ଦନ ଜଣାଇଥିଲେ ଓ ସାଧାରଣ ଜନତାଙ୍କୁ ସେନାଙ୍କ ମନୋବଳ ବୃଦ୍ଧି ପାଇଁ ସଚେତନ ଓ ଉତ୍ସାହିତ କରିଥିଲେ। ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଦେଶର ସୁରକ୍ଷା ଓ ପ୍ରଗତି ପାଇଁ ନାଗରିକଙ୍କ ଏକତା ବଢ଼ାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ତ୍ରିରଙ୍ଗା ପରାକ୍ରମ ଶୋଭାଯାତ୍ରା ସୋନପୁର ରୋୟାଲ ପଡିଆରୁ ଆରମ୍ଭ ହୋଇ ବ୍ଲକ ଛକ, ଆମ୍ବେଦକର ଛକ, କଚେରୀ ଛକ, ବିଜୁପଟ୍ଟନାୟକ ଛକ, ନଳିନୀ ଛକ ମାର୍ଗରେ ଗତି କରି ନୂତନ ଟାଉନ ହଲପରିସରରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଉପଜିଲ୍ଲାପାଳ, ପୌରପରିଷଦ ଅଧ୍ୟକ୍ଷା, ସ୍ଥାନୀୟ ଜନ ପ୍ରତିନିଧି, ସମସ୍ତ ସରକାରୀ ପଦାଧିକାରୀ ଓ କର୍ମଚାରୀ, ପୋଲିସ କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଘ କର୍ମକର୍ତ୍ତା, ଏନ.ସି.ସି, ଏନ.ଏସ.ଏସ., ରେଡକ୍ରସ, ପୌର ପରିଷଦ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ସ୍ୱୟଂ ସହାୟକ କର୍ମକର୍ତ୍ତା ଓ ଜିଲ୍ଲାର ସମସ୍ତ ବର୍ଗରୁ ବହୁ ସଂଖ୍ୟାରେ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ।

# ବିକାଶ ଭବନରେ ‘ସେବକ’ର ପ୍ରତିଷ୍ଠା ଦିବସ




**ସୁନ୍ଦରଗଡ଼,୧୫।୫(ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସେବକ’ର ୩୦ ତମ ପ୍ରତିଷ୍ଠା ଦିବସ ସୁନ୍ଦରଗଡ଼ ବିକାଶ ଭବନଠାରେ ୧୫ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେବକର ତିନି ଦଶକ ଧରି ଜନସେବା, ଗରିବ, ଅବହେଳିତ, ନିଷ୍ପେସିତ ଲୋକଙ୍କ ଆଜୀବିକାର ବିକାଶ, ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରାକୃତିକ କୃଷିର ବିକାଶ ଓ ଜଳବାୟୁ ପରିବର୍ତ୍ତନକୁ ରୋକିବା ସଙ୍ଗେ ସଙ୍ଗେ ସର୍ବସାଧାରଣ ସମ୍ପତ୍ତିର ସଂରକ୍ଷଣ ନିମନ୍ତେ ବହୁମୁଖୀ ଅଂଶୀଦାର ସମୂହ ମଞ୍ଚ ଗଠନ ଓ ସଶକ୍ତିକରଣ ନିମନ୍ତେ ଏକ ଦୃଢ଼ ମଞ୍ଚ ପ୍ରସ୍ତୁତ କରିବା ସହିତ ବିସ୍ତୃତ କାର୍ଯ୍ୟଯୋଜନା ପ୍ରସ୍ତୁତ କରା ଯାଇଥିଲା। ଉଦଘାଟନୀ ଉତ୍ସବରେ ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସେବକର ଅଭ୍ୟୁଦୟ ସଙ୍ଗେ ସଙ୍ଗେ ଗରିବ, ଅବହେଳିତ ଲୋକଙ୍କ ଉନ୍ନତି ନିମନ୍ତେ ୩୦ ବର୍ଷର ନିରନ୍ତର ଯାତ୍ରାର ଉପସ୍ଥାପନ ରଖିଥିଲେ। ଏହାପରେ ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସଙ୍ଗେ ଆଗାମୀ ଦିନରେ ପ୍ରାକୃତିକ କୃଷି, ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା ତଥା ଜଳବାୟୁ ପରିବର୍ତ୍ତନକୁ ରୋକିବା ଦିଗରେ ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ପରିପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସୁନ୍ଦରଗଡ଼ ଜିଲ୍ଲାର ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୁକାନ୍ତ କୁମାର ନାଏକ ସେବକ ପରିବାରକୁ ଅଭିନନ୍ଦନ ଜଣାଇବା ସହିତ ପ୍ରାକୃତିକ କୃଷିକୁ ଆଗେଇବା ନିମନ୍ତେ ସେବକର ପ୍ରୟାସର ଭୂୟସୀ ପ୍ରଶଂସା କରିବା ସହିତ ଭବିଷ୍ୟତର ପିଢି ପାଇଁ ପ୍ରାକୃତିକ କୃଷି ହିଁ ଚିରସ୍ଥାୟୀ ବିକାଶ ହୋଇ ପାରିବ ବୋଲି ମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ କୃଷି ଜିଲ୍ଲା ଅଧିକାରୀ ରଜତ କୁମାର ମିଶ୍ର ଯୋଗଦାନ କରି ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ୧୫୦ ରୁ ଉର୍ଦ୍ଧ୍ୱ ବିଲୁପ୍ତ ପ୍ରାୟ ଧାନ, ଡାଲି ଜାତୀୟ, ପନିପରିବା ମଞ୍ଜିକୁ ନେଇ ଏକ ଦେଶୀ ବିହନ ମେଳାର ଆୟୋଜନ କରାଯାଇଥିଲା। ଏଥି ସହିତ ମହୁଲ ଫୁଲ ଓ ମିଲେଟ୍ ଆଧାରିତ ପରମ୍ପରାଗତ ଖାଦ୍ୟ ଦ୍ରବ୍ୟମାନଙ୍କର ପ୍ରଦର୍ଶନୀ ଓ ବିତରଣ ମଧ୍ୟ ଅଂଶ ଗ୍ରହଣକାରୀଙ୍କ ମନ ମୋହିଥିଲା।

# ପ୍ରାଥମିକ କୃଷି ସମବାୟ ସମତିର ଦଶମ ବୋର୍ଡ ବୈଠକ

**ଭେଡେନ,୧୫।୫(ସଂଚାର ବ୍ୟୁରୋ):** ଭେଡେନବ୍ଲକ ଅନ୍ତର୍ଗତ ଭେଡେନ ପ୍ରାଥମିକ କୃଷି ସମବାୟ ସମିତି ଲିଃଭେଡେନ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଠାରେ ଦଶମ ବୋର୍ଡ ବୈଠକ ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି।ବିଶେଷତଃ ଚଳିତ ଧାନ କିଣା ବିକା ପ୍ରକ୍ରିୟା କୁ ସ୍ୱଚ୍ଛ, ଦୁର୍ନୀତି ମୁକ୍ତ କରାଯାଇ ସରକାରଙ୍କ ନିତୀ ନିୟମ ପାଳନ ଅନୁଯାଇ ଧାନ କ୍ରୟ କରାଯାଇ ଚାଷୀଙ୍କ ଯେପରି କୌଣସି ଅସୁବିଧା ନ ହୁଏ ତା ଉପରେ ବ୍ୟାପକ ଆଲୋଚନା କରାଯାଇ ଥିଲା। ପେକ୍ସ ପକ୍ଷରୁ ଅପାମରା ଓ ବକଟି ଗାଁ ର ଚାଷୀଙ୍କୁ ନେଇ ଏକ ନୂତନ ଧାନ କ୍ରୟ କେନ୍ଦ୍ର ଖୋଲାଯାଇ ଥିବାରୁ ଉଭୟ ଗାଁ ର ଚାଷୀଙ୍କ ସୁବିଧା ହୋଇପାରିଲା। ଏବଂ ଝରାପାଲି ମାର୍କେଟ କୁ ଯାଇ ଚାଷୀ ଯେଉଁ ହଇରାଣ ହେଉଥିଲେ ସେଥିରୁ ବଞ୍ଚିତ ହେଲେ।।ଏଥିପାଇଁ ଉଭୟ ଗାଁ ର ଚାଷୀଙ୍କ ଭିତରେ ଆନନ୍ଦ ଖେଳିଯାଇଛି।।ଯେପରି କୌଣସି ମାର୍କେଟ ରେ ଧାନ କଟନି ଛଟନି ନ ହେବ ବା ଅନ୍ୟ କୌଣସି ଚାଷୀଙ୍କ ଅସୁବିଧା ନ ହେବ ସେଥିପାଇଁ କର୍ମଚାରି ମାନଙ୍କୁ ତାଗିଦ କରାଯାଇଥିଲା। ବୈଠକ ରେ ଉପସଭାନେତ୍ରୀ ସୁନୀତା କର୍ମି, ଭାରତୀ ମେହେର, ଗୌର ଦନ୍ତା, ଭୁବନେଶ୍ୱର ସେଠ, ସୁଦର୍ଶନ ବେହେରା, ସୁବଳ ପଧାନ, ବଳରାମ ବିଶ୍ୱାଲ, ସରୋଜ ବାରିକ, କିଶୋର ରାଏ, ଉତ୍ତର ପଧାନ ପ୍ରମୁଖ ଯୋଗଦାନ କରି ନିଜସ୍ୱ ମତ ପ୍ରଦାନ କରିଥିଲେ ବୈଠକ ରେ ସଂପାଦକ ଅକୁଂର ପଧାନ ପୂର୍ବ ସଭାର ବିବରଣ ପଠନ ଓ ଅନୁମୋଦନ କରାଇଥିଲେ।।ଏରିଆ ଅଫିସର ପ୍ରଦିପ କୁମାର ବେସନ ଚାଷୀ, ପ୍ରଶାସନ ଓ ବୋର୍ଡ ମିଳିତ ଉଦ୍ୟମ କରି ଧାନ କ୍ରୟ ପ୍ରକିୟା ସୁଚାରୁ ସଂପାଦନ ପାଇଁ ଅନୁରୋଧ କରିଥିଲେ।। ପରିଶେଷ ରେ ନିର୍ଦ୍ଦେଶକ ସରୋଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।।

# ନୂତନ ଫାଣ୍ଡି ସ୍ଥାପନ ପାଇଁ ଜମି ଚିହ୍ନଟ



**କଳାହାଣ୍ଡି,୧୫।୫(ସଂଚାର ବ୍ୟୁରୋ):** ବହୁପ୍ରତିକ୍ଷା ପରେ ଧର୍ମଗଡ଼ ଥାନା ଅନ୍ତର୍ଗତ ପର୍ଲା ଗ୍ରାମ ଠାରେ ଫାଣ୍ଡି ହେବା ଆଶା ସଞ୍ଚାର ଖେଳିଛି।ପ୍ରଶାସନିକ ସ୍ତରରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି।ଆଜି ଧର୍ମଗଡ଼ ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋଲାହର ସହ ଅଧିକାରୀ ବିରେନ୍ଦ୍ର ପଣ୍ଡା, ପର୍ଲା ରାଜସ୍ୱ ନିରକ୍ଷକ ରତେନ୍ଦ୍ର ନିଆଲ, ସରପଞ୍ଚ ବ୍ରିଜଲାଲ ନାଏକ ସମେତ ଗ୍ରାମବାସୀ ଙ୍କ ଉପସ୍ଥିତି ରେ ଜମି ଚିହ୍ନଟ କରାଯାଇଛି। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ପର୍ଲା ଜୟନ୍ତପୁର ରାସ୍ତା ଦେଶୀ ଭାଟି ନିକଟ ବର୍ଷି ଶିଶୋବର୍ଲି ସମ୍ମୁଖରେ ଜମି ଚିହ୍ନଟ ହୋଇଯାଇଛି।ଫାଣ୍ଡି ସ୍ଥାପନ ପାଇଁ ୫ଏକର ସରକାରୀ ଜମି ଧର୍ମଗଡ଼ ତହସିଲଦାର ଯୋଗାଇ ଦେଇଥିବା ଜଣାପଡ଼ିଛି।ଖୁବ ଶୀଘ୍ର ଫାଣ୍ଡି ସ୍ଥାପନ ହେବା ଥାନା ଅଧିକାରୀ ଶ୍ରୀ କୋଲାହର ପ୍ରକାଶ କରିଛନ୍ତି।ସୂଚନା ଯେ କିଛି ଦିନ ତଳେ ସରକାର ନୂତନ ଥାନା ଓ ଫାଣ୍ଡି ସମ୍ପ୍ରସାରଣ ହେବା ନେଇ ସୂଚନା ଦେଇଥିଲେ।ଏନେଇ ପର୍ଲା ଗ୍ରାମବାସୀ କୋରାପୁଟ ସ୍ଥିତ ଦକ୍ଷିଣାଞ୍ଚଳ ପୋଲିସ କମିଶନ ଙ୍କୁ ଏକ ଦାବିପତ୍ର ଦେଇଥିଲେ। ଇତି ପୂର୍ବରୁ ପର୍ଲା ଠାରେ ଫାଣ୍ଡି ସ୍ଥାପନ ନେଇ ସରକାର ଙ୍କ ନିକଟରେ ବାରମ୍ବାର ଦାବୀ ହୋଇ ଆସୁଥିଲା।ଶେଷରେ ଫାଣ୍ଡି ସ୍ଥାପନ ହେବା ଏକ ପ୍ରକାର ସୁନିଶ୍ଚିତ ହୋଇଥିବା ଗ୍ରୀନ ସୂଚନା ମିଳିଛି। ଧର୍ମଗଡ଼ ଥାନା ଅଧୀନ ରେ ମୋଟ ୨ଲକ୍ଷ ରୁ ଉର୍ଦ୍ଧ୍ୱ ଜନସାଧାରଣ ରହିଥିବା ବେଳେ କେବଳ ଗୋଟାଏ ଥାନା ଧର୍ମଗଡ଼ ଠାରେ ରହିଛି।ଜିଲ୍ଲା ର ବିଭିନ୍ନ ଥାନା ଅଧୀନରେ ଅନେକ ଫାଣ୍ଡି ରହିଥିବା ବେଳେ ଧର୍ମଗଡ଼ ଥାନା ଅଧୀନରେ ଗୋଟାଏ ବି ଫାଣ୍ଡି ନ ଥିବା ଯୋଗୁଁ ସାଧାରଣ ଭାବେ ତୁରନ୍ତ ସେବା ରୁ ଲୋକେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇ ଆସୁଛି।ଭୌଗୋଳିକ ମାପକାଠି ଓ ପରିପାର୍ଶ୍ୱତା ଅନୁଯାୟୀ ପର୍ଲା ଠାରେ ଫାଣ୍ଡି ସ୍ଥାପନ ହେବା ଆବଶ୍ୟକ ରହିଛି।ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ କୃଷି ସହ ଅଧିକାରୀ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକ, ବ୍ୟାଙ୍କ, ଆଦର୍ଶ ବିଦ୍ୟାଳୟ, ଶିଶୁ ମନ୍ଦିର, ଇଂରାଜୀ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟ ଆଦି ରହିଅଛି। ଧର୍ମଗଡ଼ ଥାନା ଶେଷ ଭାଗରେ ପର୍ଲା ରହିଥିବା ବେଳେ ଛତିଶଗଡ଼ ସୀମାନ୍ତରେ ଅବସ୍ଥିତ।ଇତି ପୂର୍ବରେ ପର୍ଲା ସୀମାନ୍ତ ଛତିଶଗଡ଼ ସାହାଜ ଖୋଲ ଜଙ୍ଗଲ ମଧ୍ୟରେ ନକ୍ସଲ ମାନଙ୍କ ଗତିବିଧି ନଜର ଥିବା ବେଳେ କମ୍ଭି ଅପରେସନ ବି ହୋଇଥିଲା। ଭୌଗୋଳିକ ସ୍ଥିତି ରୁ ପର୍ଲା ଠାରେ ଫାଣ୍ଡି ହେବା ଜରୁରୀ ଥିବା ବେଳେ ଶେଷରେ ସ୍ଥାପନ ହେବା ଗ୍ରୀନ ସୂଚନା ମିଳିଛି।ଜମି ଚିହ୍ନଟ ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ବ୍ରିଜଲାଲ ନାଏକ ବିଜେପି ମଣ୍ଡଳ ପ୍ରତିନିଧି ପରାସର ସାହୁ, ବିଜେପି ବୁଥ ସଭାପତି ଲଛମନ ଗୋପାଳ, ଅରକ୍ଷିତ ବାରିକ, ସୁବାସ ଦାସ, ପୂର୍ବତନ ସମିତି ସଭ୍ୟ -ଅରୁଣ କୁମାର ଜାଲ, ଗୌରି ଗୋପାଳ, କ୍ରିୟାନୁଷ୍ଠାନ କମିଟି ର ସଦସ୍ୟ ହେତୁରାମ ମେହେର, ଲଛମନ ଦାସ, ପଦ୍ମରାମ ଶବର, ପବିତ୍ର ଗୋପାଳ, ପୂର୍ବତନ ସମିତି ସଭ୍ୟ ଗୟାରାମ ଖରସେଲ, ଲଛମନ ନାଏକ, ମଧୁସୂଦନ ବାଗ, କନ୍ଦର୍ପ ଦାସ ଚନ୍ଦ୍ରଗୁପ୍ତ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଠାକୁରାଣୀ ଯାତ୍ରାରେ ଭକ୍ତଙ୍କ ପ୍ରବଳ ଭିଡ଼



**ପୁରୁଷୋତ୍ତମପୁର,୧୫।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଠାରେ ଚାଲିଥିବା ପଞ୍ଚଠାକୁରାଣୀଙ୍କ ଯାତ୍ରା ନବମ ଦିନରେ ପହଞ୍ଚିଛି। ପଞ୍ଚ ଠାକୁରାଣୀ ମା’ କନକା, କାଳୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦରୀ ବଡବଜାରସ୍ଥିତ ଅସ୍ଥାୟୀ ମନ୍ଦିରରେ ପୂଜାପାଉଛନ୍ତି। ଏଥିଲାଗି ସମଗ୍ର ସହର ଉତ୍ସବମୁଖର ହୋଇପଡିଛି। ଗୁରୁବାର ସଂକ୍ରାନ୍ତି ହୋଇଥିବାରୁ ମା’ଙ୍କ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ଦେଖାଦେଇଛି। ପୁରୁଷୋତ୍ତମପୁର ସମେତ ଆଖପାଖ ଗ୍ରାମବାସୀ ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିବାରେ ଲାଗିଛନ୍ତି।